ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୧୬୮
୨୫ ନଭେମ୍ବର, ୨୦୨୫ ମଙ୍ଗଳବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

8 Pages
Price ₹ 5.00
Vol. 20, Issue No. : 168
25th November, 2025 Tuesday
Bhubaneswar

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ବିତ୍ତେ ତ୍ୟାଗଃ କ୍ଷମା ଶକ୍ତୌ ଦୁଃଖେ ଦୈନ୍ୟବିହୀନତା
ନିର୍ଦମ୍ଭତା ସଦାଚାରେ ସ୍ୱଭାବୋୟଂ ମହାତ୍ମନାମ୍**

ମହାତ୍ମାମାନେ ଧନଶାଳୀ ହେଲେ ତ୍ୟାଗ କରନ୍ତି, ଶକ୍ତିଶାଳୀ ହେଲେ କ୍ଷମା ଆଚରଣ କରନ୍ତି, ଦୁଃଖରେ ଦୀନତା ପ୍ରକାଶ କରନ୍ତି ନାହିଁ, ସଦାଚାରରେ କପଟତା ଅବଲମ୍ବନ କରନ୍ତି ନାହିଁ। ଏହା ସେମାନଙ୍କର ସ୍ୱଭାବ ।

# ଧର୍ମେନ୍ଦ୍ର ଚାଲିଗଲେ

**ମୁମ୍ବାଇ,୨୪।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ବଲିଉଡର ହି'ମ୍ୟାନ ଧର୍ମେନ୍ଦ୍ର ଆଉ ନାହାନ୍ତି। ଆଜି ମୁମ୍ବାଇସ୍ଥିତ ତାଙ୍କ ବାସଭବନରେ ଏହି ମହାନ ଅଭିନେତା ଧର୍ମେନ୍ଦ୍ରଙ୍କ ଦେହାନ୍ତ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା। ବେଶ କିଛି ଦିନ ହେବ ଧର୍ମେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ବିଭିନ୍ନ ପ୍ରକାରର ଖବର ଆସୁଥିଲା। ଏପରି କି ସେ ଚଳିତ ମାସରେ ବେଶ କିଛି ଦିନ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଏହି ସମୟରେ ତାଙ୍କ ମୃତ୍ୟୁକୁ ନେଇ ଗୁଜବ ମଧ୍ୟ ପ୍ରକାଶ ପାଇଥିଲା। ତେବେ ଧର୍ମେନ୍ଦ୍ର ସୁସ୍ଥ ହୋଇ ଘରକୁ ଫେରିଥିଲେ।

ଆଜି କିନ୍ତୁ ସେ ତାଙ୍କ ମୁମ୍ବାଇ ସ୍ଥିତ ବାସଭବନରେ ଥିବା ବେଳେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଆଜି ସକାଳେ ହଠାତ୍ ଧର୍ମେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିଲା। ସ୍ୱତନ୍ତ୍ର ଡାକ୍ତରୀ ଟିମ ତାଙ୍କ ଘରେ ପହଞ୍ଚି ଧର୍ମେନ୍ଦ୍ରଙ୍କ ଚିକିତ୍ସା କରିଥିଲେ। କିନ୍ତୁ ସେମାନଙ୍କ ସବୁ ପ୍ରକାରର ଉଦ୍ୟମ ସତ୍ତ୍ୱେ ସେ ସମସ୍ତଙ୍କୁ ଛାଡି ପରପାରିକୁ ଚାଲି ଯାଇଛନ୍ତି।

ବଲିଉଡର ଏହି ମହାନ କଳାକାରଙ୍କ ବିୟୋଗ ପୂରା ଦେଶ ତଥା ସିନେମା ଜଗତରେ ଶୋକର ଛାୟା ଖେଳାଇ ଦେଇଛି। ଦୀର୍ଘ ୬ ଦଶନ୍ଧି ଧରି ଧର୍ମେନ୍ଦ୍ର ବଲିଉଡରେ ସକ୍ରିୟ ରହିବା ସହ ୩୦୦ରୁ ଅଧିକ ସିନେମାରେ ଅଭିନୟ କରିଥିଲେ। ତାଙ୍କ ଦେହାନ୍ତ ଖବର ପରେ ଏବେ ମୁମ୍ବାଇ ସ୍ଥିତ ଧର୍ମେନ୍ଦ୍ରଙ୍କ ବାସଭବନରେ ତାଙ୍କ ଅନ୍ତିମ ଦର୍ଶନ ପାଇଁ ସେଲିବ୍ରେଟିଙ୍କ ଭିଡ ହେବାରେ ଲାଗିଛି। ଭିଡକୁ ଦୃଷ୍ଟିରେ ରଖି ଧର୍ମେନ୍ଦ୍ରଙ୍କ ବାସଭବନର ୫୦ ମିଟିର ପରିଧି ମଧ୍ୟରେ ବ୍ୟାରିକେଡ କରିଛି।

ଡିସେମ୍ବର ୮ରେ ୯୦ ବର୍ଷରେ ପାଦ ଦେବାକୁ ଯାଉଥିବା ଧର୍ମେନ୍ଦ୍ର ନିକଟରେ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିଥିଲେ। ଏଥିପାଇଁ ତାଙ୍କୁ ମୁମ୍ବାଇର ବ୍ରିଚ କ୍ୟାଣ୍ଡୀ ହସ୍ପିଟାଲରେ ଭର୍ତ୍ତି



କରାଯାଇଥିଲା। ପ୍ରାୟ ଗୋଟିଏ ସପ୍ତାହରୁ ଅଧିକ ଦିନ ହେବ ହସ୍ପିଟାଲରେ ଥିବା ଧର୍ମେନ୍ଦ୍ରଙ୍କ ଅବସ୍ଥା ଜଟିଳ ହେବାରୁ ତାଙ୍କର ଚିକିତ୍ସା ଭେଣ୍ଟିଲେଟର ସହାୟତାରେ କରାଯାଇଥିଲା। କିଛି ଦିନର ଚିକିତ୍ସା ପରେ ସେ ସେ ସୁସ୍ଥ ହୋଇ ଘରକୁ ଫେରିଥିଲେ। ଏହାପୂର୍ବରୁ ଏପ୍ରିଲ ମାସରେ ସେ ନିଜ ଆଖିର ଅପରେସନ ମଧ୍ୟ କରିଥିଲେ। ବୟସ ଅଧିକ ହୋଇ ଯାଇଥିବାରୁ ସେ ନିୟମିତ ଅସୁସ୍ଥ ହେଉଥିବା ଖବର ତାଙ୍କ ଫ୍ୟାନ୍ସକୁ ବିଚଳିତ କରିଥିଲା।

୧୯୬୦ରେ ଦିଲ ଭି ତେରା ହମ ଭି ତେରା ଫିଲ୍ମ ମାଧ୍ୟମରେ ଧର୍ମେନ୍ଦ୍ର ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଏହା ପରେ ଅନପଢ଼, ବନ୍ଦିନୀ, ଅନୁପମା ଓ ଆୟା ସାୱନ ଝୁମ କେ ମାଧ୍ୟମରେ ସେ ବଲିଉଡରେ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡିଥିଲେ। ସେ ରେକର୍ଡ ବ୍ରେକିଂ ଶୋଲେ, ଧରମବୀର, ଚୁପକେ ଚୁପକେ, ମେରା ଗାଁଓ ମେରା ଦେଶ ଓ ଡ୍ରିମ ଗାର୍ଲ ପରି ସୁପରହିଟ ଫିଲ୍ମ ଦର୍ଶକଙ୍କୁ ଭେଟିଥିଲେ।

ତାଙ୍କୁ ଶେଷଥର ପାଇଁ ବାତୋଁ ମେଁ ଏସା ଉଲଝା ଜିୟାରେ ଦେଖିବାକୁ ମିଳିଥିଲା। ଏଥିରେ ଶାହିଦ କପୁର ଓ କୃତି ସାନନ ପ୍ରମୁଖ ଅଭିନୟ କରିଥିଲେ। ନିକଟରେ ତାଙ୍କର ଆଗାମୀ ଫିଲ୍ମ ଏକ୍କିସର ଟ୍ରେଲର ରିଲିଜ ହୋଇଛି। ଏଥିରେ ଧର୍ମେନ୍ଦ୍ରଙ୍କ ଭୂମିକାକୁ ବେଶ ପସନ୍ଦ କରାଯାଉଛି। ଫିଲ୍ମଟି ଡିସେମ୍ବର ୨୫ରେ ରିଲିଜ ହେବ। ଏହି ସିନେମା ଜରିଆରେ ଅମିତାଭ ବଚ୍ଚନଙ୍କ ନାତି ଅଗସ୍ତ୍ୟ ନନ୍ଦା ଡେବ୍ୟୁ କରିବେ। ତେଣୁ ପୂରା ବଲିଉଡର ନଜର ଏହି ସିନେମା ଉପରେ ରହିଛି।

୧୯୩୫ ଡିସେମ୍ବର ୮ରେ ପଞ୍ଜାବ ଲୁଧିଆନାରେ ଜନ୍ମଗ୍ରହଣ କରିଥିଲେ ଧର୍ମେନ୍ଦ୍ର। ତାଙ୍କ ପୂରା ନାଁ ଧର୍ମେନ୍ଦ୍ର ଦେଓଲ। ଶିଖ ପରିବାରରେ ତାଙ୍କ ଜନ୍ମ ହୋଇଥିଲା। ଶିକ୍ଷାଗତ ଯୋଗ୍ୟତା କହିଲେ ଧର୍ମେନ୍ଦ୍ର ଦ୍ୱାଦଶ ଶ୍ରେଣୀ ଯାଏ ପଢ଼ିଛନ୍ତି। ଅଭିନୟ ପ୍ରତି ସେ ରୁଚି ରଖିଥିବାରୁ ସମୟକ୍ରମେ ସେ ବଲିଉଡର କିମ୍ବଦନ୍ତୀ ପାଲଟି ଯାଇଥିଲେ। ରୋମାଣ୍ଟିକ୍‌ଠାରୁ ଆରମ୍ଭ କରି ଆକ୍ସନ ଫିଲ୍ମରେ ଧର୍ମେନ୍ଦ୍ର ନିଜର ସ୍ୱତନ୍ତ୍ର ଛାପ ଛାଡିଛନ୍ତି। ୧୯୬୦ ମସିହାରେ ରିଲିଜ ହୋଇଥିବା 'ଦିଲ୍ ଭି ତେରା ହମ୍ ଭି ତେରା' ତାଙ୍କୁ ପରିଚିତ କରିଥିଲା। ଆଉ ତା'ପରଠାରୁ ଧର୍ମେନ୍ଦ୍ରଙ୍କୁ ମିଳିଥିଲା ଗୋଟିଏ ପରେ ଗୋଟିଏ ଫିଲ୍ମ ଅଫର। ୧୯୬୬ରେ ଧର୍ମେନ୍ଦ୍ର ବଲିଉଡକୁ ଦେଇଥିଲେ ବ୍ଲକବଷ୍ଟର ଫିଲ୍ମ 'ଫୁଲ୍ ଔର ପଥର'। ଆଉ ସେଇଠୁ ଧର୍ମେନ୍ଦ୍ର ପାଇଥିଲେ ରୋମାଣ୍ଟିକ୍ ହିରୋର ଫେମ। ହେଲେ ତାଙ୍କର ହାଇଟ୍ ଆଉ ହ୍ୟାଣ୍ଡସମ୍ ଲୁକ୍ ପାଇଁ ପରବର୍ତ୍ତୀ ସମୟରେ ତାଙ୍କୁ ମିଳିଥିଲା ଆକ୍ସନ ଫିଲ୍ମର ଅଫର। ଆକ୍ସନ ଫିଲ୍ମରେ ମଧ୍ୟ ସେ ଅତି ସୁନ୍ଦର ଅଭିନୟର ଚାତୁରି ଦେଖାଇଥିଲେ।

ସେହିଭଳି ୧୯୭୦ ମସିହାରେ ରାଖୱାଲା, ୧୯୭୧ ମସିହାରେ ମେରା ଗାଁ ମେରା ଦେଶ ଓ ୧୯୭୩ ମସିହାରେ 'ଜଗନୁ' ଭଳି ଚଳଚ୍ଚିତ୍ରରେ ବେଶ୍ ସୁନ୍ଦର ଅଭିନୟ କରି ଦର୍ଶକଙ୍କ ହୃଦୟ ଜିତିଥିଲେ ଧର୍ମେନ୍ଦ୍ର। *(ଶେଷ ପୃଷ୍ଠା ଦେଖନ୍ତୁ)*

# ବଢ଼ିଲା ଓଟିଇଟି ୨୦୨୫ ପରୀକ୍ଷା ଫର୍ମ ଅବଧି

**କଟକ,୨୪।୧୧
ଏକ୍ସପ୍ରେସ୍ ନ୍ୟୁଜ୍**

ଓଟିଇଟି ପରୀକ୍ଷା-୨୦୨୫ ପାଇଁ ଫର୍ମ ପୂରଣ ଆବେଦନ ଅବଧି ନଭେମ୍ବର ୨୭ ତାରିଖକୁ ବୃଦ୍ଧି ପାଇଛି। ସୂଚନାଯୋଗ୍ୟ, ଫର୍ମ ପୂରଣ ଅବଧି ବୃଦ୍ଧି କରିବା ନେଇ ସମଗ୍ର ରାଜ୍ୟରୁ ବହୁ ପ୍ରାର୍ଥୀ ଅନୁରୋଧ କରିଥିଲେ। ଏହି ଅନୁରୋଧକୁ ବିଚାର କରି, ମାଧ୍ୟମିକ ଶିକ୍ଷା ପରିଷଦ ବୋର୍ଡ଼ ପକ୍ଷରୁ ଓଟିଇଟି ୨୦୨୫ ପରୀକ୍ଷା ପାଇଁ ଫର୍ମ ପୂରଣ ଆବେଦନ ଅବଧି ନଭେମ୍ବର ୨୭କୁ ବୃଦ୍ଧି କରାଯାଇଥିବା ନେଇ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି । ନଭେମ୍ବର ୨୭ ତାରିଖ ପରେ ଆଉ କୌଣସି ସମୟ ଅବଧି ବୃଦ୍ଧି କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ବୋର୍ଡ଼ ପକ୍ଷରୁ ସୂଚନା ଦିଆଯାଇଛି।

ଓଟିଇଟି ପରୀକ୍ଷା ଡିସେମ୍ବର ୧୭ରେ ଅନୁଷ୍ଠିତ ହେବ। ପେପର-୧ ସକାଳ ୯ ଟାରୁ ୧୧.୩୦ ପର୍ଯ୍ୟନ୍ତ। ପେପର-୨ ଅପରାହ୍ନ ୨ ଟାରୁ ୪.୩୦ ପର୍ଯ୍ୟନ୍ତ। ପ୍ରାର୍ଥୀମାନେ ଡିସେମ୍ବର ୧୦ରୁ ଅଫିସିଆଲ୍ ୱେବସାଇଟ୍‌ରୁ ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ।

# ନବଜାତ ଶିଶୁ ବିକ୍ରି

**ଦଶରଥପୁର,୨୪।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟର ଆଗୁଆ ଜିଲ୍ଲା ଭାବେ ଯାଜପୁର ଅନ୍ୟତମ। ମାତ୍ର ସାଧାରଣ ଲୋକଟିଏ ବଞ୍ଚିବାର ବା ମୌଳିକ ଅଧିକା ପାଇପାରୁ ନାହିଁ। ପାଖରେ ପହଞ୍ଚି ପାରୁନାହିଁ ସରକାରଙ୍କ ସଚେତନତା ବାର୍ତ୍ତା। ଯାଜପୁରର ଏପରି ବିକଳ ଚିତ୍ର ବାରମ୍ବାର ଦେଖିବାକୁ ମିଳୁଛି।

ସୂଚନା ଅନୁସାରେ ଦଶରଥପୁର ବ୍ଲକର ଗୋପାଳପୁର ପଂଚାୟତ ବିଭୁତିପୁର ଗ୍ରାମର ନରେନ୍ଦ୍ର ଜେନା ଓ ସୁଲୋଚନା ଜେନାଙ୍କର ୩ ଦିନର ଶିଶୁ କନ୍ୟାକୁ ଯାଜପୁରସ୍ଥିତ ତାଙ୍କ ଭଉଣୀଙ୍କୁ ବିକ୍ରି କରି ଦେଇଥିବାର ଅଭିଯୋଗ ହୋଇଛି। ଗୋପାଳପୁର ପଞ୍ଚାୟତର ଅଙ୍ଗନବାଡି କର୍ମୀଙ୍କ ଅଭିଯୋଗ ଅନୁଯାୟୀ ନଭେମ୍ବର ୨୧ତାରିଖରେ ବିଭୁତିପୁର ଗ୍ରାମର ନରେନ୍ଦ୍ର ଜେନାଙ୍କ ପତ୍ନୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। କିନ୍ତୁ ଦମ୍ପତି ଯେତେବେଳେ ଘରକୁ ଫେରିଥିଲେ ତାଙ୍କ ସହ ନବଜାତ ଶିଶୁଟି ନଥିଲା। ଯେଉଁଥିପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ପରେ ଶିଶୁଟିକୁ ଯାଜପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ୬୦ହଜାର ଟଙ୍କାରେ ବିକ୍ରି କରିଦେଇଥିବା ଶୁଣିବାକୁ ମିଳିଥିଲା। ଯାହାକୁ କେନ୍ଦ୍ର କରି ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଛାନଭିନ ଆରମ୍ଭ କରିବା ସହ ସୋମବାର ଯାଜପୁର ଅଞ୍ଚଳରୁ ଶିଶୁ କନ୍ୟାଟିକୁ ଉଦ୍ଧାର କରିଛି।

ଅନ୍ୟପଟେ ଶିଶୁଟିକୁ ନରେନ୍ଦ୍ର ତାଙ୍କ ସମ୍ପର୍କୀୟଙ୍କୁ ଦେଇଥିବା ଦଶରଥପୁର ବ୍ଲକ ଶିଶୁ ସୁରକ୍ଷା ଅଧିକାରୀଣୀ ଶାନ୍ତିଲତା ସେଠି ସୂଚନା ଦେଇଛନ୍ତି। ଏ ନେଇ ଦଶରଥପୁର ଥାନାରେ ଅଭିଯୋଗ ହୋଇଛି। ଦୁଃଖ ଓ ପରିତାପର ବିଷୟ ଅଭାବ ଅନାଟନରୁ ଏଭଳି ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏଣୁ ତାଙ୍କ ପରିବାରକୁ ସରକାରୀ ସହାୟତା ଦେବାକୁ ସାଧାରଣ ଦାବି ହେଉଛି।

# ଗର୍ଜିଲେ ଅଙ୍ଗନବାଡି ଦିଦି

**ଭୁବନେଶ୍ୱର,୨୪।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜଧାନୀ ରାଜରାସ୍ତାରେ ଗର୍ଜିଲେ ଅଙ୍ଗନୱାଡି କର୍ମୀ। ୧୧ ଦଫା ଦାବି ନେଇ ଅଙ୍ଗନୱାଡି କର୍ମୀ ଆଜି ଗାନ୍ଧୀ ମାର୍ଗରେ ଶହଶହ ଅଙ୍ଗନୱାଡି କର୍ମୀ ଏକାଠି ହୋଇ ବିଶାଳ ସମାବେଶ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅଙ୍ଗନୱାଡି କର୍ମୀଙ୍କୁ ଶିକ୍ଷକ ମାନ୍ୟତା ଦାବି କରିବା ସହ ଦରମା ୧୮ ହଜାର ଟଙ୍କା ଦରମା ବୃଦ୍ଧି ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଅଙ୍ଗନୱାଡି କର୍ମୀମାନେ ଚେତାବନୀ ଦେଇଛନ୍ତି।

ତେବେ ଅଙ୍ଗନବାଡି ଦିଦିଙ୍କ ପ୍ରମୁଖ ଦାବିଗୁଡିକ ହେଉଛି ଆଇସିଡିଏସ୍ ପ୍ରକଳ୍ପକୁ ସ୍ଥାୟୀ କରିବା, ଅଙ୍ଗନୱାଡି କର୍ମୀ ଓ ସହକର୍ମୀମାନଙ୍କୁ ସରକାରୀ କର୍ମଚାରୀ ଘୋଷଣା, ମାସିକ ଦରମା ୧୮ ହଜାର ଏବଂ ସହକର୍ମୀଙ୍କୁ ୯ ହଜାର ଟଙ୍କା ପ୍ରଦାନ କରିବା, ୨୦୨୪ ନିର୍ବାଚନ ଇସ୍ତାହାରରେ ଦିଆଯାଇଥିବା ବେତନ ବୃଦ୍ଧି ପ୍ରତିଶ୍ରୁତି ଲାଗୁ କରିବା ଏବଂ ଯୋଗ୍ୟତା ଆଧାରରେ ଅଙ୍ଗନୱାଡି କର୍ମୀଙ୍କୁ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ପ୍ରଦାନ।

# ଅବସର ନେଲାପରେ ସରକାରୀ ଗାଡ଼ି ଛାଡ଼ିଦେଲେ ଜଷ୍ଟିସ ଗଭାଇ

**ନୂଆଦିଲ୍ଲୀ,୨୪।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ବି.ଆର. ଗଭାଇ ଭାରତର ମୁଖ୍ୟ ବିଚାରପତି ଭାବରେ ଅବସର ଗ୍ରହଣ କରିଛନ୍ତି। ଜଷ୍ଟିସ ସୂର୍ଯ୍ୟକାନ୍ତ ସୋମବାର ଦିନ ଭାରତର ମୁଖ୍ୟ ବିଚାରପତି/ସିଜେଆଇ ଭାବରେ ଶପଥ ଗ୍ରହଣ କରିଥିଲେ ଏବଂ ତାଙ୍କ କାର୍ଯ୍ୟଭାର ଗ୍ରହଣ କରିଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ରାଷ୍ଟ୍ରପତି ଭବନରେ ଶପଥ ପାଠ କରାଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମେତ ଅନ୍ୟ ଅନେକ ମନ୍ତ୍ରୀ ଓ ନେତା ରାଷ୍ଟ୍ରପତି ଭବନରେ ଉପସ୍ଥିତ ଥିଲେ। ତେବେ ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଶପଥ ଗ୍ରହଣ ଉତ୍ସବ ପରେ, ପୂର୍ବତନ ସିଜେଆଇ ବି.ଆର. ଗଭାଇ ଏକ ପଦକ୍ଷେପ ନେଇଥିଲେ ଯାହାକୁ ବ୍ୟାପକ ଭାବରେ ପ୍ରଶଂସା କରାଯାଇଛି। ସ୍ୱଚ୍ଛତାର ଏକ ଉଦାହରଣ ଭାବେ ଏହାକୁ ଦେଖାଯାଉଛି ।

ନୂତନ ସିଜେଆଇ ସୂର୍ଯ୍ୟକାନ୍ତଙ୍କ ଶପଥ ଗ୍ରହଣ ଉତ୍ସବ ସମାପ୍ତ ହେବା *(ଶେଷ ପୃଷ୍ଠା ଦେଖନ୍ତୁ)*

# ରାଜଧାନୀର ପ୍ରମୁଖ ରାସ୍ତାରେ ପାର୍କିଂ ମନା

**ଭୁବନେଶ୍ୱର,୨୪।୧୧
ଏକ୍ସପ୍ରେସ୍ ନ୍ୟୁଜ୍**

ଟ୍ରାଫିକ୍ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ, କମିସନରେଟ୍ ପୁଲିସ ରାଜଧାନୀ ଭୁବନେଶ୍ୱରର ପ୍ରମୁଖ ରାସ୍ତାରେ ପାର୍କିଂ କଟକଣା ଲାଗୁ କରିଛି। ପୁଲିସ କମିସନର ସୁରେଶ ଦେବଦତ୍ତ ସିଂହଙ୍କ ଦ୍ୱାରା ଜାରି କରାଯାଇଥିବା ଏକ ବିଜ୍ଞପ୍ତି ଅନୁଯାୟୀ, ବ୍ୟସ୍ତବହୁଳ ଅଞ୍ଚଳରେ ରାସ୍ତା କଡ଼ରେ ଯାନବାହାନ ପାର୍କିଂ କରିବା ନିଷେଧ କରାଯାଇଛି।

ଓଡ଼ିଶା ସହରାଞ୍ଚଳ ପୁଲିସ ଆଇନ,୨୦୦୩ ଅନୁଯାୟୀ ଲାଗୁ ହୋଇଥିବା ଏହି କଟକଣାଗୁଡ଼ିକର ଲକ୍ଷ୍ୟ



ଟ୍ରାଫିକ୍ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଏବଂ ଦୁର୍ଘଟଣା ରୋକିବା। ଅନିୟମିତ ପାର୍କିଂ ଯୋଗୁ ରାସ୍ତାରେ ଭିଡ଼ ହେଉଛି। ଫଳରେ ଯାନବାହାନ ଚଳାଚଳରେ ବାଧା ହୋଇ ଯାତ୍ରୀଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେଉଛି।

ଟ୍ରାଫିକ ଶୃଙ୍ଖଳା ବଜାୟ ରଖିବା ଏବଂ ଅସୁବିଧା ଏଡାଇବା ପାଇଁ ପୁଲିସ ନାଗରିକମାନଙ୍କୁ କର୍ତ୍ତୃପକ୍ଷଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଛି। କମିସନରେଟ୍ ପୁଲିସ ଏକ ନୋଟିସରେ କହିଛି ଯେ ଭୁବନେଶ୍ୱର ସହରର ବିଭିନ୍ନ ପ୍ରମୁଖ ରାସ୍ତାରେ ଯାନବାହାନର ଅବାଧ ପାର୍କିଂ ଟ୍ରାଫିକ ନିୟନ୍ତ୍ରଣରେ ବାଧା ସୃଷ୍ଟି କରୁଛି। ଯାହା ଫଳରେ ଭିଡ଼ ଏବଂ ଯାତ୍ରୀମାନଙ୍କୁ ଅସୁବିଧା ହେଉଛି। ଏହା ଜନସାଧାରଣଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି। ଭୁବନେଶ୍ୱରରେ ସୁଗମ ଟ୍ରାଫିକ୍ ଏବଂ ଯାତ୍ରୀ ସୁରକ୍ଷା ବୃଦ୍ଧି ପାଇଁ ପାର୍କିଂ ନିୟନ୍ତ୍ରଣ କରିବା ଆବଶ୍ୟକ ବୋଲି ମନେ କରାଯାଉଛି, ଏବଂ ଓଡ଼ିଶା ସହରାଞ୍ଚଳ ପୁଲିସ ଆଇନ, ୨୦୦୩ (୨୦୦୭ର ଓଡ଼ିଶା ଆଇନ ୮)ର ଧାରା ୨୮ ଏବଂ ୨୯, ଭୁବନେଶ୍ୱର-କଟକ ପୁଲିସ କମିସନରେଟ୍ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଯୁବକଙ୍କୁ ମାରି ଫିଙ୍ଗିଦେଲେ

**ଭୁବନେଶ୍ୱର,୨୪।୧୧
ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନେଶ୍ୱର ଚନ୍ଦକା ଥାନା ଗୋଡିବାରି ଅଞ୍ଚଳରେ ଜଣେ ଯୁବକଙ୍କୁ ହତ୍ୟା କରି ରାଜପଥ କଡ଼ରେ ଫିଙ୍ଗି ଦିଆଯାଇଛି। ଘଟଣା ସ୍ଥଳରେ ଚନ୍ଦକା ଥାନା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ ମୃତ ଯୁବକ ଜଣକ ଏକ ଟେଣ୍ଟ ହାଉସରେ କାମ କରୁଥିଲେ ଏବଂ ତାଙ୍କ ଘର ଯାଜପୁର ଜିଲ୍ଲାରେ ବୋଲି ଜଣାପଡ଼ିଛି। ମଦ ପିଉଥିବା ଅବସ୍ଥାରେ ଯୁବକଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ହତ୍ୟାର କାରଣ ଜଣାପଡିନାହିଁ।

# ଏଣିକି ବର୍ଷରେ ଏକାଧିକଥର ନିଯୁକ୍ତି ପରୀକ୍ଷା

**ଭୁବନେଶ୍ୱର,୨୪।୧୧
ଏକ୍ସପ୍ରେସ୍ ନ୍ୟୁଜ୍**

ଚାକିରି ଆଶାୟୀ ଯୁବବର୍ଗଙ୍କ ପାଇଁ ଖୁସିଖବର। ଏଣିକି ବର୍ଷକୁ ଥରେ ବଦଳରେ ଏକାଧିକଥର ନିଯୁକ୍ତି ପରୀକ୍ଷା ହେବ। 'ମିଳିତ ସ୍ନାତକସ୍ତର ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ-୨୦୨୨'ରେ ଏକ ବଡ ସଂଶୋଧନ ସହ ପଦବୀ ସଂଖ୍ୟା ମଧ୍ୟ ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ନିଯୁକ୍ତି ସହ ଜଡିତ ସାଧାରଣ ପ୍ରଶାସନ ବିଭାଗର ୩ଟି ପ୍ରସ୍ତାବକୁ ଆଜି କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। କ୍ୟାବିନେଟ୍ ନିଷ୍ପତ୍ତି ଫଳରେ ରାଜ୍ୟରେ ଚାକିରି ଆଶାୟୀଙ୍କୁ ଅଧିକ ସୁବିଧା ମିଳିବ।

### କ୍ୟାବିନେଟ୍ ନିଷ୍ପତ୍ତି

ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ଅଧୀନସ୍ଥ ଖ-ବର୍ଗ ଓ ଗ-ବର୍ଗର ବିଭିନ୍ନ ପଦବୀରେ ନିଯୁକ୍ତି ପାଇଁ ଥିବା 'ମିଳିତ ସ୍ନାତକ ସ୍ତର ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ-୨୦୨୨'ରେ ସଂଶୋଧନକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ପୂର୍ବରୁ ଓଡିଶା ଷ୍ଟାଫ ସିଲେକ୍ସନ ଆୟୋଗ (ଓଏସଏସସି) କେବଳ ବର୍ଷକୁ ଥରେ ମାତ୍ର ବିଜ୍ଞପ୍ତି ପ୍ରକାଶ କରି ମିଳିତ ନିଯୁକ୍ତି ପରୀକ୍ଷା ପରିଚାଳନା କରୁଥିଲେ। ମାତ୍ର ବର୍ତ୍ତମାନର ସଂଶୋଧନ ଅନୁଯାୟୀ, ପ୍ରଥମ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଯଦି ସେହି କ୍ୟାଲେଣ୍ଡର ବର୍ଷରେ ଆୟୋଗ ପାଖରେ ଅଧିକ ପଦବୀ ନିଯୁକ୍ତି ପାଇଁ ରିକ୍ୟୁଜିସନ୍ ଆସେ, ସରକାରଙ୍କ ଅନୁମୋଦନ କ୍ରମେ ଆୟୋଗ ଆଉ ଏକ ବିଜ୍ଞପ୍ତି ପ୍ରକାଶ କରିପାରିବେ। ଏହି ନିଷ୍ପତ୍ତି ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ।

ସେହିପରି ମିଳିତ ସ୍ନାତକ ସ୍ତର ନିଯୁକ୍ତି ନିୟମାବଳୀରେ (ଗ୍ରୁପ-ବି, ଗ୍ରୁପ-ସି) ଆହୁରି ୪ ଗୋଟି ନୂତନ ପଦବୀକୁ ସାମିଲ କରିବାକୁ କ୍ୟାବିନେଟ୍ ଅନୁମୋଦନ ଦେଇଛି। ଏହାପୂର୍ବରୁ ଏହି ରୁଲସରେ ମୋଟ୍ ୨୦ ଗୋଟି ଭିନ୍ନ ଭିନ୍ନ ପଦବୀ ସାମିଲ୍ ଥିଲା। ଏହି ସଂଶୋଧନ ପରେ ଓଡିଶା ଷ୍ଟାଫ ସିଲେକ୍ସନ ଆୟୋଗ (ଓଏସଏସସି) ସର୍ବମୋଟ ୨୪ ଗୋଟି ପଦବୀକୁ ଗୋଟିଏ ମିଳିତ ପରୀକ୍ଷାରେ ପରିଚାଳିତ କରିପାରିବ।

ରାଜ୍ୟ ସରକାରଙ୍କ ଅଧୀନସ୍ଥ ଖ-ବର୍ଗ ଓ ଗ-ବର୍ଗ ଅନ୍ତର୍ଗତ ସ୍ୱତନ୍ତ୍ର ସେବା ଓ ପଦବୀ ପାଇଁ ଥିବା 'ମିଳିତ ସ୍ନାତକ ସ୍ତର ନିଯୁକ୍ତି ପ୍ରକ୍ରିୟା *(ଶେଷ ପୃଷ୍ଠା ଦେଖନ୍ତୁ)*

# ଧନୁଯାତ୍ରା ପାଇଁ ଶୁଭ ସ୍ତମ୍ଭ ସ୍ଥାପିତ

**ବରଗଡ,୨୪।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ବିଶ୍ୱର ସର୍ବବୃହତ ଖୋଲା ରଂଗ ମଞ୍ଚ ଭାବେ ପ୍ରସିଦ୍ଧି ଲାଭ କରିଥିବା ବରଗଡ଼ର ଧନୁଯାତ୍ରା ମହୋତ୍ସବ ଆୟୋଜନ ପାଇଁ ବାଜିଛି ଶୁଭଶଙ୍ଖ। ଯେପରି ଯାତ୍ରା ସୁରୁଖୁରୁରେ ସମାପନ ହେବ ସେଥିପାଇଁ ସ୍ଥାପିତ ହୋଇଛି ଶୁଭ ସ୍ତମ୍ଭ। ବରଗଡର ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ସହର ପରିକ୍ରମା କରି ହାଟପଦା ସଞ୍ଚାର ମଣ୍ଡପକୁ ପହଞ୍ଚିଥିଲା, ସେଠାରେ ରାଜ ପୁରୋହିତଙ୍କ ପାରମ୍ପରିକ ପୂଜାର୍ଚ୍ଚନା ପରେ ସୁଭସ୍ତମ୍ଭ ସ୍ଥାପିତ ହୋଇଛି।

ରାଜ ପୁରୋହିତଙ୍କ ପୂର୍ବ ଲଗ୍ନ ଧାର୍ଯ୍ୟ ଅନୁସାରେ ସୋମବାର ସନ୍ଧ୍ୟାରେ ବରଗଡର ଅଧିଷ୍ଠାତ୍ରୀ ଦେବୀ ମା ସମଲେଇଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ସେଠାରୁ ଏକ ଶୋଭାଯାତ୍ରା ବାହାରି ସହର ମୁଖ୍ୟ ରାସ୍ତାଦେଇ ହାଟପଦା ପଡ଼ିଆ ସ୍ଥିତ ସଂଚାର ମଣ୍ଡଳୀକୁ ପହଞ୍ଚିଥିଲା। ସେଠାରେ ରାଜ ପୁରୋହିତଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା ।

ବରଗଡ଼ ଜିଲ୍ଲାପାଳ ତଥା ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ଆଦିତ୍ୟ ଗୋୟଲ୍ ଓ ଏସପି ପ୍ରହଲ୍ଲାଦ ସହାଇ ମୀନା କର୍ତ୍ତା ଦାୟିତ୍ୱ ନେଇ ଧନୁଯାତ୍ରା ପାଇଁ ଶୁଭ ସ୍ତମ୍ଭ ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଧନୁଯାତ୍ରାର ବିଭିନ୍ନ କମିଟିର ସଦସ୍ୟ ସହ ଧନୁଯାତ୍ରାର କଳାକାର ଓ ଜନ ସାଧାରଣ ସାମିଲ ହୋଇଥିଲେ। ତେବେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ମଦ୍ୟପ ଡ୍ରାଇଭରର ସିରିଜ୍ ଦୁର୍ଘଟଣା: ୪ ଆହତ

**କଟକ,୨୪।୧୧
ଏକ୍ସପ୍ରେସ୍ ନ୍ୟୁଜ୍**

ଜଣେ ମଦ୍ୟପ ମିନିଟ୍ରକ ଡ୍ରାଇଭର ସୋମବାର ଅପରାହ୍ନରେ କଟକରେ ସିରିଜ ଦୁର୍ଘଟଣା ଘଟାଇଛି। ଏକ ଚିପସ୍ ଓଜେଇ ମିନିଟ୍ରକ (ଓଡ଼ି୦୫ବିଏସ୦୬୦୫) ଜୁଡ଼ିସିଆଲ ଏକାଡେମୀ ଛକରେ ପ୍ରଥମେ ଏକ ପାସେଞ୍ଜର ଅଟୋକୁ ଧକ୍କା ଦେଇଥିଲା। ଏହାପରେ ମିନିଟ୍ରିକଟି ଦ୍ରୁତ ଗତିରେ ଘଟଣା ସ୍ଥଳରୁ ପଳାଇ ଯାଇ ଡଗରପଡ଼ା ହନୁମାନ ମନ୍ଦିର ଛକରେ ବାଇକରେ ଯାଉଥିବା ଜଣେ ବ୍ୟକ୍ତି ଓ ମହିଳାଙ୍କୁ ଧକ୍କା ଦେଇଥିଲା। ଏହି ସିରିଜ ଦୁର୍ଘଟଣା ଘଟାଇ ମଦ୍ୟପ ମିନିଟ୍ରକ ଡ୍ରାଇଭର ଫେରାର ହୋଇ ଯାଉଥିବା ବେଳେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ମା'କ୍ଷୀରରେ ୟୁରାନିୟମ: ଶିଶୁ ଖାଦ୍ୟର ମାନ ଯାଞ୍ଚ ହେଉ

**ଭୁବନେଶ୍ୱର,୨୪।୧୧: ତଥ୍ୟ**

ବିହାରରେ କେତେକ ନମୁନାରୁ ମା'କ୍ଷୀରରେ ୟୁରାନିୟମ ଥିବା ଜଣାପଡିବା ପରେ ଏ ପ୍ରସଂଗରେ ଓଡ଼ିଶାରେ ବି ପରୀକ୍ଷା ନିରୀକ୍ଷା କରିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଉଛନ୍ତି। ମା'କ୍ଷୀରରେ ୟୁରାନିୟମ ରହିଲେ ଶିଶୁମାନଙ୍କୁ କ୍ୟାନସର ସମେତ ବିଭିନ୍ନ ପ୍ରକାର ରୋଗ ହେବାର ସମ୍ଭାବନା ଥିବା ପରିପ୍ରେକ୍ଷୀରେ ଏହା ଉପରେ ଓଡ଼ିଶା ସମେତ ସାରା ଦେଶରେ ଗବେଷଣା କରାଯିବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଉଛି।

ଏଠାରେ ଉଲ୍ଲେଖନୀୟ ଯେ ଗୋଟିଏ ସମୟରେ ଶିଶୁ ଓ ମାତୃ ମୃତ୍ୟୁହାର ଉଦ୍‌ବେଗଜନକ ଥିଲା। ଗତ କିଛିବର୍ଷ ମଧ୍ୟରେ ଏହି ହାର କମୁଥିବା କୁହାଯାଉଛି। ବିଶେଷକରି କିଶୋରୀ, ମା' ଓ ଶିଶୁମାନଙ୍କୁ ବିଭିନ୍ନ କିସମର ପୋଷଣ ଯୁକ୍ତ ଖାଦ୍ୟ ଓ ଔଷଧପତ୍ର ସରକାର ମାଗଣାରେ ଯୋଗାଇଦେବା ସହିତ ବିଦ୍ୟାଳୟ ଓ ଅଙ୍ଗନବାଡ଼ିଗୁଡ଼ିକରେ ମାଗଣା ଖାଦ୍ୟ ପରିବେଷଣ କରିବାରୁ ଏକ୍ଷେତ୍ରରେ ପ୍ରଗତି ଆସୁଛି। ଏହା ସତ୍ତ୍ୱେ ବି ଓଡ଼ିଶାରେ ମହିଳା ଓ ଶିଶୁମାନଙ୍କ ଭିତରେ ପୁଷ୍ଟିହୀନତା, ରକ୍ତହୀନତାର ଆଦିର ପ୍ରାଦୁର୍ଭାବ ରହିଛି।

ଶିଶୁ ଓ ମା'ମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆଣିବା ପାଇଁ ସରକାର ଯୋଗାଇ ଦେଉଥିବା ଏବଂ ବଜାରରେ ଉପଲବ୍ଧ ହେଉଥିବା ପୁଷ୍ଟିକର ଖାଦ୍ୟ ଓ ଅନ୍ୟାନ୍ୟ ଔଷଧପତ୍ରରେ କ'ଣସବୁ ଉପାଦାନ ରହୁଛି



ତା'ର ନିୟମିତ ଯାଞ୍ଚ ଲାଗି ବିଭିନ୍ନ ମହଲରୁ ବାରମ୍ବାର ଦାବି ଉଠୁଛି।

ବିଶେଷକରି ଅତ୍ୟଧିକ ରାସାୟନିକ ସାର, ହରମୋନ୍ ଓ କୀଟନାଶକ ପ୍ରୟୋଗ, ଖାଦ୍ୟ ଶସ୍ୟ ସଂରକ୍ଷଣ ଲାଗି ବ୍ୟବହାର କରାଯାଉଥିବା ରାସାୟନିକ ପଦାର୍ଥ, ପାନୀୟ ଜଳ ଆଦିରେ କ'ଣସବୁ ପ୍ରତିକୂଳ ଉପାଦାନମାନ ରହୁଛି ତାହାର ମଧ୍ୟ ଯାଞ୍ଚ ହେବା ଆବଶ୍ୟକ। ଏହାଛଡ଼ା ମାଛ, ଅଣ୍ଡା, ଚିଙ୍ଗୁଡ଼ି, ମାଂସ ଆଦିର ଉତ୍ପାଦନ ବଢ଼ାଇବା ପାଇଁ ପ୍ରୟୋଗ କରାଯାଉଥିବା ରାସାୟନିକ ପଦାର୍ଥର ଶରୀର ଉପରେ କିପରି ପ୍ରତିକୂଳ ପ୍ରଭାବ ପକାଉଛି ତାହା ଉପରେ ଅନଧ୍ୟାନ ଲାଗି ବିଶେଷଜ୍ଞମାନେ ମତ ପ୍ରକାଶ କରୁଛନ୍ତି। ଏହାଛଡ଼ା ମା' ଓ ଶିଶୁମାନଙ୍କ ଦିଆଯାଉଥିବା ଦୁଗ୍ଧ, ଛେନା ଆଦିର ଗୁଣବତ୍ତା ମଧ୍ୟ ନିୟମିତ ପରୀକ୍ଷା ହେବା ଆବଶ୍ୟକ।

ଓଡ଼ିଶାରେ ଏବେ ଶିଶୁମାନଙ୍କର ବିଭିନ୍ନ ରୋଗ ଦେଖାଦେଇଛି। ବର୍ଷକୁ ବର୍ଷ ଥାଲାସେମିଆ ଆକ୍ରାନ୍ତ ଶିଶୁଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଥିବା ଚିକିତ୍ସା ବିଜ୍ଞାନୀମାନେ ଉଦ୍‌ବେଗର ସହ କହୁଛନ୍ତି। ଏହାର ନିରାକରଣ ଲାଗି ସର୍ବପ୍ରଥମେ ଜଳ, ବାୟୁ ଓ ମୃତ୍ତିକା ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ସଂଗେ ସଂଗେ ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ଖାଦ୍ୟ ପାନୀୟ କିଭଳି ସମସ୍ତଙ୍କ ପାଇଁ ଉପଲବ୍ଧ ହେବ ସେ ଦିଗରେ ସମସ୍ତ ସରକାରୀ ସଂସ୍ଥା, ନିର୍ବାଚିତ ଲୋକ ପ୍ରତିନିଧି, *(ଶେଷ ପୃଷ୍ଠା ଦେଖନ୍ତୁ)*

# ପ୍ରବଳ ଘନ କୁହୁଡ଼ିର ଚାଦର, ଦିଶିଲାନି ସୂର୍ଯ୍ୟ ମନ୍ଦିର

**କୋଣାର୍କ: ଏକ୍ସପ୍ରେସ ନ୍ୟୁଜ୍**

ଶୀତୁଆ ସକାଳରେ ଘନ କୁହୁଡ଼ି । ମୁହଁକୁ ମୁହଁ ଦିଶୁନି । ଘନ କୁହୁଡ଼ି ବଳୟରେ ହଜିଗଲା ବ୍ଲାକ ପାଗୋଡ଼ା ବା ବିଶ୍ୱ ଐତିହ୍ୟ କୋଣାର୍କ ମନ୍ଦିର। ଚଳିତ ବର୍ଷ ପ୍ରଥମ କୁହୁଡ଼ି ଚାଦରରେ ଘୋଡେଇ ହୋଇଯାଇଛି ବିଶ୍ୱ ଐତିହ ସୂର୍ଯ୍ୟ ମନ୍ଦିର। ସୋମବାର ସକାଳୁ ସକାଳୁ ପର୍ଯ୍ୟଟକମାନେ ସ୍ୱଳ୍ପ ସଂଖ୍ୟକ ଆସି କୁହୁଡ଼ିର ମଜା ନେଉଥିବା ଦେଖିବାକୁ ମିଳିଥିଲା । ଘନ କୁହୁଡ଼ି ବଳୟ ମଧ୍ୟରେ ପର୍ଯ୍ୟଟକମାନେ ସେଲ୍ଫି ନେଇ ମଜା ନେଉଛନ୍ତି । ଅଦୃଶ୍ୟ ହୋଇଯାଇଛି ତାର ସୁକ୍ଷ୍ମ କାରୁକାର୍ଯ୍ୟ । ରାସ୍ତାଘାଟ ସହ କୋଣାର୍କର ସମଗ୍ର ଅଂଚଳ ଘନ କୁହୁଡିରେ ଅଦୃଶ୍ୟମାନ ହୋଇଯାଇଛି । ଯାହା ଫଳରେ ବୁଲିଆସିଥିବା ପର୍ଯ୍ୟଟକମାନେ ସୂର୍ଯ୍ୟ ମନ୍ଦିରର କାରୁକାର୍ଯ୍ୟ କଳା ସଂସ୍କୃତିକୁ ଅତି ନିକଟରୁ ଦେଖିବାକୁ ବଞ୍ଚିତ ଥିବା ବେଳେ । ପୁରୀ -କୋଣାର୍କ ରାସ୍ତା ଓ କୋଣାର୍କରୁ ଭୁବନେଶ୍ୱର ରାସ୍ତାରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଛି ।

ସୋମବାର ବର୍ଷ ପ୍ରଥମ କୁହୁଡିରେ ଏବେବି ସୂର୍ଯ୍ୟ ମନ୍ଦିର ଅଦୃଶ୍ୟ ହୋଇ ରହିଛି । ଅନ୍ୟପକ୍ଷରେ ରାସ୍ତାଘାଟ ସବୁ ଆଜେ ଘନ କୁହୁଡି ଆଚ୍ଛାଦିତ କରି ରଖିଛି । ଏମିତିକି ଗାଡି ମଟର ଚଳାଚଳ ବାଧା ପ୍ରାପ୍ତ ହେଉଥିବା ଦେଖିବାକୁ ମିଳିଛି । ଅତି ନିକଟରୁ ମୁହଁକୁ ମୁହଁ ଦେଖା ଯାଉନଥିବା ବେଳେ କୋଣାର୍କ ସୂର୍ଯ୍ୟ ମନ୍ଦିରରେ ଫଗ ଲାଇଟ ଲଗାଇବା ପାଇଁ ଦାବି ହେଉଛି । ସେପଟେ ଘନ କୁହୁଡି ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଗାଡି ଚଳାଚଳକୁ ନେଇ ସମସ୍ୟା ଉପୁଜିଛି । ବିଭିନ୍ନ ସ୍ଥାନରୁ ଆସିଥିବା ଖବର ଅନୁସାରେ ଘନ କୁହୁଡି ପାଇଁ ବଡ ବଡ ଗାଡି ରାସ୍ତାରେ ଅଟକି ରହିଛି । ରାସ୍ତା ଦେଖାଯାଉନଥିବା କାରଣରୁ ଆଗକୁ ବଢିବା ସମ୍ଭବ ହେଉନି । ପାର୍କିଂ ଲାଇଟ୍ ଅନ୍ କରି ରାସ୍ତା କଡରେ ବଡ ବଡ ଟ୍ରକ୍ ବସ୍ ଛିଡା ହୋଇଥିବାର ଦେଖିବାକୁ ମିଳିଛି । ଏହାରି ଭିତରେ ଆଉ ଏକ ଦୃଶ୍ୟ ମଧ୍ୟ ସାମ୍ନାକୁ ଆସିଛି । ଘନ କୁହୁଡିର ମଜା ପର୍ଯ୍ୟଟକ ନେଉଥିବା ଦେଖିବାକୁ ମିଳିଛି । ପର୍ଯ୍ୟଟନସ୍ଥଳୀମାନଙ୍କରେ ପର୍ଯ୍ୟଟକମାନେ କୁହୁଡି ଭିତରେ ସେଲ୍ଫି ନେବା ସହ ମଜାମସ୍ତି କରିବାର ଚିତ୍ର ଆସିଛି ।


# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୫ ନଭେମ୍ବର ୨୦୨୫ । ମଙ୍ଗଳବାର




# ଦଶମ ଶ୍ରେଣୀର ଛାତ୍ର ନିଖୋଜ

**କଳିଙ୍ଗନଗର: ଏକ୍ସପ୍ରେସ ନ୍ୟୁଜ୍**

ଯାଜପୁର ଜିଲ୍ଲାର ଦାନଗଦୀ ବ୍ଲକ ଅନ୍ତର୍ଗତ ନଛିପୁରା ଗ୍ରାମରେ ସୋମବାର ସକାଳୁ ହଠାତ୍ ଏକ ନିଖୋଜ ଘଟଣା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି । ସୋମବାର ସକାଳ ପ୍ରାୟ ୫ଟା ସମୟରେ ଘର ପାଖ ଅଖାଡାରେ ଖେଳୁଥିବା ୧୫ ବର୍ଷର ଛାତ୍ର ଅଙ୍କିତ କୁମାର ସେଠୀ (ଡାକ ନାମ ସାଗର) ହଠାତ୍ ଘରକୁ ଫେରିଲେ ନାହିଁ । ସମୟ ଗଡିବାସହିତ ସାଗରଙ୍କୁ ଦେଖିବାକୁ ନମିଳିବାରୁ ପରିବାର ପକ୍ଷରୁ ଚିନ୍ତା ଚରମସୀମାକୁ ପହଞ୍ଚିଥିଲା ।

ପରିବାର, ସାଗରଙ୍କ ସାଙ୍ଗମାନେ ଓ ପଡ଼ୋଶୀମାନେ ଆଖପାଖର ଚାରିପାଖ, ବଜାର, ନଦୀପଥ, ପଡ଼ୋଶ ଗାଁ ସବୁଠାରେ ଖୋଜାଖୋଜି କଲେ ମଧ୍ୟ ସାଗରର ପତ୍ତା ମିଳିନଥିଲା । ପରେ ପରିବାର ପକ୍ଷରୁ ଟମକା ପୋଲିସ ଥାନାରେ ଛାତ୍ର ନିଖୋଜ ବିଷୟରେ ଲିଖିତ ସୂଚନା ଦିଆଯାଇଥିଲା । ନିଖୋଜ ଛାତ୍ର ଅଙ୍କିତ (ସାଗର) ଗ୍ରାମ ନଛିପୁରା ସ୍କୁଲର ଦଶମ ଶ୍ରେଣୀର ଛାତ୍ର । ବାପାଙ୍କ ନାମ ସଞ୍ଜୟ କୁମାର ସେଠୀ । ସ୍ଥାନୀୟଙ୍କ କହିବା ଅନୁସାରେ ସାଗର ଶାନ୍ତ ସ୍ୱଭାବର ଓ ଘର, ସ୍କୁଲ, ଆଖପାଖର ତିନିଟି ସ୍ଥାନକୁ ନେଇ ସୀମିତ ରୁହୁଥିଲା । ସୂଚନା ପାଇବା ସହିତ ଟମକା ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ବ୍ୟାପକ ତଲାଶି ଆରମ୍ଭ କରିଛନ୍ତି । ପୋଲିସ ଟିମ୍ ବନ୍ଧୁବାନ୍ଧବ ଘର, ସାଙ୍ଗମାନଙ୍କ ଘର, ଗାଁ ଚାରିପାଖ ରାସ୍ତା, ନଦୀପଥ ଓ ବଜାର ଅଞ୍ଚଳ ଯାଞ୍ଚ କରିଛନ୍ତି । ସ୍ଥାନୀୟଙ୍କୁ କୌଣସି ସନ୍ଦେହଜନକ ସୂଚନା ମିଳିଲେ ତୁରନ୍ତ ଜଣାଇବାକୁ ପ୍ରାର୍ଥନା କରାଯାଇଛି । ପରିବାର ପକ୍ଷରୁ ଦାବି କରାଯାଇଛି ଯେ ପ୍ରତିଦିନ ବିକ୍ରମ ବସ ଦେଓ ଗାଁରୁ କଟକ ଯାଏ ଓ ଏହା ସକାଳ ୬ଟାରୁ ୬.୩୦ ମଧ୍ୟରେ ନଛିପୁରା ଦେଇ ପାସ କରେ । ପରିବାର ପକ୍ଷରୁ ବସ କଣ୍ଡକ୍ଟରଙ୍କ ସହ ଯୋଗାଯୋଗ କରି ସାଗରଙ୍କ ଫଟୋ ପଠାଇବା ପରେ, କଣ୍ଡକ୍ଟରଙ୍କ ଉତ୍ତରରୁ ଜଣାପଡ଼ିଛି ଯେ ସାଗର ବସରେ ଚଢ଼ି କଟକ ଯାଇଥିବା ସନ୍ଦେହ ମିଳିଛି । ବିକ୍ରମ ବସ ସୂତ୍ରରୁ ମିଳିଲା ନୂଆ ତଥ୍ୟ ଆଧାର କରି ପୋଲିସ କଟକ ଅଞ୍ଚଳରେ ମଧ୍ୟ ଖୋଜାଖୋଜି ବଢ଼ାଇଛି । ଦାନଗଦୀ ବ୍ଲକ ନଛିପୁରା ଅଞ୍ଚଳରେ ବର୍ତ୍ତମାନ ଚିନ୍ତା, ଭୟ ଓ ଅସ୍ଥିରତାର ପରିବେଶ ଦେଖାଦେଇଛି । ପରିବାର ଓ ସ୍ଥାନୀୟଲୋକମାନେ ଆଶା କରୁଛନ୍ତି, ସମାଜର ସହଯୋଗ ଓ ପୋଲିସର ତତ୍ପରତାରେ ସାଗର ଶୀଘ୍ର ମିଳିଯିବ ବୋଲି ଅସପୋଷଣ କରିଛନ୍ତି ।

# ସିପିଆଇ(ଏମ)ର ଆନ୍ଦୋଳନ ସ୍ଥଗିତ

**ଭଦ୍ରକ/ତିହିଡି: ଏକ୍ସପ୍ରେସ ନ୍ୟୁଜ୍**

ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ଚାଲୁଥିବା ସମସ୍ତ ଘରୋଇ ବସ୍ ସରକାରଙ୍କ ଧାର୍ଯ୍ୟ ଭଡା ଠାରୁ ଅତ୍ୟଧିକ ଭଡା ଆଦାୟ କରିବା ପ୍ରତିବାଦରେ ସିପିଆଇ(ଏମ) ପକ୍ଷରୁ ନଭେମ୍ବର,୨୪ରେ ତିହିଡି ଠାରେ ବସ୍ ବନ୍ଦ ଆନ୍ଦୋଳନ ହେବା ପାଇଁ ଆହ୍ୱାନ ଦିଆଯାଇଥିଲା । ରବିବାର ଅପରାହ୍ନରେ ତିହିଡି ଥାନାଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ସଂଯୋଜନାରେ ତିହିଡି ଥାନା ପରିସରରେ ସିପିଆଇ(ଏମ) ନେତୃତ୍ୱ ଓ ଭଦ୍ରକ ବସ ସିଣ୍ଡିକେଟ କର୍ମକର୍ତ୍ତାଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସିପିଆଇ(ଏମ) ତିହିଡି ଆଞ୍ଚଳିକ କମିଟି ପକ୍ଷରୁ ଦାବି କରାଯାଇଥିବା ସମସ୍ତ ଦାବିକୁ ବସ ସିଣ୍ଡିକେଟ ମାନିନେଇଥିଲା ଓ ସରକାରୀ ବସ୍ ଚାଲିବା ଦାବି ସଂପର୍କରେ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବ ବୋଲି ସିପିଆଇଏମ ନେତୃବୃନ୍ଦ ପ୍ରକାଶ କରିଥିଲେ । ସମସ୍ତ ଘରୋଇ ସାଧାରଣ ବସ କିଲୋମିଟର ପିଛା ୮୯ ପଇସା ଭଡା ଆଦାୟ କରିବା, ସମସ୍ତ ଏକ୍ସପ୍ରେସ୍ ବସ କିଲୋମିଟର ପିଛା ୯୩ ପଇସା ଭଡା ଆଦାୟ,



ଡିଲକ୍ସ ବସରେ କିଲୋମିଟର ପିଛା ୧ ଟଙ୍କା ୨୯ ପଇସା, ଏସି ଡିଲକ୍ସ ବସରେ କିଲୋମିଟର ପିଛା ୧ ଟଙ୍କା ୫୭ ପଇସା ଭଡା ଆଦାୟ କରିବା ପାଇଁ ରାଜ୍ୟ ପରିବହନ ଅଥରିଟି ନୋଟିସ୍ କରିଥିବା ବେଳେ ଚାନ୍ଦବାଲି -ଭଦ୍ରକ ରୁଟରେ ଚାଲିଥିବା ବସମାଲିକମାନେ ଅତ୍ୟଧିକ ଭଡା ଆଦାୟ କରୁଥିବାରୁ ଭଦ୍ରକ, ତିହିଡି ଓ ଚାନ୍ଦବାଲି ଅଞ୍ଚଳରେ ଜନଅସନ୍ତୋଷ ତୀବ୍ର ରୂପ ଧାରଣ କରିଥିଲା । ଭଦ୍ରକ- ଚାନ୍ଦବାଲି ରାଜ୍ୟ ରାଜପଥରେ ଅଧିକ ସଂଖ୍ୟକ ଓଏସଆରଟିସି ତତ୍ତ୍ୱାବଧାନରେ ସରକାରୀ ବସ ଚଳାଚଳ କରିବା, ସମସ୍ତ ଘରୋଇ ବସରେ ଅତ୍ୟଧିକ ଭଡା ପରିବର୍ତ୍ତେ ସରକାରୀ ଧାର୍ଯ୍ୟ ଭଡା ଆଦାୟ କରିବା, ବସରେ ମହିଳା ଓ ସିନିଅର ସିଟିଜେନ୍ମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା, ସମସ୍ତ ଘରୋଇ ବସରେ ସରକାରୀ ବସ୍ ଭଡା ଓ ବସର ପ୍ରକାର ପ୍ରଦର୍ଶନ କରିବା, ଘରୋଇ ବସରେ ଓଭରଲୋଡିଂ ଓ ଧାର୍ଯ୍ୟ ସିଟ ଠାରୁ ଅଧିକ ସଂଖ୍ୟକ ଯାତ୍ରୀ ପରିବହନ ବନ୍ଦ କରିବା, ଗୋଟିଏ ଷ୍ଟପେଜରୁ ଅନ୍ୟ ପାଖ ଷ୍ଟପେଜକୁ ସର୍ବନିମ୍ନ ଭଡା ୧୦ ଟଙ୍କା ଆଦାୟ ପରିବର୍ତ୍ତେ ୫ ଟଙ୍କା ଆଦାୟ ଆଦି ଦାବିକୁ ପୂରଣ କରିବା ପାଇଁ ବସ ସିଣ୍ଡିକେଟ ରାଜି ହୋଇଥିବା ବେଳେ, ସରକାରୀ ବସ୍ ଚାଲିବା ସଂପର୍କରେ ରାଜ୍ୟ ସରକାରଙ୍କ ନିକଟରେ ଆଗାମୀ ଦିନରେ ଦାବି ଜଣାଯିବ ବୋଲି ସିପିଆଇ(ଏମ) ନେତୃତ୍ୱ ପ୍ରକାଶ କରିଥିଲେ । ଏହି ଆଲୋଚନା ସଭାରେ ସିପିଆଇ (ଏମ) ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ପ୍ରଫୁଲ୍ଲ ପାଢୀ, ତିହିଡି ଆଞ୍ଚଳିକ କମିଟି ସଂପାଦକ ବିଷ୍ଣୁ ଦାଶ, ସିପିଆଇ (ଏମ) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଓଡିଶା ଟ୍ରାନ୍ସପୋର୍ଟ ୱାର୍କର୍ସ ଫେଡେରେସନ ରାଜ୍ୟ କମିଟି ସଭ୍ୟ ରାଜକିଶୋର ଲେଙ୍କା, ସିପିଆଇ(ଏମ)ର ବରିଷ୍ଠ ନେତା ନିର୍ମଳ ଦଳେଇ, ସିପିଆଇ(ଏମ) ନେତା ସତ୍ୟବ୍ରତ କୁଣ୍ଡ, ମନମୋହନ କୁଣ୍ଡ, ଭଦ୍ରକ ବସ ସିଣ୍ଡିକେଟର ସଭାପତି ଶ୍ରୀନିବାସ ପତି, ବସ ସିଣ୍ଡିକେଟ ଯୁଗ୍ମ ସଂପାଦକ ନିଶିକାନ୍ତ ପଣ୍ଡା, ବସ ମାଲିକ ଇମତାଜ ଅଲ୍ଲୀ ଖାନ୍, ବାର ଖାନ୍ ଓ ବରିଷ୍ଠ ସାମ୍ବାଦିକ ରବିନାରାୟଣ ନାୟକ ପ୍ରମୁଖ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବସ ସିଣ୍ଡିକେଟ ଓ ଜିଲ୍ଲା ଆରଟିଓଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରତିଶ୍ରୁତି ପାଇବା ପରେ ନଭେମ୍ବର, ୨୪ରେ ତିହିଡି ଠାରେ ଅନୁଷ୍ଠିତ ହେବାକୁ ଥିବା ବସ୍ ବଂଦ ଆନ୍ଦୋଳନକୁ ସିପିଆଇ(ଏମ) ପକ୍ଷରୁ ସ୍ଥଗିତ ରଖାଯାଇଛି ।

# ଦୀର୍ଘ ଦିନର ସ୍ୱପ୍ନକୁ ପୂରଣ କଲେ ବିଧାୟକ

**କୋରେଇ: ଏକ୍ସପ୍ରେସ ନ୍ୟୁଜ୍**

କୋରେଇର ବିକାଶ ପଥରେ ଆକାଶ । କୋରେଇବାସୀଙ୍କ ସେବାରେ ମୁଁ ନିଜକୁ ସମର୍ପିତ କରିଛି । କୋରେଇର ବିକାଶ ମୋର ମୂଳ ଲକ୍ଷ୍ୟ । ନିର୍ବାଚନ ସମୟରେ ଦେଇଥିବା ପ୍ରତିଶୃତି ବିକଶିତ କୋରେଇ ଏବଂ ସୁନାର କୋରେଇ ଗଢି ତୋଳିବାର ସ୍ୱପ୍ନ ଦେଖିଥିଲି ତାହା ଏବେ ଏବେ ବାସ୍ତବତାରେ ପରିଣତ କରିବାକୁ ଯାଉଛି । ମନରେ ଏଭଳି ଲକ୍ଷ୍ୟ ରଖି କୋରେଇ ନିର୍ବାଚନ ମଣ୍ଡଳୀରେ ଗୋଟେ ପରେ ଗୋଟେ କାର୍ଯ୍ୟ ସଫଳ ହେବାକୁ ଯାଉଥିବା ବିଧାୟକ କହିଥିଲେ । ନିକଟ ଅତୀତରେ ବ୍ୟାସନଗର ପୌରାଞ୍ଚଳ, ରସୁଲପୁର ବ୍ଲକ ଓ କୋରେଇ ବ୍ଲକର ବିଭିନ୍ନ ପଞ୍ଚାୟତ ଓ ୱାର୍ଡର ଉନ୍ନତି ମୂଳକ କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ କୋରେଇ ବ୍ଲକ ଗୌରପୁର ପଞ୍ଚାୟତରେ ଯୁଗଳ ରାସ୍ତାର ଉନ୍ନତିକରଣ, ନୂତନ ପଞ୍ଚାୟତ କାର୍ଯ୍ୟାଳୟ, ମାର୍କେଟ କମ୍ପ୍ଲେକ୍ସ, ମହାସଂଘ କାର୍ଯ୍ୟାଳୟ, କୃଷି ସମବାୟ କେନ୍ଦ୍ର କଲ୍ୟାଣମଣ୍ଡପର ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନା କୋରେଇ ବିଧାୟକଙ୍କ କରକମଳରେ କରାଯାଇଛି । ବିଧାୟକଙ୍କୁ ହଜାର ହଜାର ବିଜେପି ସମର୍ଥକ ରାମକୃଷ୍ଣପୁର ଛକ ଠାରୁ ବାଇକ ଶୋଭାଯାତ୍ରାରେ ପାଛୋଟି ନେଇ ବିଭିନ୍ନ କାର୍ଯ୍ୟକ୍ରମର ଶିଳାନ୍ୟାସ କରାଇଥିଲେ ।

# କେତେ ଦୁଃଖ ଦେବୁ କହ ଦଇବ ନାଟକ ମଞ୍ଚସ୍ଥ

**ଶେରଗଡ: ଏକ୍ସପ୍ରେସ ନ୍ୟୁଜ୍**

ଶେରଗଡ ବ୍ଲକ ଧବଳପୁର ପଞ୍ଚାୟତ ଧବଳପୁର ଗ୍ରାମରେ ସ୍ୱପ୍ନେଶ୍ୱର ନାଟ୍ୟ କଳା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ୨୦ତମ ଅବଦାନରେ ନାଟକ ମଞ୍ଚସ୍ଥ ହୋଇଯାଇଛି କେତେ ଦୁଃଖ ଦେବୁ କହ ଦଇବ । ନବୀନ ଚନ୍ଦ୍ର ମହାପାତ୍ରଙ୍କ ରଚିତ, ସିମାଞ୍ଚଳ ନାଇକଙ୍କ ନିର୍ଦ୍ଦେଶନାରେ ମୁଖ୍ୟ ପରିଚାଳକ ମୁକେଶ କୁମାର ସାହୁ, ସ୍ୱପ୍ନେଶ୍ୱର ନାଟ୍ୟ କଳା ପରିଷଦର ସଭାପତି ଦିବାକର ପ୍ରଧାନ ଏବଂ ଧବଳପୁର ଗ୍ରାମବାସୀଙ୍କ ସହଯୋଗରେ ମୁଖ୍ୟଅତିଥି ରୂପେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଘୁମୁସର ଆସିକା ସାଙ୍ଗଠନିକ ଜିଲ୍ଲା ସଭାପତି ବିଜୟ କୁମାର ସ୍ୱାଇଁ, ହିଞ୍ଜିଳି ବିଜେପି ବିଧାୟକ ପ୍ରାର୍ଥୀ ଶିଶିର କୁମାର ମିଶ୍ର, ଆସିକା ସମବାୟ ଚିନି ଶିଳ୍ପ ନିର୍ଦ୍ଦେଶକ ତଥା କୁମାରପାଣି ସରପଞ୍ଚ ଉଦୟନାଥ ପ୍ରଧାନ, ବରିଷ୍ଠ ସମାଜସେବୀ ନିରଞ୍ଜନ ଜେନାଙ୍କ ସହିତ ଅନ୍ୟାନ୍ୟ ଅତିଥିମାନେ ଯୋଗ ଦେଇଥିଲେ । ଏହି ନାଟକ ମାଧ୍ୟମରେ ଗ୍ରାମରେ ଏକତା ଏବଂ ଭାଇଚାରା ସୃଷ୍ଟି ହେଉଛି ବୋଲି ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ପ୍ରକାଶ କରିଥିଲେ । ସେହିପରି ଛୋଟ ବଡ କଳାକାର ଙ୍କ ଭାଇଚାରା ଭାବ, ଅକ୍ଲାନ୍ତ ପରିଶ୍ରମ, ନିଷ୍ଠା, ଧୈର୍ଯ୍ୟ ଲାଗି ଏହି ଗ୍ରାମରେ ବର୍ଷକୁ ଦୁଇ ଥର ଏହିଭଳି କାର୍ଯ୍ୟକ୍ରମ ଅନ୍ୟ ଲାଗି ଏକ ଉଦାହରଣ ସୃଷ୍ଟି କରିଛି ବୋଲି ଉପସ୍ଥିତ ଅନ୍ୟାନ୍ୟ ଅତିଥିମାନେ ପ୍ରକାଶ କରିଥିଲେ । ନାଟକଟି ଉପସ୍ଥିତ ଦର୍ଶକଙ୍କ ମନକୁ ବେଶ ଛୁଇଁଥିଲା । ମୁଖ୍ୟ ଭୂମିକାରେ ସଚ୍ଚିଦ ଆଚାରୀ, ବବୁଲ ବିଷୋୟୀ, ଉମା ରାଉଳ, କାଳିଆ ରାଉଳ, ମାଧବ ସେଠି, ରାକେଶ ସାହୁ, ସନ୍ତୋଷ ପ୍ରଧାନ, ସନିଆ ରାଉତ, ଅଲେଖ ମଳିକ, କାହ୍ନୁ ପ୍ରଧାନ, ଶ୍ରୀକାନ୍ତ ସ୍ୱାଇଁ, ସିଲୁ ପ୍ରଧାନ, ବିଦ୍ୟାଧର ପ୍ରଧାନ, ନାରାୟଣ ପ୍ରଧାନ ଏବଂ ନାରୀ ଚରିତ୍ରରେ ବର୍ଷା, ପୂଜା, ମନୀଷା ଅଭିନୟ କରିଥିବା ବେଳେ ଗ୍ରାମର ଛୋଟ ବଡ ସମସ୍ତେ ସାହାଯ୍ୟ କରିଥିଲେ ।

# ଧରାପଡ଼ିଲା ଆଉ ଜଣେ ନକଲି ପୋଲିସ

**ବ୍ରହ୍ମପୁର: ଏକ୍ସପ୍ରେସ ନ୍ୟୁଜ୍**

ପୋଲିସ ବେଶରେ ଲୋକଙ୍କୁ ଠକୁ ଥିବା ଜଣେ ଯୁବକଙ୍କୁ ଗିରଫ କରିଛି ବ୍ରହ୍ମପୁର ପୋଲିସ । ଯୁବକ ଜଣକ ନକଲି ପୋଲିସ ସାଜି ବାଇକ ଚେକିଂ ନାଁରେ ଟଙ୍କା ସଂଗ୍ରହ କରୁଥିଲା । ରବିବାର ମଧ୍ୟ ସଦର ଥାନା ଅନ୍ତର୍ଗତ ପଦରବାଲୀଠାରେ ବାଇକ ଚେକିଂ ଆଳରେ ଟଙ୍କା ସଂଗ୍ରହ କରୁଥିଲା । ହେଲେ ଏଠାରେ ତାଙ୍କୁ ଗିରଫ କରିବାରେ ସଫଳ ହୋଇଛି ବ୍ରହ୍ମପୁର ପୋଲିସ । ଗିରଫ ନକଲି ପୋଲିସଙ୍କ ନାଁ କେଦାର ନାଥ ସ୍ୱାଇଁ ।

ତେବେ ତା'ଠାରୁ ଗୋଟିଏ ଖେଳନା ପିସ୍ତଲ, ଗୋଟିଏ ଯୋଡ଼ା ଡିଏମ୍‌ଏସ ଜୋତା, ଗୋଟିଏ ଜଙ୍ଗଲ ପ୍ୟାଚ୍ ଡ୍ରେସ୍, ପାଉଚ୍ ସହ ଜଙ୍ଗଲ ପ୍ୟାଚ୍ ବେଲ୍ଟ, ଦୁଇଟି ପି-କ୍ୟାପ୍, ଗୋଟିଏ ଫାଇବର ଲାଠି, ମନୋଜ କୁମାର ସ୍ୱାଇଁ ଓଡ଼ିଶା ପୋଲିସ ଲେଖାଥିବା ଏବଂ ଓପି ଚିହ୍ନ ଥିବା ନାମ ଫଳକ, କଳା ରଙ୍ଗର ପୋଲିସ ବେଲ୍ଟ, ଆଧାର କାର୍ଡ, ପାନ କାର୍ଡ, ମୋବାଇଲ୍ ଫୋନ୍, ପୋଲିସ ପୋଷାକରେ କେଦାରନାଥ ସ୍ୱାଇଁଙ୍କ ଫଟୋଗ୍ରାଫ, ଗୋଟିଏ ଏସ୍ୱିଆଇ ପାସବୁକ୍ ଆଦି ଜବତ ହୋଇଛି । ତେବେ ଘଟଣାର ଅଧିକ ତଦନ୍ତ ଚାଲିଥିବା ନେଇ ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସ୍ପି ।

# ଚାଲିଛି ବାଘ ଗଣନା, ଜାନୁଆରୀ ପର୍ଯ୍ୟନ୍ତ ଚାଲିବ

**କେନ୍ଦୁଝର: ଏକ୍ସପ୍ରେସ ନ୍ୟୁଜ୍**

କେନ୍ଦୁଝର ବନଖଣ୍ଡରେ ଚାଲିଛି ବାଘ ଗଣନା । କେନ୍ଦୁଝର ବନଖଣ୍ଡର ୧୦୫ଟି ବିଟରେ ଏବେ ଚାଲିଛି ବାଘ ଗଣନା । ଏହି ବାଘ ଗଣନା ଜାନୁଆରୀ ମାସ ପର୍ଯ୍ୟନ୍ତ ଏକାଧିକ ପର୍ଯ୍ୟାୟରେ ଚାଲିବ । ପ୍ରଥମେ କାର୍ନିଭର ସାଇନ୍ ସର୍ଭେ, ଆଙ୍ଗୁଲେଟ ସର୍ଭେ, ଭେଜିଟେସନ ସର୍ଭେ ଆଦି କରାଯିବ । ପରେ ଡିସେମ୍ବର ଓ ଜାନୁୟାରୀ ଦୁଇ ମାସ ମଧ୍ୟରେ କ୍ୟାମେରା ଟ୍ରାପ୍ ସର୍ଭେ ହେବ ।



ବର୍ତ୍ତମାନ ସୁଦ୍ଧା ଚାଲିଥିବା ପ୍ରାଥମିକ ସର୍ଭେରୁ ଅଟେଇ ସଂରକ୍ଷିତ ଜଙ୍ଗଲ ଓ ତେଲକୋଇ ଜଙ୍ଗଲରେ ସର୍ଭେରୁ କ୍ୟାଟ୍ ଫ୍ୟାମିଲିର ଓ କଲରାପତରିଆ ବାଘର ଅନେକ ଚିହ୍ନ ମିଳିଛି । ଦୁଇ ତିନି ବର୍ଷ ଧରି ଏହି ବାଘ ସଂଖ୍ୟା ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି । ଏପରିକି ଅନେକ ଥର ମହାବଳ ବାଘ ମଧ୍ୟ ଏହି ଅଟେଇ ସଂରକ୍ଷିତ ଜଙ୍ଗଲରେ ତାର ସ୍ଥିତି ଜାହିର କରିଛି ।

ବାଘ ଗଣନା ବେଳେ ବନ ଅଧିକାରୀ ଏବଂ କର୍ମଚାରୀମାନେ ପାଦଚଲା ପାଟ୍ରୋଲିଂ କରି ବାଘର ପାଦ ଚିହ୍ନ, ମଳ ସଂଗ୍ରହ କରିବେ । ଏହି ସମୟରେ ନଦୀ, ନାଳ ନିକଟରେ ବାଲି ଥିଲେ ତାହାକୁ ସମତୁଳ କରି ବାଘର ପାଦ ଚିହ୍ନ ନେବାକୁ ପଦକ୍ଷେପ ଗ୍ରହଣ କରାଯାଇଛି । ବିଶେଷ କରି ବାଘ ରହୁଥିବା ଟେରିଟୋରୀରେ ଗଣନାକୁ ଅଧିକ ପ୍ରାଧାନ୍ୟ ଦିଆଯିବ । ଡିଭିଜନ୍‌ସ୍ତରରେ ବିଭିନ୍ନ ଉପାୟରେ ବ୍ୟାଘ୍ର ଗଣନା ପାଇଁ ଏକତ୍ରିକରଣ ଏବଂ ବିଶ୍ଳେଷଣ କରାଯିବ । ଫରେଷ୍ଟର, ଗାର୍ଡ ଏବଂ ଅନ୍ୟ ବନ କର୍ମଚାରୀମାନେ ଏମ୍‌ଷ୍ଟ୍ରିପେସ୍ ଇକୋଲୋଜିକାଲ ଆପ୍ ଜରିଆରେ ସର୍ଭେ ରିପୋର୍ଟ ନିର୍ଦ୍ଧାରିତ ସମୟ ମଧ୍ୟରେ ଲୋଡ୍ କରିବାକୁ ବନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏହାପରେ କେନ୍ଦୁଝର ବନଖଣ୍ଡରେ କେଉଁ ପ୍ରଜାତିର କେତେ ବାଘ ଅଛନ୍ତି ତାହା ସ୍ପଷ୍ଟ ହେବ ।

ଗତ ୨୦୨୩ ମସିହାରେ ବ୍ୟାଘ୍ର ଗଣନାରେ ଏକାଧିକ ସ୍ଥାନରେ ଏବଂ ଭିନ୍ନ ଭିନ୍ନ ପଦଚିହ୍ନ ମିଳିଥିବାରୁ କଲରାପତରିଆ ସଂଖ୍ୟା ବଢିଥିବା ସୂଚନା ମିଳଥିଲା । ଅଟେଇ ସଂରକ୍ଷିତ ଜଙ୍ଗଲରେ ବାଘମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଥିବାରୁ ସେମାନେ ଆକୃଷ୍ଟ ହୋଇ ଆସୁଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି । ଅଟେଇ ସଂରକ୍ଷିତ ଜଙ୍ଗଲ ସହିତ ଶିମିଳିପାଳ ଓ ସାତକୋଶିଆ ଦେଇ ଯୋଗାଯୋଗ ରହିଥିବାରୁ ଆଗକୁ ଅଧିକ ବାଘ ବଂଶ ବୃଦ୍ଧି ହେବା ଆଶଙ୍କା ରହିଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି । ଡିସେମ୍ବର ମାସରେ ଟ୍ରାପ୍ କ୍ୟାମେରା ଦ୍ୱାରା ବାଘ ସହିତ ହାତୀ ଏବଂ ଅନ୍ୟାନ୍ୟ ବିରଳ ପ୍ରଜାତିର ବନ୍ୟପ୍ରାଣୀଙ୍କ ଗଣନା କରାଯିବ ।

## ବାଣିଜ୍ୟ

# ତାଇୱାନକୁ ନେଇ ଚୀନ-ଜାପାନ ମଧ୍ୟରେ ତିକ୍ତତା: ବଢିଲା ଭାରତ ସିଫୁଡ୍ ଚାହିଦା

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**



ତାଇୱାନକୁ ନେଇ ଚୀନ ଏବଂ ଜାପାନ ମଧ୍ୟରେ ତିକ୍ତତା ବଢିଛି । ଜାପାନରୁ ଆସୁଥିବା ସମସ୍ତ ସାମୁଦ୍ରିକ ଖାଦ୍ୟ ଉପରେ ଚୀନ କଟକଣା ଲଗାଇଛି । ଏଥିଯୋଗୁ ଭାରତୀୟ ସାମୁଦ୍ରିକ ଖାଦ୍ୟ ସାମଗ୍ରୀର ଚାହିଦା ବଢିଛି । ଭାରତୀୟ ରପ୍ତାନିକାରିଙ୍କ ଶେୟାରରେ ବୃଦ୍ଧି ପରିଲକ୍ଷିତ ହୋଇଛି । ଏଭଳି ନିଷ୍ପତ୍ତି ଯୋଗୁ ଚୀନ ବଜାରରେ ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ଅଭାବ ଦେଖାଯିବ ବୋଲି ଆଶଙ୍କା କରାଯାଉଛି । ଏହି ଚାହିଦା ପୂରଣ କରିବା ଲାଗି ଭାରତ ଭଳି ସାମୁଦ୍ରିକ ଖାଦ୍ୟ ରପ୍ତାନିକାରୀ ଦେଶ ଗୁଡିକ ବର୍ତ୍ତମାନ ତତ୍ପରତା ଦେଖାଇଛନ୍ତି । ଫଳରେ ଭାରତୀୟ ସିଫୁଡ୍ କମ୍ପାନିରେ ଶେୟାର ମୂଲ୍ୟରେ ବୃଦ୍ଧି ପରିଲକ୍ଷିତ ହୋଇଛି । ତେଲଙ୍ଗାନାର ଅବନ୍ତି ଫିଡ୍ସର ଶେୟାର ପ୍ରାୟ ୧୦% ବୃଦ୍ଧି ପରିଲକ୍ଷିତ ହୋଇଛି । ଗତ ୨ ମାସ ମଧ୍ୟରେ ଏହା ସବୁଠାରୁ ବଡ ବୃଦ୍ଧି । ଅନ୍ୟ ଏକ କମ୍ପାନି କୋଷ୍ଟାଲ କର୍ପୋରେସନର ଶେୟାର ୫% ବୃଦ୍ଧି ହୋଇଛି । କମ୍ପାନି ଏପ୍ରିଲ ମାସରେ କହିଥିଲା ଯେ, ଏହା ଚୀନକୁ ରପ୍ତାନି ବଢାଇବ ।

ଜାପାନ ପ୍ରଧାନମନ୍ତ୍ରୀ ସାନେ ତାକାଇଚିଙ୍କ ଏକ ବୟାନକୁ ନେଇ ଚୀନ ଏବଂ ଜାପାନ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି । ତାକାଇଚି କହିଥିଲେ, ଚୀନ ତାଇୱାନ ଉପରେ ଆକ୍ରମଣ କଲେ ଜାପାନ ସହାୟତା ଲାଗି ସେନା ପଠାଇବ । ଚୀନ ଏହା ଉପରେ ପ୍ରତିକ୍ରିୟା ରଖି କହିଥିଲା ଯେ, ଏହା ଦାୟିତ୍ୱହୀନତା ଏବଂ ଉଷ୍ଣୁକେଇବା ଭଳି କାମ । ଏହାର ଗୋଟିଏ ଦିନ ପରେ ବିବାଦ ଆହୁରି ବଢି ଯାଇଥିଲା । ଏହି ମାମଲାରେ ଦଖଲ ଦେଉଥିବା ବ୍ୟକ୍ତି ବିଶେଷଙ୍କ ମୁଣ୍ଡ କାଟ କରିବାକୁ ଜାପାନରେ ଅବସ୍ଥାପିତ ଚୀନ ବାଣିଜ୍ୟଦୂତ ସୁଏ ଜିଆନ ଏକ୍ସରେ ଲେଖିଥିଲେ । ଏହା ପରେ ଉଭୟ ଦେଶ ନିଜ ଦେଶର ରାଷ୍ଟ୍ରଦୂତଙ୍କୁ ସମନ ଜାରି କରିଥିଲେ । ଜାପାନ ଗଲେ ସମସ୍ୟା ସାମ୍ନା କରିବାକୁ ପଡିପାରେ ବୋଲି ଚୀନ ଏହାର ନାଗରିକଙ୍କୁ ସତର୍କ କରାଇଥିଲା । ଏଭଳି ସ୍ଥିତିରେ ଏଭଳି ବିବାଦ ଭାରତ ବଜାର ଲାଗି ସୁଯୋଗ ଆଣିପାରେ ବୋଲି କୁହାଯାଉଛି । ଆମେରିକା ଭାରତର ସାମୁଦ୍ରିକ ଖାଦ୍ୟ ରପ୍ତାନି ଉପରେ ୫୦% ଟାରିଫ ଲାଗୁ କରିଛି । ଫଳରେ ଆମେରିକା ବଜାରକୁ ରପ୍ତାନି ଅକ୍ଟୋବର ମାସରେ ୯% ହ୍ରାସ ହୋଇଛି ।

ଏକ ରିପୋର୍ଟ ମୁତାବକ, ଚୀନ, ଭିଏତନାମ ଏବଂ ଥାଇଲାଣ୍ଡ ଭଳି ଦେଶକୁ ଭାରତର ସିଫୁଡ ରପ୍ତାନି ବଢୁଛି । ଗତ ଆର୍ଥିକ ବର୍ଷରେ ଭାରତ ୬୧ ହଜାର କୋଟି ଟଙ୍କାର ସିଫୁଡ ରପ୍ତାନି କରିଥିଲା । ଏଥିମଧ୍ୟରେ ଅଧିକାଂଶ ଭାଗ ଚିଙ୍ଗୁଡି ଏବଂ ଫ୍ରୋଜେନ ଫିସ୍ ରହିଥିଲା । ଭାରତୀୟ ସିଫୁଡ ଲାଗି ଆମେରିକା ଏବେ ମଧ୍ୟ ପ୍ରମୁଖ ବଜାର ରହିଛି । ୱାଲମାର୍ଟ ଏବଂ ଫ୍ରୋଗର ଭଳି କମ୍ପାନି ଭାରତୀୟ ସାମଗ୍ରୀ ବଡ ମାତ୍ରାରେ କିଣିଥାନ୍ତି । ଜାପାନ ଲାଗି ଚୀନ ବଜାର ବନ୍ଦ ଏକ ବଡ ଝଟକା । ଜାପାନ ଏହାର ମୋଟ ସିଫୁଡ ମଧ୍ୟରେ ୧୫ରୁ ୨୦% ଚୀନକୁ ପଠାଇଥାଏ । ୨ ବର୍ଷ ବ୍ୟବଧାନ ପରେ ଜାପାନ ନିକଟରେ ଚୀନକୁ ରପ୍ତାନି ପୁଣି ଥରେ ଆରମ୍ଭ କରିଥିଲା । ୨୦୨୩ରେ ଚୀନ ଜାପାନର ସିଫୁଡକୁ ବ୍ୟାନ କରିଥିଲା ।

# ରାଉରକେଲା-ହାୱଡା ବନ୍ଦେ ଭାରତ ଟ୍ରେନ୍‌କୁ ପଥରମାଡ଼

**ବନ୍ଧମୁଣ୍ଡା: ଏକ୍ସପ୍ରେସ ନ୍ୟୁଜ୍**

ରାଉରକେଲାରୁ ହାୱଡା ଯାଉଥିବା ଟ୍ରେନ୍ ସଂଖ୍ୟା ୨୦୮୭୨ ବନ୍ଦେ ଭାରତ ଏକ୍ସପ୍ରେସ୍‌କୁ ରବିବାର ପଥରମାଡ ହୋଇଛି । ଟ୍ରେନ୍‌ର କୋଚ୍ ସଂଖ୍ୟା ସି-୧୩ରେ ଥିବା ସିଟ୍ ସଂଖ୍ୟା ୨୩ ନିକଟସ୍ଥ ଝରକା କାଚ୍‌କୁ କୌଣସି ଅଜ୍ଞାତ ବ୍ୟକ୍ତି ପଥର ମାଡ କରିଥିବା ସୂଚନା ମିଳିଛି । ଫଳରେ ଝରକା କାଚ୍‌ଟି ଭାଙ୍ଗିଯାଇଥିଲା । ଟ୍ରେନ୍‌ଟି ରାଉରକେଲା ଷ୍ଟେସନ୍‌ରୁ ହାୱଡ଼ା ଅଭିମୁଖେ ଯାତ୍ରାରମ୍ଭ କରିବାର କିଛି ସମୟ ପରେ ଏହି ଘଟଣା ଘଟିଛି । ଏହି ଝରକା ପାଖରେ ବସିଥିବା ରେଳଯାତ୍ରୀ ଜଣଙ୍କ ଏ ସଂପର୍କରେ ଟ୍ରେନ୍ କର୍ତ୍ତୃପକ୍ଷଙ୍କୁ ସୂଚନା ଦେବା ସହ ଟ୍ରେନ୍‌ଟି ଟାଟାନଗର ଷ୍ଟେସନ ପହଞ୍ଚିବା ପରେ ଆରପିଏଫ ଏଏସଆଇ ଆର୍. ରାଇ ଏହି ଘଟଣା ସମ୍ପର୍କରେ ରେଳବାଇ ପ୍ରଶାସନକୁ ସୂଚନା ଦେଇଥିଲେ । କିନ୍ତୁ କିଏ ପଥର ଫିଙ୍ଗିଛି, ସେନେଇ ଅଭିଯୁକ୍ତଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳିନାହିଁ । ରେଳ ପ୍ରଶାସନ ଘଟଣାର ତଦନ୍ତ ଆରମ୍ଭ କରିଛି ।



ଚକ୍ରଧରପୁର ରେଳ ମଣ୍ଡଳରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଉପରେ ବାରମ୍ବାର ପଥରମାଡ ରେଳବାଇର ଚିନ୍ତା ବଢାଇଛି । ଗତ ମାର୍ଚ୍ଚ ୨୬ ତାରିଖ ପ୍ରାୟ ସାଢେ ୧୨ଟାବେଳେ ପୁରୀରୁ ରାଉରକେଲା ଆସୁଥିବା ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଉପରେ ପଥରମାଡ଼ ହୋଇଥିଲା । ଏଥିରେ ବଗିର କାଚ୍ ଭାଙ୍ଗିଯିବା ଫଳରେ ଯାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା । ଟ୍ରେନ୍‌ଟି ରାଉରକେଲା ପହଞ୍ଚିବାକୁ ଅଳ୍ପ ବାଟ ବାକି ଥିବାବେଳେ କଲୁଙ୍ଗା ନିକଟରେ ଏହି ଘଟଣା ଘଟିଥିଲା ।

ସୂଚନାନୁଯାୟୀ, ୨୦୮୩୬ ନମ୍ବର ବନ୍ଦେ ଭାରତ ପୁରୀରୁ ରାଉରକେଲା ଅଭିମୁଖେ ଆସୁଥିଲା । ଦିନ ପ୍ରାୟ ସାଢେ ୧୨ଟା ସମୟରେ ଟ୍ରେନ୍‌ଟି କାଂସବାହାଲ-କଲୁଙ୍ଗା ସେକ୍ସନ୍‌ର ୪୩୦/୨୦ କିଲୋମିଟର ଖୁଣ୍ଟ ଅତିକ୍ରମ କରୁଥିବାବେଳେ କିଛି ଦୁର୍ବୃତ୍ତ ଟ୍ରେନ୍‌କୁ ଲକ୍ଷ୍ୟ କରି ପଥର ଫିଙ୍ଗିଥିଲେ । କୋଚ୍ ନମ୍ବର (ସି-୫)ର ଝରକା କାଚ୍ ପଥର ବାଜି ଭାଙ୍ଗି ଯାଇଥିଲା । ଏଥିରେ ୫୩ ଓ ୫୪ ନମ୍ବର ସିଟ୍ ପାଖରେ ଥିବା ଝରକାକାଚ୍ କ୍ଷତିଗ୍ରସ୍ତ ହୋଇଥିଲା । ଏହି ଘଟଣାରେ ୨ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଥିବା କୁହାଯାଉଛି ।

ଟ୍ରେନ୍‌ଟି ରାଉରକେଲା ପହଞ୍ଚିବାପରେ ଏହାର ଯାଞ୍ଚ କରାଯାଇଥିଲା । ଭାଙ୍ଗିଥିବା କାଚ୍ ଉପରେ କାର୍ଡବୋର୍ଡ ଓ ପଲିଥିନ୍ ଲଗାଇ ଅସ୍ଥାୟୀ ମରାମତି କରାଯିବା ପରେ ଟ୍ରେନ୍‌ଟି ନିର୍ଦ୍ଧାରିତ ସମୟରେ ପୁଣି ପୁରୀ ଅଭିମୁଖେ ଫେରିଥିଲା । ତେବେ ଏହି ଘଟଣା ସଂପର୍କରେ ରାଉରକେଲା ଷ୍ଟେସନ୍ କର୍ତ୍ତୃପକ୍ଷ ଓ ଜିଆର୍‌ପି ଅବଗତ ନଥିବା କହିଛନ୍ତି । ବନ୍ଦେ ଭାରତ ଏକ୍ସପ୍ରେସ୍ ଉପରେ ବାରମ୍ବାର ଆକ୍ରମଣକୁ ନେଇ ଯାତ୍ରୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଭବିଷ୍ୟତରେ ଯେପରି ଏଭଳି ଘଟଣା ନ ଘଟେ, ସେଥିପାଇଁ ରେଳ ପ୍ରଶାସନ ଓ ସୁରକ୍ଷା ସଂସ୍ଥାଗୁଡ଼ିକ ଅସାମାଜିକଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି । ଯାତ୍ରୀମାନେ କହିଛନ୍ତି ଯେ ବନ୍ଦେଭାରତ ଏକ୍ସପ୍ରେସ ଉପରେ ଲଗାତାର ଆକ୍ରମଣ ଯୋଗୁ ସେମାନେ ଭୟର ବାତାବରଣ ମଧ୍ୟରେ ଯାତ୍ରା କରିବାକୁ ବାଧ୍ୟ ହେଉଛନ୍ତି । ଚକ୍ରଧରପୁର ରେଳ ମଣ୍ଡଳରେ ଏହି ଟ୍ରେନ୍ ଉପରେ ଆକ୍ରମଣ ହେବା ପ୍ରଥମ ଘଟଣା ନୁହେଁ । କିଛିଦିନ ପୂର୍ବେ ଟାଟାନଗର-ବ୍ରହ୍ମପୁର ବନ୍ଦେଭାରତ ଟ୍ରେନ୍ ଉପରେ ମଧ୍ୟ ପଥର ମାଡ ହୋଇଥିଲା ।

# ୨୩ ବର୍ଷ ଡେଟିଂ ପରେ ବିବାହ କଲେ ଆଶ୍ଲେଷା-ସନ୍ଦୀପ

## ସିନେମାଫିନେମା ଟିଭିଫିଭି



**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

'କିୟୁଙ୍କି ସାସ୍ ଭି କଭି ବହୁ ଥି' ସେଟରେ ଦେଖା ହୋଇଥିବା ଆଶ୍ଲେଷା ସାୱନ୍ତ ଏବଂ ସନ୍ଦୀପ ବାସୱାନା ଶେଷରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ସେମାନେ ଗତ ୨୩ ବର୍ଷ ଧରି ଲିଭ-ଇନ୍ ରିଲେସନସିପରେ ଥିଲେ । ଶେଷରେ ଦୁହେଁ ହାତକୁ ଦୁଇ ହାତ ହୋଇଛନ୍ତି । ବୃନ୍ଦାବନରେ ହିନ୍ଦୁ ରୀତିନୀତିରେ ପରସ୍ପରର ଜୀବନସାଥୀ ହୋଇଛନ୍ତି ଆଶ୍ଲେଶା ଏବଂ ସନ୍ଦୀପ । ସୋସିଆଲ ମିଡିଆରେ ସେମାନେ ସେମାନଙ୍କର ବିବାହ ଫଟୋ ସେୟାର କରିଛନ୍ତି ଏବଂ ଏକ ନୋଟ୍ ଲେଖିଛନ୍ତି ।

ଟିଭିର ସବୁଠାରୁ ଲୋକପ୍ରିୟ ଦମ୍ପତିଙ୍କ ମଧ୍ୟରୁ ଜଣେ, ଆଶ୍ଲେଷା ସାୱନ୍ତ ଏବଂ ସନ୍ଦୀପ ବାସୱାନା । ୨୩ ବର୍ଷର ଏକାଠି ରହିବା ପରେ ଶେଷରେ ବିବାହ କରିଛନ୍ତି । ଏହି ଦମ୍ପତି ନଭେମ୍ବର ୧୬ ତାରିଖରେ ବୃନ୍ଦାବନର ଚନ୍ଦ୍ରୋଦୟ ମନ୍ଦିରରେ ଏକ ବ୍ୟକ୍ତିଗତ ଉତ୍ସବରେ ବିବାହ କରିଛନ୍ତି ଯାହା କେବଳ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ହୋଇଥିଲା । ସନ୍ଦୀପ କହିଛନ୍ତି, 'ଆଶ୍ଲେଷା ଏବଂ ମୁଁ ଏପ୍ରିଲରେ ବୃନ୍ଦାବନ ଗସ୍ତ କରିଥିଲୁ ଏବଂ ସେଠାରେ ରାଧା-କୃଷ୍ଣ ମନ୍ଦିର ସହିତ ଏକ ଗଭୀର ସମ୍ପର୍କ ଅନୁଭବ କରିଥିଲୁ । ସେହି ଯାତ୍ରା ଆମକୁ ୨୩ ବର୍ଷର ଏକାଠି ରହିବା ପରେ ବିବାହ କରିବାକୁ ପ୍ରେରଣା ଦେଇଥିଲା । ଆମର ପିତାମାତା ସବୁଠାରୁ ଖୁସି-ସେମାନେ ଦୀର୍ଘ ସମୟ ଧରି ଏହି ଦିନକୁ ପାଇଁ ଅପେକ୍ଷା କରିଥିଲେ । ଭଗବାନ କୃଷ୍ଣ ମନ୍ଦିରରେ ବିବାହ କରିବାଠୁ ଭଲ ଉପାୟ ଆଉ କ'ଣ ହୋଇପାରେ ।

ସେହିପରି, ଆଶ୍ଲେଷା କହିଛନ୍ତି, 'ମୁଁ ବହୁତ ଖୁସି ଏବଂ କୃତଜ୍ଞ ଅନୁଭବ କରୁଛି ଯେ ମୁଁ ଶେଷରେ ମୋ ଜୀବନର ପ୍ରେମ ସହିତ ବିବାହ କରିଛି । ବୃନ୍ଦାବନ ଏକ ଉପଯୁକ୍ତ ସ୍ଥାନ ଥିଲା । ଆମେ ଯେତେବେଳେ ପରିଦର୍ଶନ କରିଥିଲୁ ସେତେବେଳେ ଆମେ ଏକ ଗଭୀର ସମ୍ପର୍କ ଅନୁଭବ କରିଥିଲୁ । ଏହା ଏକ ସ୍ୱାଭାବିକ, ସ୍ୱତଃସ୍ଫୂର୍ତ୍ତ ନିଷ୍ପତ୍ତି ଥିଲା, ଏବଂ ଆମେ ଏହାକୁ କେବଳ ଆମ ପରିବାର ପାଇଁ ବ୍ୟକ୍ତିଗତ ରଖିବାକୁ ନିଷ୍ପତ୍ତି ନେଇଥିଲୁ ।'

ଆଶ୍ଲେଷା ବର୍ତ୍ତମାନ 'ଝନକ' ସିରିଜରେ ନଜର ଆସିଥିବାବେଳେ ସନ୍ଦୀପଙ୍କୁ ଶେଷ ଥର ପାଇଁ 'ଆପୋଲିନାରେ' ଦେଖିବାକୁ ମିଳିଥିଲା । ଏହି ଦମ୍ପତି ପ୍ରଥମେ ୨୦୦୨ରେ 'କିୟୁଙ୍କି ସାସ୍ ଭି କଭି ବୋହୂ ଥି'ର ସେଟରେ ସାକ୍ଷାତ ହୋଇଥିଲେ । ଆଶ୍ଲେଷା 'ଅନୁପମା' ସିରିୟଲରେ ମଧ୍ୟ କାମ କରିଛନ୍ତି ।

# ସ୍ୱାଧୀନତାର ୭୮ ବର୍ଷ ପରେ ବି ଗାଁକୁ ରାସ୍ତା ନାହିଁ



**୨୪।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିକାଶର ନାରା କେବଳ ପ୍ରଚାର ପ୍ରସାରରେ ସୀମିତ ରହିଯାଇଛି । ପ୍ରକୃତରେ ଗ୍ରାମାଞ୍ଚଳରେ କେତେ ବିକାଶ ହୋଇଛି କନ୍ଧମାଳ ଜିଲ୍ଲାର ବିଭିନ୍ନ ଉପାନ୍ତ ଏବଂ ଦୁର୍ଗମ ଅଞ୍ଚଳ ବୁଲି ଆସିଲେ ନିଶ୍ଚିତ ଭାବେ ହୃଦୟଙ୍ଗମ ହେବ ଯେ ସ୍ୱାଧୀନତାର ୭୮ବର୍ଷ ଭିତରେ ଗାଁରେ ବିକାଶ କେତେ ହୋଇଛି? କନ୍ଧମାଳ ଜିଲ୍ଲାର ରାଇକିଆ ବ୍ଲକ ଅନ୍ତର୍ଗତ ପେଟାପାଙ୍ଗା ପଞ୍ଚାୟତର ୧୧ନଂ ୱାର୍ଡର ଜାଟିଗୁଡା ଗାଁର ଅବସ୍ଥା ଦେଖିଲେ ଜାଣିହେବ ଆମ ଗାଁ କେତେ ବିକାଶ କରିଛି ଆମେ କେତେ ବିକଶିତ ।

ଆମ ସରକାର କେବଳ ବିକଶିତ ଭାରତର ନାରା ଦେଇ ଚାଲିଛନ୍ତି । ଗାଁକୁ ଆଜି ପର୍ଯ୍ୟନ୍ତ ରାସ୍ତା ନାହିଁ । ଜଙ୍ଗଲ ପାହାଡ଼ ପର୍ବତ ଘେରା ଅତି ସୁନ୍ଦର ପରିବେଶ ଭିତରେ ଅବସ୍ଥିତ ଜାଟିଗୁଡ଼ା । ଜାଟିଗୁଡା, ଟିଣ୍ଡିକାମ୍ଭା, ମାହାରେ ୨୫ରୁ ଉର୍ଦ୍ଧ୍ୱ ପରିବାରର ୧୩୦ରୁ ଉର୍ଦ୍ଧ୍ୱ ଜନସଂଖ୍ୟା । ଏହା ଏକ ରାଜସ୍ୱ ଗ୍ରାମ ହେଲେ ନାମକୁ ମାତ୍ର । ମୌଳିକ ସୁବିଧାରୁ ବଞ୍ଚିତ ଏହି ଗ୍ରାମବାସୀମାନେ ସମସ୍ତେ ପ୍ରାୟ ଆଦିବାସୀ ସମ୍ପ୍ରଦାୟର । ସମସ୍ତେ ପ୍ରାୟ ଚାଷ ଉପରେ ଏବଂ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଉପରେ ନିର୍ଭର କରୁଥିବା ବେଳେ କାମଧନ୍ଦା ଅଭାବରୁ ବହୁ ଯୁବକ ଦାଦନ ଖଟିବାକୁ କେରଳ ଏବଂ ବାଙ୍ଗାଲୋର ଯାଇଛନ୍ତି। ରାସ୍ତା ଅଭାବରୁ ଗ୍ରାମବାସୀ ଏକପ୍ରକାର ଜଙ୍ଗଲୀ ଜୀବନ ଯାପନ କରୁଥିବା ପ୍ରକାଶ କରିଛନ୍ତି । ଟିଣ୍ଡିକାମ୍ଭାରେ ଏକ ପ୍ରାଥମିକ ବିଦ୍ୟାଳୟ ଥିଲା ହେଲେ ପିଲା ସଂଖ୍ୟା କମିବାରୁ ସରକାରଙ୍କ ନୂତନ ନିୟମ ପ୍ରକାରେ ବିଦ୍ୟାଳୟ ବନ୍ଦ ପଡ଼ିଛି । ଏହି ଗ୍ରାମରୁ ବ୍ଲକ ସଦର ମହକୁମା ରାଇକିଆ ଦୂରତା ୨୯କିମି । ସେଇପରି ପେଟାପାଙ୍ଗା ପଞ୍ଚାୟତ ସଦରମହକୁମା ଦୂରତା ୮କିମି । ପଞ୍ଚାୟତ ହେଉ କି ବ୍ଲକକୁ ଯୀବାକୁ ହେଲେ ୫କିମି ରାସ୍ତା ଚାଲି ଚାଲି ଗଲେ ଯାଇ ଗାଡି ମଟର ପାଇବେ ।

ସେଇଭଳି ନିଜନିଜ ରାସନକାର୍ଡରେ ଚାଉଳ ଆଣିବା ନିମନ୍ତେ ୫କିମି ରାସ୍ତା ଗଦଗୁଡ଼ା ଗଲେ ସେଠି ଚାଉଳ ଧରି ମୁଣ୍ଡରେ ବୋହି ବୋହି ପୁଣି ୫କିମି ରାସ୍ତା ନିଜ ଗାଁକୁ ଆସିବାକୁ ପଡୁଛି । ସବୁଠାରୁ ହୃଦୟ ବିଦରକ ଦୃଶ୍ୟ ହେଉଛି ଗାଁରେ କାହାର ସ୍ୱାସ୍ଥ୍ୟ ଖରାପ ହେଲେ ଗୁରୁତର ହେଲେ ଗାଁକୁ ଆମ୍ବୁଲାନ୍ସ କିମ୍ବା କୌଣସି ଗାଡି ଆସିପାରେନି ଏଣୁ ଦୋଳା କିମ୍ବା ଖଟିଆରେ ବୋହି ବୋହି ଦୀର୍ଘ ୫କିମି ରାସ୍ତା ନେଲେ ଗାଡ଼ିର ବ୍ୟବସ୍ଥା ହୋଇପାରୁଛି । ସେଇଭଳି ଗର୍ଭବତୀ ମା'ମାନେ ମଧ୍ୟ ସେଇ ଅବସ୍ଥାରେ ଗତି କରୁଛନ୍ତି । ନିଜ ଜମିରେ ଉତ୍ପାଦିତ ପନିପରିବା ହେଉ କି ଜଙ୍ଗଲଜାତ ଦ୍ରବ୍ୟକୁ ବଜାରକୁ ବିକ୍ରି କରିବାକୁ ହେଲେ ମୁଣ୍ଡରେ ବୋହି ବୋହି ୫କିମି ରାସ୍ତା ଗଲା ପରେ ଗାଡି ମିଳିବଛ ରାସ୍ତାଉପରେ ରାସ୍ତା ନିର୍ମାଣ ହେଉଛି ଅଥଚ ଜାଟିଗୁଡା ଗ୍ରାମକୁ ମୂଳରୁ ରାସ୍ତା ନାହିଁ ।

## ଆଜିର ରାଶିଫଳ

| ତାରିଖ | ମଙ୍ଗଳବାର- ପଞ୍ଚମୀ |
|---|---|
| ୨୫.୧୧.୨୦୨୫ | ନକ୍ଷତ୍ର- ଉତ୍ତରାଷାଢ଼ା, ମକରଚନ୍ଦ୍ର |

| | |
|---|---|
| ମେଷ | : ବନ୍ଧୁଦର୍ଶନ ହେବ । |
| ବୃଷ | : ଆତ୍ମଗ୍ଲାନୀ । |
| ମିଥୁନ | : ଶରୀର ପୀଡ଼ା ବଢ଼ିବ । |
| କର୍କଟ | : ବ୍ୟବସାୟରେ ବକେୟା ପଡ଼ିଥିବା ଅର୍ଥ ମିଳିବ । |
| ସିଂହ | : ଦ୍ରବ୍ୟଲାଭ ଯୋଗ ରହିଛି । |
| କନ୍ୟା | : ନୂତନ ଆୟ କରିବେ । |
| ତୁଳା | : ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ । |
| ବିଛା | : ଗୁରୁଜନେ ଶାନ୍ତି ହେବେ । |
| ଧନୁ | : ଅଯଥା ଖର୍ଚ୍ଚାନ୍ତରେ ପଡ଼ିବେ । |
| ମକର | : ଗୁରୁଜନ ପ୍ରଶଂସିତ ହେବେ । |
| କୁମ୍ଭ | : ଖର୍ଚ୍ଚାନ୍ତ ଯୋଗ ରହିଛି । |
| ମୀନ | : ବ୍ୟବସାୟରେ ଲାଭ ହେବ । |

## ହତ୍ୟାକାରୀକୁ କୋର୍ଟ ଚାଲାଣ

**କଳିଙ୍ଗନଗର, ୨୪।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଘଟଣା ଘଟିବାର ୫ ଦିନ ପରେ ଯଖପୁରା ଥାନା ଅନ୍ତର୍ଗତ ପଙ୍କପାଳ ଗ୍ରାମର ମୃତ ଆକାର ଦଳାଇର ହତ୍ୟାକାରୀକୁ ବାନ୍ଧିବାରେ ସକ୍ଷମ ହୋଇଛି ଯଖପୁରା ପୋଲିସ । ପୋଲିସ ଅଭିଯୁକ୍ତକୁ ବାନ୍ଧି ରବିବାର କୋର୍ଟ ଚାଲାଣ କରିଛି । କେସ ନମ୍ବର ୧୭୧/୨୫ ଧାରା ୧୦୩(୧) ବି ଏନ୍ ଏସ୍ ମାମଲା ରୁଜୁ କରି ତଦନ୍ତ କରୁଛି ଯଖପୁରା ପୋଲିସ । ପ୍ରକାଶ ଥାଉ କି ଗତ ନଭେମ୍ବର ୧୮ ତାରିଖ ଦିନ ପଙ୍କପାଳ ଗ୍ରାମର କୈଳାସ ଦଳାଇଙ୍କ ପୁଅ ଆକାର ଦଳାଇକୁ ଏକ ବାଉଁଶ ସାହାଯ୍ୟରେ ପିଟି ହତ୍ୟା କରିଥିଲା ଜେନାପୁର ଥାନା ଅନ୍ତର୍ଗତ ରେଖିଦେଈପୁର ଗ୍ରାମର ପରମାନନ୍ଦ ସେଠିଙ୍କ ପୁଅ ଅଟଳ ଦଳାଇ(୩୧) । ଅଭିଯୁକ୍ତ ଅଟଳ ଦଳାଇ ମାସ ମାସ ଧରି ପଙ୍କପାଳ ଗ୍ରାମରେ ରାଜମିସ୍ତ୍ରୀ କାମ କରୁଥିଲା । କାମ କରିବା ସମୟରେ ସେ ମୃତ ଆକାର ଦଳାଇଙ୍କ ଭଉଣୀ ଘରକୁ ଯିବା ଆସିବା କରୁଥିଲା । ମୃତ ଆକାର ଦଳାଇ ଙ୍କ ଭଉଣୀ ଜଣେ ସ୍ୱାମୀ ପରିତ୍ୟାକ୍ତା । ଅଟଳ ତା' ଭଉଣୀ ଘରକୁ ଯିବା ଆସିବାକୁ ମୃତ ଆକାର ଦଳାଇ ବିରୋଧ କରିଥିଲା । ଘଟଣା ଘଟିବା ଦିନ ଅଟଳ ସେଠୀକୁ ପୁଣି ମୃତ ଆକାର ଦଳାଇ ତା' ଭଉଣୀ ଘରେ ଦେଖିବାକୁ ପାଇଥିଲା । ସେହିଠାରେ ଏହାକୁ ନେଇ ଦୁଇ ଜଣଙ୍କ ମଧ୍ୟରେ ବଚସା ହୋଇଥିଲା ଆଉ କଥା ହାତାହାତି ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ଅଟଳ ସେଠି ପାଖରେ ପଡ଼ିଥିବା ଏକ ବାଉଁଶରେ ମୃତ ଆକାର ଦଳାଇ ର ମୁଣ୍ଡକୁ ପିଟି ଦେଇଥିଲା । ସଙ୍ଗେ ସଙ୍ଗେ ମୃତ ଆକାର ଦଳାଇ ସେଠାରେ ଟଳି ପଡ଼ିଥିଲା । ଘଟଣାସ୍ଥଳରୁ ଅଟଳ ଫେରାର ହୋଇଯାଇଥିଲା । ସଙ୍ଗେ ସଙ୍ଗେ ଆକାରକୁ ଦାନଗଦି ଡ଼ାକ୍ତରଖାନାକୁ ନିଆଯାଇଥିଲା ତା' ଅବସ୍ଥା ଅଧିକ ଜଟିଳ ହେବାରୁ ତାକୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ତାର ମୃତ୍ୟୁ ହୋଇଥିଲା ।

## ୪୯ ଦିନ ପରେ ଗଳିତ ମୃତଦେହ ଉଦ୍ଧାର

**ମାହାଙ୍ଗା, ୨୪।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

୪୯ ଦିନ ପୂର୍ବେ ମାହାଙ୍ଗା ଥାନା ଜଳେଶ୍ୱରପୁର ପଞ୍ଚାୟତ ଗଙ୍ଗପୁରା ଗ୍ରାମର ବୃଦ୍ଧ ଶଙ୍କର ଦାସ (୭୩)ଗୋବରୀ ନଦୀକୁ ଶୌଚ ହେବା ପାଇଁ ଯାଇ ନିଖୋଜ ହୋଇ ଯାଇଥିଲେ । ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ ଦ୍ୱାରା ଦୀର୍ଘ ତିନି ଧରି ଶଙ୍କରକୁ ଗୋବରୀ ନଦୀରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତା ମିଳିନଥିଲା । ତେବେ ଏହି ଘଟଣାର ୪୯ ଦିନ ପରେ ଗୋବରୀ ନଦୀର ଜଳସ୍ତର ହ୍ରାସ ହେବା ପରେ ରାହାଣିଆ ପଞ୍ଚାୟତ ମୋଗଲପାଟଣା ନିକଟରେ ଗୋବରୀ ନଦୀ ମଧ୍ୟରେ ଥିବା ଏକ ବାଉଁଶ ବୁଦା ଖୋଲ ଭିତରେ ବୃଦ୍ଧ ଶଙ୍କରର ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ । ଖବର ପାଇ ସମ୍ପର୍କୀୟ ଲୋକମାନେ ପହଞ୍ଚି ଶବ ଚିହ୍ନଟ କରିବା ପରେ କୁଆଁପାଳ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଖବର ପାଇ କୁଆଁପାଳ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଶଙ୍କରଙ୍କ ଗଳିତ ଶବକୁ ଉଦ୍ଧାର କରିଥିଲେ । ଘଟଣାସ୍ଥଳରେ ମାହାଙ୍ଗା ପୋଲିସ ପହଞ୍ଚି ମୃତ ଶଙ୍କରଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ମେଡିକାଲ ପଠାଇ ତଦନ୍ତ ଚାଲୁ ରଖିଥିବା ଜଣାଯାଇଛି ।

# ଗୋପବାସୀଙ୍କ ପାଇଁ ସରକାରୀ ଯୋଜନା ସାତ ସପନ

**ଗୋପ, ୨୪।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲାର ବହୁ ଚର୍ଚ୍ଚିତ ନିମାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ର ପ୍ରମୁଖ ବ୍ଲକଟି ହେଉଛି ଗୋପ ବ୍ଲକ । ଏଠାରେ ବିଗତ ୨ ବର୍ଷ ହେ କୌଣସି ସରକାରୀ ଯୋଜନାକୁ ସଠିକ ଭାବେ କାର୍ଯ୍ୟକାରୀ କରାଯାଉନି । ମୁଖ୍ୟତଃ ଏହା ୨ଟି ଲୋକସଭା ଓ ୩ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ସମଷ୍ଟି ହୋଇଥିବାରୁ ପ୍ରଶାସନିକ ଅଧିକାରିଣୀଙ୍କ ଇଚ୍ଛାଶକ୍ତି ର ଅଭାବ ହେତୁ ଏଭଳି ସବୁ ହେଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏମିତି କୌଣସି ଗୋଟିଏ ଯୋଜନା ନାହିଁ ଯେ ତା'ର ନିର୍ଦ୍ଧାରିତ ସପ୍ତାହ ପୂର୍ବରୁ ଲୋକଙ୍କୁ ସୂଚିତ କରାଯାଇଥିବ । ତାହା ଭୀମଭୋଇ ଭିନ୍ନକ୍ଷମ ଯୋଜନା ହେଉ କି ଜିଲ୍ଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ହେଉ କିମ୍ବା ନିଯୁକ୍ତି ମେଳା ହେଉ । କାର୍ଯ୍ୟରତ ବ୍ଲକ ପ୍ରଶାସନ ମୁଖ୍ୟ ଗଣମାଧ୍ୟମଙ୍କୁ ମଧ୍ୟ ସଠିକ ସମୟରେ ସଠିକ ସୂଚନା ପ୍ରଦାନ କରୁନାହାନ୍ତି । ଉକ୍ତ ଅଧିକାରିଣୀ ଜଣକ ଗୋପକୁ ଯେବେଠୁ ଆସିଲେଣି ସେବେଠାରୁ ଆଜି ପର୍ଯ୍ୟନ୍ତ ଗୋପ ବ୍ଲକର ସାଧାରଣ ଜନତା ଙ୍କ ମଧ୍ୟରେ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ସଠିକ ରୂପେ ଚୟନ କରାଗଲାନାହିଁ । ନିମାପଡା ନିର୍ବାଚନ ମଣ୍ଡଳୀର ବିଧାୟିକା ତଥା ରାଜ୍ୟ ରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଛାତ୍ରଛାୟା ଥିବା ହେତୁ ଅଧିକାରିଣୀ ଆଜ୍ଞା ନିଜକୁ ମଧ୍ୟ ଉପ ମୁଖ୍ୟମନ୍ତ୍ରୀ ଭାବେ ବିବେଚନା କରୁଥିବା କଥା ମଧ୍ୟ ଚର୍ଚ୍ଚା ହେଉଛି । ଅନେକ ସରକାରୀ ଅନୁଷ୍ଠାନ ରେ ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କୁ ବିଭିନ୍ନ ପଦବଦବୀ ରେ ଅଳଙ୍କୃତ ହୋଇଥିବା ସତ୍ତ୍ୱେ ସରକାରୀ ଅନୁଷ୍ଠାନର ପ୍ରମୁଖ ମାନେ ସିମାନଙ୍କୁ କୁଆଡେ ଅଣଦେଖା କରୁଥିବା ଖବର ମଧ୍ୟ ଶୁଣିବାକୁ ମିଳୁଛି । ତାହା ଶିକ୍ଷା ବିଭାଗ ହେଉ କି ସ୍ୱାସ୍ଥ୍ୟ ବିଭାଗ ହୋଇଥାଉ । ଏହାଦ୍ୱାରା ଗୋପ ର ବିକାଶ ହେବା ପରିବର୍ତ୍ତେ ବିନାଶ କ୍ଷେତ୍ରରେ ଅଗ୍ରସର ହେଉଛି । ସେଥିପାଇଁ ଖୋଦ ନିହେ ରାଜ୍ୟର ମୁଖ୍ୟମନ୍ତ୍ରୀ ତାଙ୍କ ଅଧିନସ୍ତ ସମସ୍ତ ବିଭାଗୀୟ ମନ୍ତ୍ରୀ ଓ ବିଧାୟକ/ ବିଧାୟିକା ଏବଂ ସ୍ଥାନୀୟ ପ୍ରଶାସନ ଅଧିକାରୀଙ୍କୁ ଚେତାବନୀ ହେଉଛନ୍ତି । କିନ୍ତୁ ବଡ଼ ଦୁର୍ଭାଗ୍ୟ ତାହା ଗୋପ ବ୍ଲକ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇପାରୁନି । ଅପର ପକ୍ଷରେ ଗୋପ ରେ ମାଳମାଳ ପ୍ରକଳ୍ପ ଓ ଭିତ୍ତିପ୍ରସ୍ତର ର ଶିଳାନ୍ୟାସ ହେଉଛି ସତ କିନ୍ତୁ ତାହା କାର୍ଯ୍ୟକାରୀ ହୋଇପାରୁନି । ଯେଉଁଥି ପାଇଁ ଅତ୍ୟାବଶୀକୟୀ ବନ୍ଦୋବସ୍ତ ସଠିକ ରୂପେ ହୋଇପାରୁନି । ଏହାଦ୍ୱାରା ଅଧିକାଂଶ ଯୋଗ୍ୟ ହିତାଧିକାରୀ ବିଭିନ୍ନ ଯୋଜନା ରୁ ବଞ୍ଚିତ ହେଉଥିବା ଖବର ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି । ଏଥିପ୍ରତି ସ୍ଥାନୀୟ ବିଧାୟିକା ତଥା ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କୁ ଗୋପ ସୁରକ୍ଷା ମଞ୍ଚ ପକ୍ଷରୁ ଦାବି ହେଉଛି ।

## ଶିକ୍ଷକ ନିଯୁକ୍ତି ଦାବିରେ ଫାଟକରେ ତାଲା ପକାଇଲେ ଛାତ୍ରଛାତ୍ରୀ

**ହାଟଡିହୀ, ୨୪।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଡ଼ଅଁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟାକୁ ନେଇ ବିଦ୍ୟାଳୟ ଫାଟକରେ ସୋମବାର ତାଲା ପଡିଛି । ଫଳରେ ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନେ ବିଦ୍ୟାଳୟ ବାହାରେ ଫାଟକ ସମ୍ମୁଖରେ ତଳେ ବସିଛନ୍ତି । ଅସନ୍ତୋଷ ଏବଂ ଉତ୍ତେଜନା ପ୍ରକାଶ ପାଇଛି । ଏ ବାବଦରେ ହାଟଡିହୀ ବିଇଓ ରାଜୀବ ଦଳେଇଙ୍କୁ ପଚାରିବାରୁ ଏପରି ଘଟଣା ସମ୍ପର୍କରେ ସେ ଜାଣି ନାହାଁନ୍ତି କି କେହି ତାଙ୍କୁ ଜଣେଇ ନାହାଁନ୍ତି ବୋଲି କହିଛନ୍ତି । ତେବେ ଶିକ୍ଷକ ଅଭାବକୁ ନେଇ ବିଦ୍ୟାଳୟ ଫାଟକରେ ତାଲା ପଡିବା, ଛାତ୍ରଛାତ୍ରୀ ମାନେ ବାହାରେ ଖୋଲା ଆକାଶ ତଳେ ବସିବା ସମ୍ପର୍କରେ ଖୋଦ ବିଇଓ ଜାଣି ନ ପାରିବା ତାଙ୍କର ଦାୟିତ୍ୱ ଏବଂ କାର୍ଯ୍ୟ ଦକ୍ଷତାକୁ ପଦାରେ ପକାଇଛି । ଭାତ ହାଣ୍ଡିରୁ ଗୋଟେ ଭାତ ଚିପିବା ପରି ଏହି ବ୍ଲକ ଅଞ୍ଚଳରେ ଶିକ୍ଷାଦାନ ବ୍ୟବସ୍ଥା କିପରି ଅଛି ତାହା ସହଜେ ଉକ୍ତ ଘଟଣାରୁ ଅନୁମାନ କରି ହେବ । ସୂଚନା ଯୋଗ୍ୟ, ଏହି ବିଦ୍ୟାଳୟରେ ମୋଟ ୮ଟି ଶ୍ରେଣୀ ଏବଂ ଶିଶୁ ବାଟିକା ଅଛି । ୨୧୪ ଜଣ ଛାତ୍ରଛାତ୍ରୀ ଏଠାରେ ଅଧ୍ୟୟନ କରୁଛନ୍ତି । ପୂର୍ବରୁ ଏଠାରେ ୯ ଜଣ ଶିକ୍ଷକ ଥିଲେ । ଏବେ ୪ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି । ଫଳରେ ଶିକ୍ଷାଦାନ ଠିକ ଭାବେ ହୋଇ ପାରୁନି । ଫଳରେ ଅଭିଭାବକ ଏବଂ ଗ୍ରାମବାସୀ ମାନେ ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଦେଇଛନ୍ତି ।

## ବୋମା ପକାଇ ଟ୍ରକରୁ ତେଲ ଲୁଟିଲେ ଦୁର୍ବୃତ୍ତ

**ଢେଙ୍କାନାଳ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ୫୩ ନଂ ଜାତୀୟ ରାଜପଥର ନୂଆପାଣି ଗାଁ ପେଟ୍ରୋଲ ପମ୍ପ ନିକଟରେ ବୋମା ପକାଇ ଗୋଟିଏ ଟ୍ରକରୁ ତେଲ ଲୁଟି ନେଇଛନ୍ତି ଦୁର୍ବୃତ୍ତ । ଶନିବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଏକ କାରରେ ଆସି ନୂଆପାଣି ପେଟ୍ରୋଲ ପମ୍ପ ନିକଟରେ ଛିଡା ହୋଇଥିବା କୋଇଲା ବୋଝେଇ ଟ୍ରକରୁ ତେଲ ଚୋରି କରୁଥିଲେ। ଯାହାକୁ ନେଇ ଶବ୍ଦ ହେବାରୁ ଡ୍ରାଇଭର ଜଣଙ୍କ ଗାଡି ବାହାରକୁ ଚାଲି ଆସିଥିଲେ । ଫଳରେ ଦୁର୍ବୃତ୍ତମାନେ ଏକ ବୋମା ଗାଡି ନିକଟରେ ପକାଇବା ସହ ତେଲ ଧରି ଚମ୍ପଟ ମାରିଥିଲେ । ଯାହାକୁ ନେଇ କାମାକ୍ଷାନଗର ଥାନାରେ ଅଭିଯୋଗ ପରେ ତଦନ୍ତ ଆରମ୍ଭ ହୋଇଛି ।

**ସାଇବର କ୍ରାଇମ ଠକେଇ ଘଟଣା**

## ଯୁବକଙ୍କୁ ଉଠାଇ ନେଲା ପଶ୍ଚିମବଙ୍ଗ ପୋଲିସ

**ମାହାଙ୍ଗା, ୨୪।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**



ଡିଜିଟାଲ ଆରେଷ୍ଟର ଭୟ ଦେଖାଇ ପଶ୍ଚିମବଙ୍ଗର ଜଣେ ଧନୀ ବ୍ୟକ୍ତିଙ୍କୁ ଭୟଭିତ କରି କୋଟି କୋଟି ଟଙ୍କା ଠକି ନେଇଥିବା ସାଇବର ଅପରାଧୀ ଗ୍ୟାଙ୍ଗର ଜଣେ ସଦସ୍ୟଙ୍କୁ ପଶ୍ଚିମବଙ୍ଗ ପୋଲିସ ମାହାଙ୍ଗା ଥାନା କୁସୁପୁର ଗ୍ରାମରୁ ମାହାଙ୍ଗା ପୋଲିସ ସହାୟତାରେ ଉଠାଇ ନେଇଥିବା ଜଣାଯାଇଛି । ସୂଚନା ଅନୁଯାୟୀ ଠକେଇର ଶିକାର ହୋଇଥିବା ବ୍ୟକ୍ତିଙ୍କ ଅଭିଯୋଗ କ୍ରମେ ପଶ୍ଚିମବଙ୍ଗ ପୋଲିସ ଏହାର ତଦନ୍ତ କରି ଏହାର ଚେର ଓଡିଶାକୁ ଲମ୍ବି ଥିବା ଜାଣିବାକୁ ପାଇଥିଲେ । ଏହି ଗ୍ୟାଙ୍ଗ ଦ୍ୱାରା ଆସିଥିବା ଠକେଇ ଅର୍ଥ କୁସୁପୁର ଗ୍ରାମର ନାରାୟଣ ଚଣ୍ଡୀ ଏଣ୍ଟରପ୍ରାଇଜେସ ମାଲିକ ପରମାନନ୍ଦ ସାହୁଙ୍କ ପୁତ୍ର ହେମନ୍ତ କୁମାର ସାହୁ (୪୯)ଙ୍କ ଆକାଉଣ୍ଟକୁ ୩୦ ଲକ୍ଷ ଟଙ୍କା ଆସିଥିବା ସାଇବର ପୋଲିସ ଜାଣିବାକୁ ପାଇଥିଲେ । ଗତକାଲି ଠାରୁ ପଶ୍ଚିମବଙ୍ଗ ପୋଲିସ ମାହାଙ୍ଗାରେ ପହଞ୍ଚି ମାହାଙ୍ଗ ପୋଲିସ ସହାୟତାରେ ହେମନ୍ତଙ୍କୁ ଗିରଫ କରି ପଚରାଉଚରା କରିଥିଲେ । ଅଭିଯୁକ୍ତ ହେମନ୍ତଙ୍କୁ ମାହାଙ୍ଗା ଜେଏମଏଫସି ଅଦାଲତରେ ହାଜର କରିବା ପରେ ପଶ୍ଚିମବଙ୍ଗ ସାଇବର ପୋଲିସ ରିମାଣ୍ଡରେ ନେଇ ଯାଇଥିବା ଜଣାଯାଇଛି ।

# ସରୀସୃପଙ୍କ ଆଶ୍ରୟସ୍ଥଳ ପାଲଟିଛି ଶ୍ମଶାନ



**ଖଣ୍ଡପଡ଼ା, ୨୪।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ସହରର ୧୩ ନଂ ୱାର୍ଡରେ ଅବସ୍ଥିତ ଶ୍ମଶାନ ସ୍ଥଳ ଏବେ ବିଷଧର ସରୀସୃପଙ୍କ ନିରାପଦ ଆଶ୍ରୟସ୍ଥଳ ପାଲଟିଥିବା ଜଣାପଡିଛି । ନିୟମିତ ଭାବେ ସ୍ଥାନୀୟ ବାସିନ୍ଦା ଉକ୍ତ ଶ୍ମଶାନ ସ୍ଥଳରେ ଶବ ସତ୍କାର କରୁଥିଲେ ହେଁ ଶ୍ମଶାନ ସ୍ଥଳ ପ୍ରତି ପ୍ରଶାସନ ଦୃଷ୍ଟି ଦେଉ ନଥିବା ଜଣାପଡିଛି । ଶ୍ମଶାନ ମଧ୍ୟସ୍ଥ ଶବଦାହ ସ୍ଥାନ ଚାରିପାଖ ଅନାବନା ଗଛଲତାରେ ପରିପୂର୍ଣ୍ଣ ହୋଇଥିବା ବେଳେ ରାତ୍ର କାଳରେ ଉଜ୍ଜଳ ଆଲୋକୀକରଣର ବ୍ୟବସ୍ଥା ନଥିବାରୁ ଶବଦାହ ନିମନ୍ତେ ସେଠାକୁ ଯାଉଥିବା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ଶ୍ମଶାନସ୍ଥଳରେ ବିଶ୍ରାମ ନେବା ନିମନ୍ତେ ନିର୍ମାଣଧୀନ ଗୃହ କାର୍ଯ୍ୟ ଅଧାରେ ଅଟକିଥିବାରୁ ବିଶେଷ କରି ବର୍ଷା ଦିନେ ଓ ଶୀତ ଦିନେ ଶବଦାହ ନିମନ୍ତେ ସେଠାକୁ ଯାଉଥିବା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ତେଣୁ ସର୍ବସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଶ୍ମଶାନ ସ୍ଥଳରେ ଉଜ୍ଜଳ ଆଲୋକୀକରଣ ଓ ପାନୀୟଜଳର ବ୍ୟବସ୍ଥା କରିବାକୁ ସହରବାସୀ ଦାବି କରିଛନ୍ତି । ସେହିପରି ଅଧାରେ ଅଟକିଥିବା ବିଶ୍ରାମ ଗୃହ ନିର୍ମାଣ କାର୍ଯ୍ୟ ଶେଷ ନିମନ୍ତେ ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି । ଖଣ୍ଡପଡ଼ା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅଧକ୍ଷା ସେଥିପ୍ରତି ଦୃଷ୍ଟି ଦେବାକୁ ୧୩ ନଂ ୱାର୍ଡବାସୀ ଦାବି କରିଛନ୍ତି ।

## ବସ୍ ଦୁର୍ଘଟଣାରେ ଜଣେ ମୃତ, ୩ ଗୁରୁତର

**ଯାଜପୁର, ୨୪।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ସଦର ଥାନା ଅନ୍ତର୍ଗତ ବରୀ-ବରୁଆଁ ରାସ୍ତାର ଧୋବାଗଳି ନିକଟରେ ହରଗୌରୀ ନାମକ ଏକ ଘରୋଇ ବସ୍ ବରୀରୁ କଟକକୁ ଯାଉଥିବା ସମୟରେ କୁଝାଲା ଗ୍ରାମର ବୀର କିଶୋର ଜେନାଙ୍କ ପୁଅ ରାକେଶ(୧୮), ରବୀନ୍ଦ୍ର ଜେନାଙ୍କ ପୁଅ ଅଭୟ ଜେନା(୨୦), ବସନ୍ତ ଜେନାଙ୍କ ପୁଅ କିଶୋର (୧୮) ଓ ବିପିନ ଜେନାଙ୍କ ପୁଅ ମନମୋହନ(୧୮) ଏହି ଚାରିଜଣ ଯୁବକ ରାସ୍ତାରେ ପ୍ରାତଃ ଭ୍ରମଣ କରୁଥିବା ସମୟରେ ବସ୍‌ଟି ଭାରସାମ୍ୟ ହରାଇ ଏମାନଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ୪ଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ୪ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ନିମନ୍ତେ ଆଣିଥିବା ବେଳେ ୩ଜଣ ଯୁବକଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଘଟଣା ସ୍ଥଳରେ ଯାଜପୁର ସଦର ପୁଲିସ ପହଞ୍ଚି ବସ୍‌କୁ ଜବତ କରି ଥାନାରେ ଅଟକ ରଖିଛି। ଦୁର୍ଘଟଣା ଯୋଗୁ ସ୍ଥାନୀୟ ଗ୍ରାମବାସୀ ଟାୟାର ଜାଳି ଧୋବାଗଳି ନିକଟରେ ରାସ୍ତା ରୋକ କରିଥିଲେ। ଘଟଣା ସ୍ଥଳରେ ଯାଜପୁର ବିଧାୟିକା ସୁଜାତା ସାହୁ,ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ଅତିରିକ୍ତ ତହସିଲଦାର ଜି. ହରେକୃଷ୍ଣ ଓ ସଦର ପୁଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକରୁ ଲୋକେ ଓହରି ଥିଲେ।

# ଘଣ୍ଟପୁର-ଗୋପୀନାଥପୁର ପ୍ରଧାନମନ୍ତ୍ରୀ ସଡକ ଖାଲଖମାରେ ଭର୍ତ୍ତି



**କଣାସ : ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ପ୍ରଗତି ପାଇଁ ମୁଖ୍ୟତଃ ତାସ୍ତାଘାଟ ଉପରେ ଅଧିକ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତାଘାଟ ନିର୍ମାଣ କରୁଥିବାବେଳେ ରାସ୍ତା ଘାଟ ରକ୍ଷଣବେକ୍ଷଣ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଖାମଖିଆଲ ନିତି ଯୋଗୁଁ ପୁରୀ ଜିଲ୍ଲା କଣାସ ବ୍ଲକର ଘଣ୍ଟପୁର ଠାରୁ ଗଡଖାରଦ ଦେଇ ଗୋପୀନାଥପୁରକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡକ ରାସ୍ତା ସାରା ଖାଲଖମା ସୃଷ୍ଟି ହୋଇଯାଇଥିଲେ ମଧ୍ୟ ରାସ୍ତା କାମ କରିଥିବା ଠିକାଦାର ରାସ୍ତା ମରାମତି କରୁନଥିବାବେଳେ ବିଭାଗୀୟ ଅଧିକାରୀମାନେ କାହିଁକି ଚୁପ ହୋଇବସିଛନ୍ତି ଜନସାଧାରଣରେ ଆଲୋଚନାର ବିଷୟବସ୍ତୁ ହୋଇଛି । ଉକ୍ତ ରାସ୍ତା ୨୦୨୨ ମସିହାରେ ଆରମ୍ଭ ହୋଇ ୨୦୨୩ ମସିହାରେ ଶେଷ ହୋଇଥିଲା । ଉକ୍ତ ରାସ୍ତା ନିର୍ମାଣ କରିଥିବା ୨୦୨୮ ମସିହା ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରିବା ଚୁକ୍ତି କରିଥିଲେ ମଧ୍ୟ କାହିଁକି ମରାମତି କରୁ ନାହିଁ ସ୍ଥାନୀୟ ଅଞ୍ଚଳରେ ଜନଅସନ୍ତୋଷ ବୃଦ୍ଧିପାଇବାରେ ଲାଗିଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି ।

## ପୋଖରୀରୁ ଗଳିତ ମୃତଦେହ ଉଦ୍ଧାର

**ମୟୂରଭଞ୍ଜ, ୨୪।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ଉପରବେଡ଼ା ଗାଁ ନିକଟସ୍ଥ ପୋଖରୀରୁ କାର୍ ସହିତ ଗଳିତ ଶବ ଉଦ୍ଧାର । ପୁଲିସ ଘଟଣାସ୍ଥଳରେ ପହଞ୍ଚି କ୍ରେନ୍ ସାହାଯ୍ୟରେ କାର୍‌କୁ ଉପରକୁ ଆଣି, ସେଥିରୁ ମୃତଦେହକୁ ଉଦ୍ଧର କରିଛି ।

ସୂଚନା ଅନୁଯାୟୀ, ଯୁବକଙ୍କ ଘର ବିଶୋଇ ଥାନା ଠୁଲୁଚଟାଣି ଗାଁର ଗୁଲେଶ ଗଚ୍ଛାୟତ । ସେ ସେପ୍ଟେମ୍ବର ୧୧ ତାରିଖରେ ତାଙ୍କ ବନ୍ଧୁଙ୍କୁ ଖଡ଼ଗପୁର ଛାଡ଼ିବାକୁ ଯାଇ ଆଉ ଫେରିନଥିଲେ । ପରିବାର ଲୋକ ଏବାବଦରେ ବିଶୋଇ ଥାନାରେ ଏତଲା ମଧ୍ୟ ଦେଇଥିଲେ । ହେଲେ ଆଜି ଝାରପୋଖରିଆ ଥାନା ଉପରବେଡ଼ା ଗାଁ ନିକଟରେ ଥିବା ପୋଖରୀରେ ଏକ କାର୍ ଭାସୁଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥାନାକୁ ଖବର ଦେଇଥିଲେ । ଝରପୋଖରିଆ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଏକ କ୍ରେନ୍ ସାହାଯ୍ୟରେ କାର୍‌କୁ ବାହାରକୁ ଆଣିବା ସହିତ ସେଥିରୁ ଗୁଲେଶ ଗଚ୍ଛାୟତଙ୍କ ଗଳିତ ମୃତଦେହକୁ ଉଦ୍ଧାର କରିଛି । ଏହି ଘଟଣା ପୁଲିସ ଅଧିକ ତଦନ୍ତ ଜାରି ରଖିଛି ।

## ରାସ୍ତାକଡକୁ ଓଲଟିଲା କାର୍ ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

**ମାହାଙ୍ଗା, ୨୪।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ଥାନା ଅଧିନ କୁମୁଡାଜୟପୁର ଫାଣ୍ଡି ଅଧିନ ଛତିଆ-ସାଲେପୁର ରାସ୍ତାର ଜୟପୁର କାଡା କେନାଲ ଠାରେ ଏକ କାର ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଖସି ଯାଇଥିଲା । ସୂଚନା ଅନୁଯାୟୀ ଗତକାଲି ବିଳମ୍ବିତ ରାତିରେ କାର ନଂ ଓଡି୦୫ବିଜେଡ ୬୦୨୬ କୁଆଁପାଳରୁ କଟକ ଅଭିମୁଖେ ଯାଉଥିବା ସମୟରେ ଗାଡିଟି ଭାରସାମ୍ୟ ହରାଇ କାଡା କେନାଲ ପାର୍ଶ୍ୱରେ ଥିବା ଏକ ଖାଲରେ ପଡି ଯାଇଥିଲେ । ଅଳ୍ପକେ ଗାଡି ଚାଳକ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ଜଣାଯାଇଛି ।

# ଅସାମାଜିକଙ୍କ ଆଡାସ୍ଥଳୀ ପାଲଟିଛି ନିର୍ମାଣାଧୀନ ନୂତନ ପଞ୍ଚାୟତ କାର୍ଯ୍ୟାଳୟ



**ଲାଞ୍ଜିଗଡ଼, ୨୪।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ ଠାରେ ନିର୍ମାଣଧୀନ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ବର୍ଷେ ହେଲା କାମ ବନ୍ଦ ଥିବାବେଳେ ବର୍ତ୍ତମାନ ସେଇ ଜାଗା ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ଲାଞ୍ଜିଗଡ଼ ପଞ୍ଚାୟତ ୧୯୫୭ରେ ଆରମ୍ଭ ହୋଇଥିବା ବେଳେ ନିଜସ୍ୱ ପଞ୍ଚାୟତ ଗୃହ ନ ଥିଲା । ଅସ୍ଥାୟୀ ଭାବେ ଏକ ଭଡାଘର ନେଇ ପଞ୍ଚାୟତ କାର୍ଯ୍ୟାଳୟ ଚାଲି ଆସୁଥିଲା । ଏନେଇ ଲୋକଙ୍କ ବାରମ୍ବାର ଅଭିଯୋଗ ପରେ ୬୮ ବର୍ଷ ପରେ ପଞ୍ଚାୟତର ନିଜସ ଗୃହ ନିର୍ମାଣ ଆରମ୍ଭ ହୋଇଥିଲା । କିନ୍ତୁ ୧ ବର୍ଷ ହେଲା ବନ୍ଦ ପଡିଥିବା ଦେଖିବାକୁ ମିଳିଛି । ଯାହା ଫଳରେ ଅଫିସ କାମ ସମେତ ହିତାଧିକାରୀମାନେ ନାହିଁନଥିବା ଅସୁବିଧାର ସମୁଖୀନ ହେଉଛନ୍ତି ।

ସୂଚନା ଅନୁସାରେ, ୧୯୫୬ ମସିହା ଜୁନ ୩୦ ତାରିଖରେ ଏହି ପଞ୍ଚାୟତ କାର୍ଯ୍ୟାଳୟକୁ ଲାଞ୍ଜିଗଡବାସୀ ଲାଞ୍ଜିଗଡ଼ ସମବାୟ ସମିତିର ଏକ ଘର ଭଡାରେ ନେଇ ଅସ୍ଥାୟୀ ରୂପେ ପଞ୍ଚାୟତ କାର୍ଯ୍ୟ କରି ଆସୁଥିଲେ । ଏହି ୬୮ ବର୍ଷ ମଧ୍ୟରେ ୨୫ଟି ସରପଞ୍ଚ ନିଜ ନିଜ କାର୍ଯ୍ୟ ତୁଲାଇ ସାରିଲେଣି । କିନ୍ତୁ ଲାଞ୍ଜିଗଡବାସୀ ସ୍ଥାୟୀ ଗୃହ ନିର୍ମାଣ ପାଇଁ ବାରମ୍ବାର ବ୍ଲକ ତଥା ଜିଲ୍ଲା ପ୍ରଶାସନ ସ୍ତରରେ ଅଭିଯୋଗ କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିଲା । ରାଜ୍ୟ ସରକାର ଜିଲ୍ଲାର ବିଭିନ୍ନ ସ୍ଥାନରେ ପଞ୍ଚାୟତ ଅଫିସ ପାଇଁ ନୂତନ କୋଠା ନିର୍ମାଣ କରୁଥିଲେ ମଧ୍ୟ ଲାଞ୍ଜିଗଡ଼ ପ୍ରତି ଅଣଦେଖା କରୁଛନ୍ତି ବୋଲି ଲୋକେ ନାପସନ୍ଦ କରିଥିଲେ । ନିଜସ୍ୱ କାର୍ଯ୍ୟାଳୟ ନଥିବା ଯୋଗୁ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିଲା । ଏଣୁ ରାଜାରାଜୁଡା ଅମଳରୁ ଭଙ୍ଗା ଦଦରା ଭଡା ଘରେ ଚାଲିଥିବା ପଞ୍ଚାୟତ କାର୍ଯ୍ୟାଳୟରେ ରେକର୍ଡ ପତ୍ର ସୁରକ୍ଷିତ ନ ଥିବାବେଳେ ଅତିଶୀଘ୍ର ଏହାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ଅଭିଯୋଗ କରିଥିଲେ ।

ଲୋକଙ୍କ ବାରମ୍ବାର ଅଭିଯୋଗ ପରେ ୬୮ ବର୍ଷ ପରେ ୨୦୨୪ ମାର୍ଚ୍ଚ ୧୧ ତାରିଖରେ ନିଜସ୍ୱ ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ଲାଞ୍ଜିଗଡ଼ ସାପ୍ତାହିକ ହାଟ ପ୍ରାଙ୍ଗଣରେ ନୂତନ ଗୃହ ପାଇଁ ଭୂମି ପୂଜନ ହୋଇଥିଲା । ଏହାପରେ କୋଠାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । କିନ୍ତୁ ମନ୍ଥର ଗତିରେ କାମ ଚାଲିଥିବା ବେଳେ ନିମ୍ନମାନର ଦେଉଥିବା ଲୋକେ ଅଭିଯୋଗ କରିଥିଲେ । ସୂଚନା ଫଳକ ନଥିବା ଯୋଗୁ କେତେ ଅଟକଳ ମୂଲ୍ୟରେ ଗୃହ ନିର୍ମାଣ ହେଉଛି ଓ ଏହାର ସମୟସୀମା କେତେଦିନ ରହିଛି ବୋଲି ଲୋକେ ବାରମ୍ବାର ପଚାରିଥିଲେ ମଧ୍ୟ ତାହାର ଉତ୍ତର ମିଳି ନ ଥିଲା । ଏହା ବ୍ୟତୀତ ତଦାରଖ ଦାୟିତ୍ୱରେ ଥିବା ବ୍ଲକ କନିଷ୍ଠ ଯନ୍ତ୍ରୀର ଅନୁପସ୍ଥିତି ଯୋଗୁ ଲାଞ୍ଜିଗଡ଼ବାସୀ ବ୍ଲକ ପ୍ରଶାସନ ନିକଟରେ କାମ ଭଲଭାବରେ ଓ ଶୀଘ୍ର କରିବା ପାଇଁ ଦାବି କରିଥିଲେ । କିନ୍ତୁ ଆରମ୍ଭ ହୋଇ ମାତ୍ର ୫/୬ ମାସ କାମ ପରେ ଆଜିକୁ ୧ ବର୍ଷ ହେଲା ବନ୍ଦ ଗୃହ ନିର୍ମାଣ କାମ ପଡିଥିବା ଦେଖିବାକୁ ମିଳିଛି । ଯାହା ଫଳରେ ନିର୍ମାଣଧିନ ଅଧପନ୍ତରିଆ କୋଠାରେ ଦିନ ରାତି ମଦୁଆ ଓ ଅସାମାଜିକ ଲୋକଙ୍କ ଆଡାସ୍ଥଳୀ ପାଲଟିଛି । ଅନ୍ୟପକ୍ଷରେ ନିଜସ ପଞ୍ଚାୟତ ଗୃହ ନଥିବା ଯୋଗୁ ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟରେ ବାଧ ସୃଷ୍ଟି ହେଉଥିବା ବେଳେ ପଞ୍ଚାୟତ ଅଧୀନରେ ଥିବା ୭ଟି ଗ୍ରାମର ୬ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ନାହିଁ ନ ଥିବା ଅସୁବିଧାର ସମୁଖୀନ ହେଉଛନ୍ତି । ଏ ନେଇ ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କୁ ପଚାରିବାରୁ ପଞ୍ଚାୟତର ପାଣ୍ଠି ନ ଥିବା ଯୋଗୁ କାମ ବନ୍ଦ ଅଛି ତେଣୁ ପ୍ରଶାସନକୁ ପାଣ୍ଠି ପାଇଁ ଆବେଦନ କରାଯାଇଛି ପାଣ୍ଠି ଆସିଲେ କାମ ଆରମ୍ଭ ହେବ ବୋଲି ପ୍ରକାଶ କରିଛନ୍ତି ।

: ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଓଡ଼ିଆ ଭାଷାକୁ ସରକାରୀ ଭାଷା ରୂପେ ବ୍ୟବହାର କରିବା ଏବଂ ନିଶାକୁ ନିଷେଧ କରିବାର ଯେଉଁ ସ୍ୱପ୍ନ ସେ ଦେଖିଥିଲେ ତାହା ଆଜିର ଦିନରେ ଧୂଳିସାତ୍ ହୋଇଛି । ଦେଶ ବିକାଶରେ ଅବକାରୀ ରାଜସ୍ୱର ଏକ ବଡ଼ ଭୂମିକା ରହିଛି କହି ମଦ ବ୍ୟବସାୟୀଙ୍କୁ ସୁରକ୍ଷା ଦିଆଯାଉଛି । ଅନ୍ୟପଟେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି ମଦ ନ ପିଇବା ପାଇଁ ଲୋକଙ୍କୁ ସଚେତନ କରାଯାଇବାରେ । ଆମ ଦେଶରେ ଯେଉଁସବୁ ରାଜ୍ୟରେ ମଦ ନିଷେଧ ହୋଇଛି ସେଠି ବିକାଶ ହୋଇନି? ଗୁଜରାଟର ବିକାଶକୁ ତ ସବୁବେଳେ ଏକ ଉଦାହରଣ ଭାବେ ନିଆଯାଏ । ପରମାଣୁ ବୋମା ତିଆରି କରି ରଖ କିନ୍ତୁ ଏହାର ବ୍ୟବହାର କରନାହିଁ କହିବା ଯାହା ମଦ ଦୋକାନ ଖୋଲି ମଦ ନପିଇବାର ପରାମର୍ଶ ଦେବା ଅନେକଟା ସେଇଭଳି ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୨୫ ନଭେମ୍ବର, ୨୦୨୫ | ମଙ୍ଗଳବାର

# ଓଡ଼ିଶା ଏକ୍ସପ୍ରେସ୍


## ଏମିତିବି ଜଣେ ମଣିଷ ଥିଲେ!

ଏଇ ଗଲା ୨୩ ତାରିଖରେ ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ରାଜଧାନୀ ସମେତ ବିଭିନ୍ନ ଜାଗାରେ ସଭା ଏବଂ ଆଲୋଚନାଚକ୍ର ମାନ ଅନୁଷ୍ଠିତ ହୋଇ ନବକୃଷ୍ଣଙ୍କ ମୂଲ୍ୟବୋଧ ଏବଂ ଆଦର୍ଶର ଜୟଗାନ କରାଯାଇଛି। ଏଭଳି ନୀତିନିଷ୍ଠ ମଣିଷ କ'ଣ ଆଉ ମିଳିବେ– ଏଇଭଳି ଏକ ଉଚ୍ଛ୍ୱାସ ସମସ୍ତଙ୍କ ବକ୍ତବ୍ୟରେ ଶୁଣିବାକୁ ମିଳିଥିଲା ।

ଆଉ ସୃଷ୍ଟି ହେଉନାହାନ୍ତି ନବକୃଷ୍ଣ ଚୌଧୁରୀଙ୍କ ଭଳି ମଣିଷ। ଏମିତି ଜଣେ ମଣିଷ ଥିଲେ ସତରେ? – ଏଭଳି ପ୍ରଶ୍ନ ହୁଏତ ଆସିବ ଆଉ କିଛି ବର୍ଷ ପରେ । ଯୁବପିଢ଼ି ଆମ ଦେଶର ଭବିଷ୍ୟତ, ସେମାନଙ୍କ ଉପରେ ଦେଶର ପରିଚୟ ନିର୍ଭର କରେ । ଆମ ଦେଶର ପରିଚୟକୁ ସେମାନେ କେତେ ଉଜ୍ଜ୍ୱଳ କରିପାରିବେ ଏବଂ ଦୁର୍ନୀତି ଦେଶ ତାଲିକାରୁ କେତେ ତଳକୁ ଖସାଇଆଣିପାରିବେ ତାକୁ ନେଇ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ ।

ନିକଟରେ ଜିଲ୍ଲାପାଳ ଏବଂ ପୁଲିସ ଉଚ୍ଚ ଅଧିକାରୀଙ୍କ ଦୁଇଦିନିଆ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଲେ–ଆଶ୍ଚର୍ଯ୍ୟର ବିଷୟ ୟୁପିଏସ୍‌ସି ଏବଂ ଓପିଏସ୍‌ସି ପରୀକ୍ଷାରେ ଭଲ ମାର୍କ ରଖିଥିବା କମ୍ ବୟସର ସରକାରୀ କର୍ମଚାରୀମାନେ ମଧ୍ୟ ଦୁର୍ନୀତି କରୁଛନ୍ତି । ଏଥିରୁ ସେମାନେ ବିରତ ରହିବା ଦରକାର ।

ନିୟମିତ ବ୍ୟବଧାନରେ ଯେଉଁସବୁ ସରକାରୀ ବାବୁମାନେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଧରାପଡୁଛନ୍ତି ସେମାନଙ୍କ ଭିତରେ ଯୁବ ଅଧିକାରୀଙ୍କ ସଂଖ୍ୟା କମ୍ ନୁହେଁ । ତେଣୁ ଆଗକୁ ଏକ ଦୁର୍ନୀତିମୁକ୍ତ ଭାରତ ଆମେ ପାଇବା ସେ ଆଶା କେମିତି କରିହେବ?

ନବକୃଷ୍ଣ ଚୌଧୁରୀଙ୍କ ନୀତି, ଆଦର୍ଶ ଏବଂ ମୂଲ୍ୟବୋଧର ପଟାନ୍ତର ନାହିଁ ବୋଲି ତାଙ୍କ ଜୟନ୍ତୀ ପାଳନ ଅବସରରେ ସମସ୍ତେ କହିଲେ । ପ୍ରଶ୍ନ ଉଠୁଛି– ଆମ ପାଖରେ ତାଙ୍କ ନୀତି ଆଦର୍ଶର କେତେ ପ୍ରତିଶତ ସତ୍ତା ରହିଛି?

ପିଲାଙ୍କୁ ଗଢ଼ନ୍ତି ବାପା ମା'। ବାପା ମା'ଙ୍କ ସଂସ୍କାର ପିଲାଙ୍କ ଉପରେ ପଡ଼େ । ଆଜିକାଲିର ବାପା ମା'ମାନେ ତ ପିଲାଙ୍କ ଦ୍ୱାରା ପ୍ରଭାବିତ । ପିଲାଏ ଗଢୁଛନ୍ତି ବାପା ମା'ଙ୍କୁ । ଏଇ ଜମାନାର ବାପା ମା' ତିଆରି କରୁଛନ୍ତି ସେମାନେ, ଯେଉଁମାନେ ହୁଏତ ନବକୃଷ୍ଣ ଚୌଧୁରୀଙ୍କୁ ଚିହ୍ନିନଥିବେ । ବାପାଙ୍କୁ ହାଫ୍ ପ୍ୟାଣ୍ଟ ଏବଂ ମମିଙ୍କୁ ମ୍ୟାକ୍ସି ପିନ୍ଧାଇ ସାରିଲେଣି ପିଲାମାନେ । ବାପା ମା'ମାନେ ମଧ୍ୟ ନାହିଁ ନାହିଁ ହୋଇ ପିଲାଙ୍କ ସହିତ ସାଲିସ କରିନେଲେଣି । ସ୍ମାର୍ଟଫୋନ୍‌ରେ ପୁଅର ବାନ୍ଧବୀ ଆଉ ବାପାଙ୍କ ବାନ୍ଧବୀ ସମାନ। ଝିଅ ମା'କୁ ପରାମର୍ଶ ଦେଉଛି ରୂପଚର୍ଯ୍ୟା ଏବଂ ପୋଷାକ ପିନ୍ଧିବା ଉପରେ । ତେଣୁ ପିଲାଙ୍କୁ ଏ ବାପା ମା'ମାନେ କି ନୀତି ଆଦର୍ଶ ଶିଖାଇବେ? ନବକୃଷ୍ଣ ଚୌଧୁରୀଙ୍କ ଭଳି ହୁଅ– ଏକଥା ଆଜିର ବାପା ମା' କହିପାରିବେ ପିଲାଙ୍କୁ?

ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଓଡ଼ିଆ ଭାଷାକୁ ସରକାରୀ ଭାଷା ରୂପେ ବ୍ୟବହାର କରିବା ଏବଂ ନିଶାକୁ ନିଷେଧ କରିବାର ଯେଉଁ ସ୍ୱପ୍ନ ସେ ଦେଖିଥିଲେ ତାହା ଆଜିର ଦିନରେ ଧୂଳିସାତ୍ ହୋଇଛି । ଦେଶ ବିକାଶରେ ଅବକାରୀ ରାଜସ୍ୱର ଏକ ବଡ଼ ଭୂମିକା ରହିଛି କହି ମଦ ବ୍ୟବସାୟୀଙ୍କୁ ସୁରକ୍ଷା ଦିଆଯାଉଛି । ଅନ୍ୟପଟେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି ମଦ ନ ପିଇବା ପାଇଁ ଲୋକଙ୍କୁ ସଚେତନ କରାଯାଇବାରେ ।

ଆମ ଦେଶରେ ଯେଉଁସବୁ ରାଜ୍ୟରେ ମଦ ନିଷେଧ ହୋଇଛି ସେଠି ବିକାଶ ହୋଇନି? ଗୁଜରାଟର ବିକାଶକୁ ତ ସବୁବେଳେ ଏକ ଉଦାହରଣ ଭାବେ ନିଆଯାଏ । ପରମାଣୁ ବୋମା ତିଆରି କରି ରଖ କିନ୍ତୁ ଏହାର ବ୍ୟବହାର କରନାହିଁ କହିବା ଯାହା ମଦ ଦୋକାନ ଖୋଲି ମଦ ନପିଇବାର ପରାମର୍ଶ ଦେବା ଅନେକଟା ସେଇଭଳି ।

ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳନ କରିବା ସହିତ ତାଙ୍କ ନୀତି–ଆଦର୍ଶ– ମୂଲ୍ୟବୋଧ ଏବଂ ସ୍ୱପ୍ନ କିଭଳି ଶାକାର ହୋଇପାରିବ ସେ ଦିଗରେ ମଧ୍ୟ ଚିନ୍ତା କରିବା ଉଚିତ୍ ନୁହେଁ କି?

# ଋଣ କରି ଘିଅ ପିଅନ୍ତି : ଶୁଝିଲେ ଶୁଝିବେ ଜାତିଙ୍କ ନାତି



## ତୁଷମ୍ ଇବ ମନ୍ଥନମ୍- ଚକ୍ଷୁକୁଟା କାମ

**ତୁଷାରକାନ୍ତ**

ମହର୍ଷ 'ଚାରବାକ୍' ସଂସ୍କୃତ ଭାଷାରେ ଲେଖିଥିବା ଗୋଟିଏ ଶ୍ଳୋକର ଆମ ଓଡ଼ିଆଭାଷାରେ ଆପାତତଃ ଅନୁବାଦ ହେଉଛି, 'ସାରାଜୀବନ ସୁଖରେ କାଳାତିପାତ କରିବାକୁ ଦରକାର ପଡ଼ିଲେ ଋଣ କରି ଖର୍ଚ୍ଚ କରନ୍ତୁ, ଯେହେତୁ ଥରେ ଶରୀର ଜଳିଯାଇ ପାଉଁଶ ହୋଇଗଲା ପରେ ତାହା ଫେରିଆସିବାର ସମ୍ଭାବନା ନାହିଁ' । ହୁଏତ ଏହାର ଅନ୍ତର୍ନିହିତ ତତ୍ତ୍ୱଟି ଏଇଆ ଥିଲା ଯେ 'ଋଣଅର୍ଥର ଏଭଳି ସଦୁପଯୋଗ କରାଯିବା ଆବଶ୍ୟକ, ଯାହାଫଳରେ ଯଥେଷ୍ଟ ଉତ୍ପାଦନ ଜରିଆରେ ଋଣୀ ଭଲରେ ଚଳି, ଋଣସୁଧ ପରିଶୋଧ କରିପାରିବେ' ।

ଏବେ କିନ୍ତୁ ବାସ୍ତବରେ ଯାହା ଘଟୁଛି, ତାହାର ତଥ୍ୟଗତ ପ୍ରମାଣସମୂହ ଏହି ପ୍ରବନ୍ଧଟିରେ ସନ୍ନିବେଶିତ ରହିଛି,

**ତଥ୍ୟ ଉପରେ ଆଧାରିତ ପ୍ରମାଣସମୂହ:**(୧) ଗତ ବିହାର ବିଧାନସଭା ନିର୍ବାଚନରେ 'ଜନ ସ୍ୱରାଜ ପାର୍ଟି'ର ଶୋଚନୀୟ ପରାଜୟପରେ, ତା୧୬.୧୧.୨୦୨୫ରିଖରେ ଏହାର ବରିଷ୍ଠ ନେତା ତଥା ପ୍ରବକ୍ତା ପଓ୍ୱନ ବର୍ମା (ସେ ଆଗରୁ 'ଭାରତୀୟ ବୈଦେଶିକ ସେବା–IFS ଅଧିକାରୀ ତଥା ଜନତା ଦଳ (ୟୁନାଇଟେଡ) ଦଳ ତରଫରୁ ରାଜ୍ୟସଭାର ସଦସ୍ୟ ଥିଲେ ।) ସମ୍ବାଦ ପରିବେଷଣକାରୀ ସଂସ୍ଥା ANI କୁ ଏକ ସାକ୍ଷାତକାର ଦେଇ କହିଥିଲେ ଯେ, (କ) 'ବିଶ୍ୱବ୍ୟାଙ୍କ'ରୁ ବିହାର ପାଇଁ ଅଣାଯାଇଥିବା ୨୧,୦୦୦ କୋଟି ଟଙ୍କାରୁ ପାଖାପାଖି ୧୪,୦୦୦ କୋଟି ଟଙ୍କାକୁ, ଋଣର ମୂଳ ଉଦ୍ଦେଶ୍ୟ ଖର୍ଚ୍ଚରୁ ବାହାର କରାଯାଇ, 'ମୁଖ୍ୟମନ୍ତ୍ରୀ ମହିଳା ଯୋଜନା' ଅନ୍ତର୍ଗତ ୧,୨୫,୦୦,୦୦୦ 'ମହିଳା ଜୀବିକା ସାଥୀ'ଙ୍କୁ ଜଣଙ୍କପ୍ରତି ୧୦,୦୦୦ ଟଙ୍କା ଲେଖାଏଁ ହିସାବରେ ଅନୁଦାନ ଦିଆଯାଇଛି, (ଖ) ବିହାର ବିଧାନସଭା ନିର୍ବାଚନପାଇଁ 'ନିର୍ବାଚନ କମିଶନ'ଙ୍କ ତରଫରୁ 'ନିର୍ବାଚନୀ ଆଚରଣ ବିଧି– Model Code of Conduct' ଘୋଷିତ ହେବାର ଠିକ ପୂର୍ବରୁ ବିହାର ସରକାରଙ୍କ ତରଫରୁ ଏଭଳି ଯୋଜନାର ଘୋଷଣା କରାଯାଇଥିଲା, ଯାହା ଭୋଟରମାନଙ୍କୁ ପ୍ରଭାବିତ କରିବାକୁ ଉଦ୍ଦିଷ୍ଟ ଥିଲା । (ଗ) ବିହାର ସରକାରଙ୍କର ସମୁଦାୟ ଋଣର ପରିମାଣ ହେଉଛି, ୪ ଲକ୍ଷ ୬୦ ହଜାର କୋଟି ଟଙ୍କା, ଯାହା ବାବଦରେ ଦୈନିକ ୬୩ ହଜାର କୋଟି ଟଙ୍କା ସୁଧ ଦେବାକୁ ପଡୁଛି । (ଘ) ଏହିସବୁ ତଥ୍ୟ ଆମ ଦଳକୁ (ଜନ ସ୍ୱରାଜ ପାର୍ଟି) ମିଳିଛି, ଯାହା ଉପରେ ବିଶ୍ଳେଷଣ ଚାଲିଛି ।

ଏହା ଉପରେ 'ଲୋକ ଜନଶକ୍ତି ପାର୍ଟି (ରାମ ବିଳାଶ)'ର ଅଧ୍ୟକ୍ଷ ତଥା କେନ୍ଦ୍ରମନ୍ତ୍ରୀ ଚିରାଗ ପଶୱାନ କହିଛନ୍ତି ଯେ 'ଏହା ଶୋଚନୀୟ ପରାଜୟ ଜନିତ ଫମ୍ପା ହୋହଲ୍ଲା' ।

(୨) ଏହା ବାବଦରେ ସାମାଜିକ ଗଣମାଧ୍ୟମ 'ୟୁଟ୍ୟୁବ'ରେ ପ୍ରସାରିତ କରାଯାଇଥିବା ଗୋଟିଏ ଭିଡିଓ ଆଲୋଚନାରେ, ବିହାର ପ୍ରଦେଶର ସାମ୍ବାଦିକ ଶ୍ରୀ ପଙ୍କଜ ସିଂହ କହିଥିଲେ, (କ) ବିହାର ରାଜ୍ୟର ୨୦୨୫–୨୬ ବଜେଟରେ 'ଗ୍ରାମୀଣ ବିକାଶ ବିଭାଗ' ପାଇଁ ୧୬,୦୦୦ କୋଟି ଟଙ୍କା ଖର୍ଚ୍ଚର ବ୍ୟବସ୍ଥା କରାଯାଇଛି, ଯେଉଁଥିରୁ, 'ମନରେଗା ଯୋଜନା' ପାଇଁ ୪୨୦୦ କୋଟି ଟଙ୍କା, 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା' ପାଇଁ ୩୦୦୦ କୋଟି ଟଙ୍କା ତଥା 'ମହିଳା ରୋଜଗାର ଯୋଜନା' ପାଇଁ ୨୫୦୦ କୋଟି ଟଙ୍କାର ଖର୍ଚ୍ଚର ବ୍ୟବସ୍ଥା ରହିଛି । (ଖ) ସମଗ୍ର ଆର୍ଥିକ ବର୍ଷପାଇଁ ଏଭଳି ୨୫୦୦ କୋଟି ଟଙ୍କା ଖର୍ଚ୍ଚର ବ୍ୟବସ୍ଥା ଥିବା ସମୟରେ, ପାଖାପାଖି ୮ ମାସରେ ଅନ୍ୟ ଉଦ୍ଦେଶ୍ୟରେ ଅଣାଯାଇଥିବା ଋଣରୁ ଏତେ ଅର୍ଥ ପ୍ରଦାନ ରାଜନୈତିକ ଲାଭ ଉଦ୍ଦେଶ୍ୟରେ ପ୍ରେରିତ ଏବଂ ଆଶ୍ଚର୍ଯ୍ୟର କଥା ଏହିକି ଯେ ଏହା ବାବଦରେ' ନିର୍ବାଚନ କମିଶନ' ସମ୍ପୂର୍ଣ୍ଣ ନୀରବ ।

(୩) ଏହି ଭିଡିଓଟିରେ ସିଦ୍ଧାର୍ଥ ଶର୍ମା ନାମକ ଆଉଜଣେ ବିଶେଷଜ୍ଞ କହିଥିଲେ (କ) ବିହାର ରାଜ୍ୟର ଚାଷୀମାନଙ୍କ ବିଲରେ ଜଳସେଚନର ସୁବିଧା ଯୋଗାଇଦେବାକୁ 'ବିଶ୍ୱବ୍ୟାଙ୍କ–World Bank' ତରଫରୁ ତା୯.୯.୨୦୨୫ ରିଖରେ ୨୪,୦୦୦ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଥିଲା ଓ ଭାରତ ସରକାର ଏଥିପାଇଁ ଗ୍ୟାରେଣ୍ଟର ଅଛନ୍ତି । ଏହା ୬% ସୁଧହାରରେ ୨୫ ବର୍ଷରେ ପରିଶୋଧ ହେବ, (ଖ) ବ୍ୟାଙ୍କର ନାମ 'ବିଶ୍ୱବ୍ୟାଙ୍କ' ହୋଇଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣରୂପେ ଆମେରିକା ସରକାରଙ୍କ ନିୟନ୍ତ୍ରଣରେ ରହିଛି, (ଗ) ଏହାର 'Stolen Acoount Recovery Institute' ନାମରେ ଗୋଟିଏ ଅଙ୍ଗ ରହିଛି, ଯାହା ଋଣର ଦୁରୂପଯୋଗ, ପରିଶୋଧରେ ଖିଲାପି ଉପରେ ବିଶ୍ଳେଷଣ କରି, ବେଆଇନ କାମ ହୋଇଥିଲେ, ତାହା ଆମେରିକାର 'ଟ୍ରେଜେରୀ ବିଭାଗ' (ଆମ ରିଜର୍ଭ ବ୍ୟାଙ୍କ ଭଳି)କୁ ଜଣାଇଥାଏ । ଟ୍ରେଜେରୀ ବିଭାଗ ତରଫରୁ ଏହା ଆମେରିକାର ପ୍ରଶାସନଙ୍କ (ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ) ନଜରକୁ ଜଣାଇ ଦିଆଯାଇଥାଏ, (ଘ) ଆମେରିକାର ବର୍ତ୍ତମାନର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜଣେ ଅଦ୍ଭୁତବ୍ୟକ୍ତି ଯିଏ କ୍ଷଣକୁ କ୍ଷଣ ନିଜର ମତ ପରିବର୍ତ୍ତନକରି ଅତ୍ୟନ୍ତ ଅଦ୍ଭୁତ ପଦକ୍ଷେପ ଗ୍ରହଣ କରିଥାଆନ୍ତି । ଏହି ଖବରଟି ପାଇଲେ ସେ କଣ କରିବେ, ତାହା ଚିନ୍ତାର ବିଷୟ ।

(୪)ତା୧୭.୧୧.୨୦୨୫ରିଖରେ, ନ୍ୟୁଜ–୨୪ ହିନ୍ଦି ଟିଭି ଚ୍ୟାନେଲର ସଂଧ୍ୟା ୭ ଘଟିକା ଆଲୋଚନାରେ ଭାରତର ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଓ.ପି. ରାଓ୍ୱତ ମହାଶୟ ଭାଗ ନେଇଥିଲେ। (କ) ଆଲୋଚନାର ପରିଚାଳିକା ଶ୍ରୀମତୀ ଗରିମା ସିଂହ, ଶ୍ରୀ ରାଓ୍ୱତଙ୍କୁ, 'ନିର୍ବାଚନ ଆଚରଣ ବିଧି' ଲାଗୁହେବାର ଠିକ ପୂର୍ବରୁ 'ମାଗଣା ଅନୁଦାନ (ରେଭଡି–Freebie) ଘୋଷଣା କେତେଦୂର ଯୁକ୍ତିଯୁକ୍ତ' ବୋଲି ପଚାରନ୍ତେ, ଶ୍ରୀ ରାଓ୍ୱତ କହିଥିଲେ 'ଯଦି ନିର୍ବାଚନ ଆଚରଣ ବିଧି' ଘୋଷଣା ପୂର୍ବରୁ କୌଣସି ଯୋଜନା ଘୋଷିତ ହୋଇଥାଏ ତେବେ, 'ଆଚରଣ ବିଧି' ଘୋଷଣାପରେ ବି ଅନୁଦାନ ଦିଆଯାଇ ପାରିବ ।

ଯଦିଓ 'ଭାରତୀୟ ନିର୍ବାଚନ କମିଶନ–Election Commission of India -ECI'ଙ୍କ ତରଫରୁ ୨୦୨୪ ମସିହାରେ ପ୍ରସ୍ତୁତ 'Compendium of Instructions on Model code of Conduct-2024 released by The Election Commission of India'ର ୫୨ ପୃଷ୍ଠାର କ୍ରମିକ ସଂଖ୍ୟା ୪ରେ ଉଲ୍ଲେଖ ରହିଛି ଯେ, 'ଆଦର୍ଶ ନିର୍ବାଚନ ଆଚରଣ ବିଧି– Model Code of Conduct' ବଳବତ୍ତର ରହିଥିବା ସମୟରେ (ଖ) ଯେ କୌଣସି ସରକାରଙ୍କ ତରଫରୁ କୌଣସି ପ୍ରକାର ନୂଆ ଯୋଜନା ଘୋଷିତ ହୋଇପାରିବ ନାହିଁ, (ଖ) ମନ୍ତ୍ରୀ, ବିଧାୟକ ଇତ୍ୟାଦି 'ହିତାଧିକାରୀ ମଙ୍ଗଳ ଯୋଜନା–Beneficiary Oriented schemes' ଉପରେ ତଦାରଖ (Review) କରିପାରିବେ ନାହିଁ, (ଗ) ଆଗରୁ ଘୋଷିତ ଯୋଜନାର କାମ ବନ୍ଦ ରହିବ, ସାଂସଦ ଓ ବିଧାୟକଙ୍କ ହାତପାଣି ଅର୍ଥର ଖର୍ଚ୍ଚ ସହିତ, (ଘ) ପୂର୍ବରୁ ଚାଲୁ ରହିଥିବା ଯୋଜନାର ଅନୁଦାନ ଦିଆଯିବା ବନ୍ଦ ରହିବ, (ଙ) ଆବଶ୍ୟକତା ଆଧାରରେ ନିର୍ବାଚନ କମିଶନଙ୍କ ସୁପାରିଶ ମିଳିଲେ ଏଭଳି କାର୍ଯ୍ୟକ୍ରମ ଚାଲୁ ରଖାଯାଇ ପାରିବ । ହୁଏତ ଶ୍ରୀ ରାଓ୍ୱତ ମହାଶୟ, ତା୦୧.୧୨.୨୦୧୮ରିଖରେ 'ମୁଖ୍ୟ ନିର୍ବାଚନ କମିଶନର' ପଦବୀରୁ ଅବସର ନେଇଥିବାରୁ, ନିର୍ବାଚନ କମିଶନଙ୍କ ତରଫରୁ ୨୦୨୪ ମସିହାର ଘୋଷିତ ଏଭଳି ନିୟମ ତାଙ୍କ ନଜରକୁ ଆସିନଥିବ, ଯେଉଁଥିପାଇଁ ସେ ଯଦି 'ନିର୍ବାଚନ ଆଚରଣ ବିଧି' ଘୋଷଣା ପୂର୍ବରୁ କୌଣସି ଯୋଜନା ଘୋଷିତ ହୋଇଥାଏ ତେବେ, 'ଆଚରଣ ବିଧି' ଘୋଷଣାପରେ ବି ଅନୁଦାନ ଦିଆଯାଇ ପାରିବ' ଭଳି ମନ୍ତବ୍ୟଟିଏ ଦେଇଥାଇପାରନ୍ତି ।

(ଘ) ଶ୍ରୀ ରାଓ୍ୱତଙ୍କ ଏଭଳି ଉତ୍ତର ଉପରେ, ଶ୍ରୀମତୀ ସିଂହ, ଅଣବିଜେପି ଶାସିତ କିଛି ରାଜ୍ୟରେ 'ନିର୍ବାଚନ ଆଚରଣ ବିଧି' ଲାଗୁ ହେବାର ବହୁ ପୂର୍ବରୁ ଘୋଷିତ ଯୋଜନାର ଅନୁଦାନର ଉଦାହରଣ ଦେଇ, 'ତାହେଲେ,ସେ ସବୁ ରାଜ୍ୟରେ 'ଆଚରଣ ବିଧି' ଲାଗୁ ହେଉ ହେଉ, 'ନିର୍ବାଚନ କମିଶନ'ଙ୍କ ତରଫରୁ ଅନୁଦାନ ବଣ୍ଟନକୁ ବନ୍ଦ କରାଯିବା, ଯାହାକି ଏନଡିଏ ଶାସିତ ବିହାରରେ ନହେବା, ନିର୍ବାଚନ କମିଶନଙ୍କର ପକ୍ଷପାତିତା ନୁହେଁ କି?' ଭଳି ପ୍ରଶ୍ନ କରନ୍ତେ, ଶ୍ରୀ ରାଓ୍ୱତ କହିଥିଲେ, 'ଏହା ନିର୍ବାଚନ କମିଶନଙ୍କ ଇଚ୍ଛାଧିନ ବିଷୟ । ସେତେବେଳେ ରାଜ୍ୟର ପ୍ରଶାସନିକ ଅଧିକାରୀ ନିର୍ବାଚନ କମିଶନଙ୍କ ଅଧିନରେଥିବାରୁ ରାଜ୍ୟ ସରକାରଙ୍କର ଏଥିରେ କୌଣସି ଭୂମିକା ନାହିଁଛ କିନ୍ତୁ, ଏଭଳି ହେବା ଉଚିତ ନୁହେଁ' । (ଯେଉଁ ଯେଉଁ ଅଣବିଜେପି ଶାସିତ ରାଜ୍ୟରେ, ପୂର୍ବରୁ ଘୋଷିତ ଯୋଜନାର ଅନୁଦାନ ବଣ୍ଟନକୁ 'ନିର୍ବାଚନ ଆଚରଣ ବିଧିଲାଗୁ ହେବାପରେ: 'ନିର୍ବାଚନ କମିଶନ'ଙ୍କ ତରଫରୁ ବନ୍ଦ କରାଯାଇଥିଲା ଅଥଚ ବିହାର ବା ବିଜେପି ଶାସନରେ ଥିବା ରାଜ୍ୟରେ ବନ୍ଦ କରାଯାଇନଥିଲା, ସେହି ସେହି ଯୋଜନାଗୁଡିକ ହେଉଛି (୧)୨୦୧୭ ମସିହାର ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ବେଳେ, ସମାଜବାଦୀ ପାର୍ଟି ସରକାରଙ୍କ 'ସମାଜବାଦୀ ସ୍ମାର୍ଟଫୋନ ଯୋଜନା', (୨) ୨୦୧୯ରେ ଓଡ଼ିଶାର ବିଜେଡ଼ି ସରକାରଙ୍କ 'କାଳିଆ ଯୋଜନା', (୩) ୨୦୧୯ରେ ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ସରକାରଙ୍କ 'କୃଷକ ବନ୍ଧୁ ଯୋଜନା', (୪) ୦୨୩ ମସିହାରେ ତେଲେଙ୍ଗାନାର ବିଆରଏସ୍ ସରକାରଙ୍କ 'ରୟତବନ୍ଧୁ ଯୋଜନା', (୫)୨୦୨୩ ମସିହାରେ ରାଜସ୍ଥାନର କଂଗ୍ରେସ ସରକାରଙ୍କ 'ମଡେଲ ସ୍ମାର୍ଟଫୋନ 'ଠମଡେଲ ପେନସନ ଯୋଜନା', (୬) ୨୦୨୫ ମସିହାରେ ଆନ୍ଧ୍ରପ୍ରଦେଶର YSRCP ସରକାରଙ୍କର YSR ଯୋଜନା। ଶ୍ରୀମତୀ ସିଂହ , ଶ୍ରୀ ରାଓ୍ୱତଙ୍କୁ ଏହିସବୁ ଯୋଜନାଗୁଡ଼ିକର ନାମ ବି ଶୁଣାଇଥିଲେ ।)

(ଙ) ଶ୍ରୀମତୀ ସିଂହ, ଶ୍ରୀ ରାଓ୍ୱତଙ୍କ ଉଦ୍ଦେଶ୍ୟରେ, 'ତା୬.୧୦. ୨୦୨୫ ରିଖରେ ନିର୍ବାଚନ କମିଶନଙ୍କ ତରଫରୁ ବିହାର ବିଧାନସଭା ନିର୍ବାଚନପାଇଁ 'ନିର୍ବାଚନ ଆଚରଣ ବିଧି' ଲାଗୁହେବା ପୂର୍ବର ତା୨୬.୯.୨୦୨୫ରିଖରେ ଦେଶର ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ କର୍ତ୍ତୃକ ବିହାରର ୭୫ ଲକ୍ଷ 'ଜିବୀକା ଦିଦିଙ୍କ ବ୍ୟାଙ୍କଖାତାକୁ, ପ୍ରତ୍ୟେକଙ୍କୁ ୧୦,୦୦୦ ଟଙ୍କା ପଠାହେବା, ତାପରେ ବିହାରର ମୁଖ୍ୟମନ୍ତ୍ରୀ ୨୫ ଲକ୍ଷ ଆକାଉଣ୍ଟକୁ ଟଙ୍କା ପଠାଇବା। ତଥା ତା୬.୧୧.୨୦୨୫ରିଖର ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣପରେ, ତା୧୧.୧୧.୨୦୨୫ରିଖରେ ହେବାକୁଥିବା ଦ୍ୱିତୀୟ ଅଧ୍ୟାୟର ଭୋଟଗ୍ରହଣ ପୂର୍ବରୁ ତା୭.୧୧.୨୦୨୫ ରିଖରେ ଆହୁରି କିଛି ବ୍ୟାଙ୍କଖାତକୁ ଟଙ୍କା ପଠାଯିବା' ବାବଦରେ ପଚାରନ୍ତେ, ଶ୍ରୀ ରାଓ୍ୱତ କିଛି କହିନଥିଲେ । (ଚ) ଶ୍ରୀମତି ସିଂହ, ଶ୍ରୀ ରାଓ୍ୱତଙ୍କ ଉଦ୍ଦେଶ୍ୟରେ 'ଜିବୀକା ଦିଦିମାନେ, ଭୋଟଗ୍ରହଣ କେନ୍ଦ୍ରରେ ମହିଳାଭୋଟରଙ୍କୁ ନିଜ ମୋବାଇଲ ଫୋନରେ ଟଙ୍କା ଆସିଥିବାର ପ୍ରମାଣ ଦେଖେଇ, ସେମାନଙ୍କ ଉଦ୍ଦେଶ୍ୟରେ 'ତୁମକୁ ବି ମିଳିବ' କହିବା ଯଥାଯଥ କି ବୋଲି ପାରନ୍ତେ, ଶ୍ରୀ ରାଓ୍ୱତ ମହାଶୟ କହିଥିଲେ ଯେ 'ଏପରି ହୋଇଥିଲେ, ତଦନ୍ତ କରାଯାଇ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ' ।

ସେ ପୁନଃଶ୍ଚ କହିଥିଲେ ଯେ 'ମୋ (ଶ୍ରୀ ରାଓ୍ୱତଙ୍କ) ମତରେ, ନିର୍ବାଚନର ଏକବର୍ଷ ପୂର୍ବରୁ କୌଣସି ସରକାରଙ୍କ ପକ୍ଷରୁ କିଛି ଅନୁଦାନ ଭିତ୍ତିକ ଯୋଜନା ବାବଦରେ ଘୋଷଣା କରାଯିବା ଉଚିତ ନୁହେଁ', ଯାହା ଉପରେ ଶ୍ରୀମତି ସିଂହ, ଶ୍ରୀ ରାଓ୍ୱତଙ୍କ ଉଦ୍ଦେଶ୍ୟରେ' ଆପଣ ମୁଖ୍ୟ ନିର୍ବାଚନ କମିଶନର ଥିବା ସମୟରେ ଏଭଳି କିଛି ପଦକ୍ଷେପ ନେଇଥିଲେ କି' ଭଳି ପ୍ରଶ୍ନ ପଚାରିନଥିଲେ ।

(୫) ଆମ ଦେଶର ଅତ୍ୟନ୍ତ ନିରପେକ୍ଷ 'ନିର୍ବାଚନ କମିଶନ'ଙ୍କ ତରଫରୁ 'ଯେ କୌଣସି ନିର୍ବାଚନ ସୂଚୀ ଘୋଷଣା ହେବା ପରଠାରୁ ଫଳାଫଳ ପ୍ରକାଶିତ ହେବାଯାଏ', ଏଥିରେ ସମ୍ପୃକ୍ତ ଭିନ୍ନ ଭିନ୍ନ ବ୍ୟକ୍ତି, ଅନୁଷ୍ଠାନମାନଙ୍କ ଉଦ୍ଦେଶ୍ୟରେ 'ଆଦର୍ଶ ନିର୍ବାଚନ ଆଚରଣ ବିଧି– Model Code of Conduct' ଲାଗୁ କରାଯାଇଥାଏ, ଯାହା ବେଳେ ବେଳେ ପରିମାର୍ଜିତ (Updated) ବି ହୋଇଥାଏ ।

୨୦୨୪ ମସିହାରେ ପରିମାର୍ଜିତ ନିର୍ଦ୍ଦେଶାବଳୀରେ 'କେନ୍ଦ୍ର ବା ରାଜ୍ୟ ସରକାରରେ ଥିବା ରାଜନୈତିକ ଦଳଗୁଡିକ' ବାବଦରେ ବ୍ୟବସ୍ଥା ରହିଛି ଯେ, 'ସରକାର ଗଠନ କରିଥିବା ଦଳ ତରଫରୁ ଏଭଳି ନିର୍ଦ୍ଦେଶନାମାର ବିରୁଦ୍ଧାଚରଣ କରୁଥିବା କୌଣସି ପଦକ୍ଷେପ ଗ୍ରହଣ କରାଯିବ ନାହିଁ', ଯଥା(କ) ମନ୍ତ୍ରୀମାନେ ସେମାନଙ୍କ ସରକାରୀ ଗସ୍ତ ସମୟରେ ନିର୍ବାଚନ ପ୍ରଚାର କାମରେ ନିଜକୁ ତଥା ନିଜ ଅଧିନସ୍ଥ ସରକାରୀ କର୍ମଚାରୀଙ୍କୁ ନିୟୋଜିତ କରିପାରିବେ ନାହିଁ, ଏଠାରେ, 'ଏଭଳି କରିଥିବା ଅଭିଯୋଗରେ ପ୍ରଧାନମନ୍ତ୍ରୀ ଥିବା ସମୟରେ ଇନ୍ଦିରା ଗାନ୍ଧୀଙ୍କ ଲୋକସଭା ସଦସ୍ୟ ପଦବୀକୁ ତା୧୨.୦୬.୧୯୭୫ରିଖରେ ଆଲାହାବାଦ ହାଇକୋର୍ଟର ବିଚାରପତି J.M.L.Sinhaଙ୍କ ଦ୍ୱାରା ଖାରିଜ କରାଯାଇଥିବା' ଘଟଣାଟି ପ୍ରଣିଧାନଯୋଗ୍ୟ ।

୧୯୭୧ ମସିହା ଲୋକସଭା ନିର୍ବାଚନରେ ଶ୍ରୀମତୀ ଗାନ୍ଧୀ, ରାଏବରେଲି ସଂସଦୀୟ କ୍ଷେତ୍ରରେ ରାଜ ନାରାୟଣଙ୍କୁ ହରାଇ ପ୍ରଧାନମନ୍ତ୍ରୀ ହୋଇଥିଲେ । ରାଜ ନାରାୟଣଙ୍କ ତରଫରୁ, ଇନ୍ଦିରା ଗାନ୍ଧୀଙ୍କ ଜିତାପଟ ବିରୁଦ୍ଧରେ ମକଦ୍ଦମା ରୁଜ୍ଜୁ କରାଯାଇଥିବା । 'ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ସଚିବ ରହିଥିବା ଯଶପାଲ କାପୁର ଚାକିରୀରୁ ଇସ୍ତଫା ଦେଇଥିବା ଆବେଦନ ସରକାରଙ୍କଦ୍ୱାରା ମଞ୍ଜୁର ହେବା ପୂର୍ବର ସେ ଶ୍ରୀମତୀ ଗାନ୍ଧୀଙ୍କର ଗୋଟିଏ ନିର୍ବାଚନ ସଭାର ପ୍ରସ୍ତୁତି କାମରେ ସାହାଯ୍ୟ କରିଥିବା ଜିଲ୍ଲାପାଳ ଓ ଜିଲ୍ଲା ପୋଲିସ ଅଧିକ୍ଷକ ଶ୍ରୀମତୀ ଗାନ୍ଧୀଙ୍କ ନିର୍ବାଚନୀ ପ୍ରଚାରକାଳରେ ତାଙ୍କ ପାଇଁ ମଞ୍ଚ ପ୍ରସ୍ତୁତି, ମାଇକ ଓ ସୁରକ୍ଷା ଯୋଗାଣରେ ସାହାଯ୍ୟ କରିଥିବା' ଭଳି ଅତ୍ୟନ୍ତ ଗର୍ହିତ 'ଆଦର୍ଶ ନିର୍ବାଚନ ଆଚରଣ ବିଧି ଉଲଙ୍ଘନ' ଆଳରେ, Your Honour ଜଷ୍ଟିସ ସିହ୍ନା ଶ୍ରୀମତୀ ଗାନ୍ଧୀଙ୍କ ନିର୍ବାଚନରେ ବିଜୟକୁ ଖାରିଜ କରିଥିଲେ ।

ଏହା ହିଁ 'ଜରୁରିକାଳୀନ ପରିସ୍ଥିତି' ଜାରି କରାଯିବାର ଅନ୍ୟତମ କାରଣ ଥିଲା । ଏବେ ଆଉ କାହାରି ସଭ୍ୟପଦ ରଦ୍ଦ ହେଉନଥିବାରୁ, ଆଇନର ଆଉ ଏଭଳି ଉଲଂଘନ ମୋଟେ ଯେ ହେଉନାହିଁ, ତାହା ପ୍ରମାଣିତ । (ଖ) ଦଳୀୟ ରାଜନୈତିକ ଲାଭ ହାସଲପାଇଁ ସରକାରୀ ଗାଡ଼ି, ସରକାରୀ ତନ୍ତ୍ରର ବ୍ୟବହାର କରାଯିବ ନାହିଁ, (ଗ) ନିର୍ବାଚନୀ ସଭାପାଇଁ ତଥା ହେଲିକପ୍ଟର ଓହ୍ଲାଇବାପାଇଁ ସ୍ଥାନ, ସରକାରୀ ଡାକବଙ୍ଗଳା ଇତ୍ୟାଦି ଆବଣ୍ଟନରେ, ଦଳୀୟଭିତ୍ତିରେ ବାଛବିଚାର କରାଯିବ ନାହିଁ, ସରକାରଙ୍କ ଦଳକୁ ଅଧିକ ସୁଯୋଗ ଦିଆଯିବନାହିଁ, (ଘ) ମନ୍ତ୍ରୀ ତଥା ଅଧିକାରୀଗଣ (Authorities) ନିଜ ଇଚ୍ଛାଧିନ କୋଟାରୁ କିଛି ବିତରଣ କରି ପାରିବେ ନାହିଁ, ନୂଆ ଯୋଜନା ବାବଦରେ ଘୋଷଣା କରିପାରିବେ ନାହିଁ, କୌଣସି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟ କରିପାରିବେ ନାହିଁ, କୌଣସି ରାସ୍ତା ନିର୍ମାଣ, ଜଳଯୋଗାଣ ଇତ୍ୟାଦି ବାବଦରେ ଘୋଷଣା କରିପାରିବେ ନାହିଁ, କୌଣସି ଅସ୍ଥାୟୀ ନିୟୋଜନ (Temporary Appointment) କରି ପାରିବେ ନାହିଁ, ଯାହା ନିର୍ବାଚନ ଫଳାଫଳ ଉପରେ ପ୍ରଭାବ ପକେଇପାରେ । (ଙ) କେନ୍ଦ୍ର ବା ରାଜ୍ୟର କୌଣସି ମନ୍ତ୍ରୀ, ଭୋଟଗ୍ରହଣ ତଥା ଗଣତି ଦିବସରେ, ନିଜର ଭୋଟକେନ୍ଦ୍ର, ଗଣତିସ୍ଥାନ ଛଡା ଅନ୍ୟ ଭୋଟଗ୍ରହଣ କେନ୍ଦ୍ର ବା ଗଣତି କେନ୍ଦ୍ରରେ ପ୍ରବେଶ କରି ପାରିବେ ନାହିଁ । (ଚ) ନିହାତି ଆବଶ୍ୟକୀୟ (Emergency) ପରିସ୍ଥିତିରେ ଏଥିରୁ ବିଚ୍ୟୁତ ହେବାର ଆବଶ୍ୟକତା ଅନୁଭୂତ ହେଲେ, ନିର୍ବାଚନ କମିଶନଙ୍କ ସହିତ ପରାମର୍ଶ ପରେ ଓ ସେଠାର ନିଷ୍ପତ୍ତି ଆଧାରରେ କିଛି ଏକଡ଼ ସେଡକ କରିହେବ। (ଛ) ଏହି ନିୟମଗୁଡିକର ଯେ କୌଣସି ବା ସମୂହ ଉଲଂଘନ ହେଲେ, ନିର୍ବାଚନ କମିଶନଙ୍କ ତରଫରୁ ପଦକ୍ଷେପ ନିଆଯିବାର ବ୍ୟବସ୍ଥା ବି ରହିଛି, ଯଥା, ନିର୍ବାଚନ କମିଶନଙ୍କ ତରଫରୁ ଦୋଷୀଙ୍କୁ ସତର୍କ କରାଇବା, ତାଙ୍କୁ ନିର୍ବାଚନରେ ଭାଗନେବାରୁ ବଞ୍ଚିତ କରାଇବା ଇତ୍ୟାଦି ଇତ୍ୟାଦି ।

କିନ୍ତୁ, ଯେହେତୁ ଆମର ଅତ୍ୟନ୍ତ ନିରପେକ୍ଷ ନିର୍ବାଚନ କମିଶନଙ୍କ ତରଫରୁ ଶାସନରେ ଥିବା ଦଳ ବା ଦଳୀୟ ବ୍ୟକ୍ତିବିଶେଷଙ୍କ ଉପରେ, ବିଶେଷକରି କେନ୍ଦ୍ରରେ ସରକାରଥିବା ଦଳଙ୍କ କ୍ଷେତ୍ରରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ, ତେଣୁ ଏହା 'ସତ୍ୟ,ସତ୍ୟ ଏବଂ ତ୍ରିବାର ସତ୍ୟ' ପ୍ରମାଣିତ ଯେ ସରକାରରେଥିବା ଲୋକେ 'ଆଦର୍ଶ ନିର୍ବାଚନ ବିଧି ପାଳନ'ରେ କଣିଚାଏ, ବିନ୍ଦୁଏ ବି ଭୁଲ/ ଖଟକା କରୁ ନାହାନ୍ତି' ।

ନିର୍ବାଚନ କମିଶନଙ୍କ ଚିହ୍ନର 'ଅଶୋକଚକ୍ର' ତଳେ ପରା ହିନ୍ଦି ଅକ୍ଷରରେ 'ସତ୍ୟମେବ ଜୟତେ (ଓଡ଼ିଆରେ–ସତ୍ୟର ଜୟ)' ଲେଖା ହୋଇଛି, ଅର୍ଥାତ ଅସତ୍ୟର ସ୍ଥାନ ହିଁ ନାହିଁ ।

ସରକାରୀ ଦଳର ଲୋକେ ଭୁଲ କରୁଥିଲେ, ଅତ୍ୟନ୍ତ ନିରପେକ୍ଷ ନିର୍ବାଚନ କମିଶନଙ୍କ ତୁଳନାରେ ଆହୁରି ସ୍ୱଚ୍ଛ ତଥା ସମାଜର ଭଲପାଇଁ ୧୦୦% ଉତ୍ସର୍ଗୀକୃତ ଗଣମାଧ୍ୟମର ମୂର୍ଦ୍ଧଣ୍ୟପଙ୍କ୍ତି 'ଚଳିବ ନାହିଁ, ଚଳିବ ନାହିଁ' ଭଳି ଖବରକାଗଜରେ ଲେଖି ତଥା ଟିଭି ପରଦାରେ ରଡି ପକେଇ, ଗଗନ ପବନକୁ ପ୍ରକମ୍ପିତ କରୁନଥାନ୍ତେ କି?


ମୋ. ୮୮୯୫୮୫୭୩୧୮


# ସଂସ୍କୃତ ଭାଷା ଓ ଶିକ୍ଷା ଲୋପ ପାଇବ କି?

**■ ପଣ୍ଡିତ ଡଃ ପ୍ରବୋଧ କୁମାର ମିଶ୍ର ■**

ଭାରତର ପ୍ରତିଷ୍ଠାର ମୂଳ ଉତ୍ସ ହେଉଛି ଏହାର ସଂସ୍କୃତି ଓ ସଂସ୍କୃତ ଭାଷା । ଯାହାକୁ ଆଧାର କରି ଭାରତବର୍ଷ ପୃଥିବୀରେ ବିଶ୍ୱଗୁରୁ ବା ଜ୍ଞାନଗୁରୁ ଆଖ୍ୟାରେ ଘୋଷିତ ହୋଇଛି । ଏହାର ସଭ୍ୟତା ପାଖରେ ସାରା ବିଶ୍ୱ ନତମସ୍ତକ । କଥାରେ ଅଛି, 'ଯାହା ନାହିଁ ଭାରତେ, ତାହା ନାହିଁ ମରତେ ।' ଗଭୀର ଭାବେ ଅନୁଧ୍ୟାନ କଲେ ଜଣାଯାଏ ଯେ, ଏସବୁର ଶ୍ରେୟ କେବଳ ସଂସ୍କୃତ ଭାଷାର । ଏହି ଭାଷା ସବୁ ଭାଷାର ଜନନୀ ଓ ଦେବଭାଷା ରୂପରେ ସ୍ୱୀକୃତ । ଭାରତୀୟ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ମୁଖ୍ୟତଃ ସଂସ୍କୃତ ଭାଷା ପର୍ଯ୍ୟବେଷିତ । ଯେଉଁ କେତେଗୋଟି ପ୍ରମୁଖ କାବ୍ୟ ଓ ନୀତିଶାସ୍ତ୍ର ଭାରତବର୍ଷରେ ତଥା ସାରା ପୃଥିବୀରେ ଆଦୃତି ଲାଭ କରିଛି, ସେ ସବୁ ପ୍ରଥମେ ସଂସ୍କୃତରେ ରଚିତ ହୋଇଛି । ସେଥିମଧ୍ୟରୁ ରାମାୟଣ, ମହାଭାରତ, ଶ୍ରୀମଦ୍‌ଭଗବତ ଗୀତା, ଶ୍ରୀମଦ୍ ଭାଗବତ, ବେଦ, ଉପନିଷଦ, ଯୋଗଶାସ୍ତ୍ର, ଆୟୁର୍ବେଦ, ଅର୍ଥଶାସ୍ତ୍ର ଓ ନୀତିଶାସ୍ତ୍ର ଅନ୍ୟତମ । ଏସବୁ ଗ୍ରନ୍ଥ ଭାରତର ଅମୂଲ୍ୟ ସମ୍ପଦ ଅଟେ । ଏହାକୁ ମଧ୍ୟ ଭାରତର ଆତ୍ମା କହିଲେ ଅତ୍ୟୁକ୍ତି ହେବନାହିଁ । ଭାରତୀୟ କାବ୍ୟିକ ପରମ୍ପରାର ଯେଉଁ ଓଜସ୍ୱିନୀ ଅନ୍ତର୍ନିହିତ ସ୍ରୋତ ପ୍ରବାହିତ ହେଉଛି, ତାହା ତାହା ସଂସ୍କୃତ ଭାଷାର ଅନ୍ୟତମ ଅବଦାନ । ସ ସଂସ୍କୃତ ଭାଷାକୁ ଛାଡ଼ି ପ୍ରଚଣ୍ଡ ପ୍ରତିଭାବାନ କବିମାନେ କାବ୍ୟ ରଚନା କରିବା ସେ ସମୟରେ ଅସମ୍ଭବ ଥିଲା । ଏହାଛଡ଼ା ସଂସ୍କୃତ ଭାଷା ଜ୍ଞାନ ଓ ବିଜ୍ଞାନର ଭାଷା । ଏମିତି କିଛି ଜ୍ଞାନର ପରିଭାଷା ନାହିଁ ବା ବିଜ୍ଞାନର ପରିଭାଷା ନାହିଁ, ଯାହା ସଂସ୍କୃତ ଭାଷାରୁ ସୃଷ୍ଟି ହୋଇଛି । ସଂସ୍କୃତ ଭାଷା ହେଉଛି ଏକମାତ୍ର ଭାଷା, ଯାହାର ଲିପି, ଉଚ୍ଚାରଣ, ଛନ୍ଦ, ବୃତ୍ତ ଇତ୍ୟାଦି ସମ୍ପୂର୍ଣ୍ଣ ନିର୍ଭୁଲ ଅଟେ ।

ଆଜିର କମ୍ପ୍ୟୁଟର ଯୁଗରେ ସଂସ୍କୃତ ଭାଷା ହିଁ ତାହାର ଏକମାତ୍ର ମାଧ୍ୟମ ଅଟେ । ଏହି ଭାଷାରେ ରଚିତ ବିଭିନ୍ନ ପ୍ରକାର ସ୍ତୋତ୍ର, ମନ୍ତ୍ର ଓ ପବିତ୍ର ଶ୍ଳୋକ ଆବୃତ୍ତି କଲେ ମଣିଷର ଅନ୍ତର୍ମୋର ବିକାଶ ହେବା ସଂଗେ ସଂଗେ ବ୍ୟକ୍ତିତ୍ୱର ଅଭିବୃଦ୍ଧି ଘଟିଥାଏ । ଯେଉଁ ବିଜ୍ଞାନ ଆଜି ସାରା ବିଶ୍ୱରେ ନିଜକୁ ପ୍ରତିଷ୍ଠିତ କରିପାରିଛି, ତାହାର ମୂଳ ଉତ୍ସ ହେଉଛି ସଂସ୍କୃତ ଭାଷା । ସଂସ୍କୃତ ଭାଷାରେ ରଚିତ ଶ୍ରୀମଦ୍‌ଭଗବଦ୍‌ଗୀତା ଏବଂ ଯୋଗଶାସ୍ତ୍ରକୁ ନେଇ ପୃଥିବୀର ଦେଶମାନଙ୍କରେ ଗବେଷଣା ଚାଲିଛି । ଏଥିରେ ଥିବା ଗୂଢ଼ ତତ୍ତ୍ୱକୁ ବାହାର କରି ସମାଜର ହିତ ସାଧନ କରିବା ପାଇଁ ସମସ୍ତେ ଅହରହ ଚେଷ୍ଟା କରୁଛନ୍ତି । ଏପରିକି, ବିଦେଶରେ ଏହି ଭାଷାର ଆଦର ଅତ୍ୟନ୍ତ ଶୀର୍ଷ ସ୍ଥାନରେ ପହଞ୍ଚି ପାରିଛି, ଯାହାଦ୍ୱାରାକି ଭାରତବର୍ଷର ଯଶ ଓ ସମ୍ମାନ ବୃଦ୍ଧି ପାଇଛି ।

ସଂସ୍କୃତ ଭାଷାକୁ ବାଦ୍ ଦେଲେ ପବିତ୍ର ଭାରତବର୍ଷର ଅସ୍ତିତ୍ୱର ପରିକଳ୍ପନା କରାଯାଇ ନପାରେ । ଆଜିର ଅବକ୍ଷୟମୁଖୀ ସାମାଜିକ ଓ ସାଂସ୍କୃତିକ ବିଚାରଧାରାର ପ୍ରତିରୋଧ କେବଳ ସଂସ୍କୃତ ଭାଷାର ବିକାଶ ପରିଗଣିତ ଏହି ଭାଷା ଦ୍ୱାରା ହିଁ ସମ୍ଭବ ଅଟେ । ମାନବିକ ମୂଲ୍ୟବୋଧ ଓ ନୈତିକତାର ରକ୍ଷାକବଚ ରୂପରେ ପରିଗଣିତ ଏହି ଭାଷା ଆଜି ଆମ ଦେଶରେ ଅବହେଳିତ । କେବଳ ରାଜନୈତିକ ଭାଷଣବାଜୀରେ ଏହାର ବିକାଶ ସୀମିତ ଅଟେ । ଏହାକୁ ରକ୍ଷା କରିବା ପାଇଁ ସମସ୍ତେ କାନ୍ଦୁଥିଲେ ମଧ୍ୟ କାହାରି ଆଖିରୁ ଲୁହ ବହୁନାହିଁ । ବିଶେଷ କରି, ଆମ ଓଡ଼ିଶାରେ ଏହି ଭାଷା ସବୁଠାରୁ ଅବହେଳିତ । ଏହାକୁ ବିନାଶ କରିବା ପାଇଁ ଆମର ରାଜ୍ୟ ସରକାରଙ୍କର ପ୍ରଚ୍ଛନ୍ନ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ସରକାରୀ ଉଦାସୀନତା ତଥା ଶିକ୍ଷା ବିଭାଗର ଥିବା ଉଚ୍ଚପଦସ୍ଥ ନିୟାମକମାନଙ୍କର ଆନ୍ତରିକତାର ଅଭାବରୁ ଏହି ଭାଷା କ୍ରମଶଃ ନିଶ୍ଚିହ୍ନ ହେବାକୁ ବସିଲାଣି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଭାଷାର ପ୍ରତିନିଧିତ୍ୱ କରୁଥିବା ସଂସ୍କୃତ ଟୋଲ୍ ଓ କଲେଜଗୁଡ଼ିକ ବନ୍ଦ ହେବାରେ ଲାଗିଛି । ପୂର୍ବ ସରକାରଙ୍କ ଅମଳରେ ଅନେକ ସର୍ବପ୍ରାଚୀନ ସଂସ୍କୃତ ବିଦ୍ୟାଳୟ ସମେତ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଅନୁଷ୍ଠାନକୁ ବନ୍ଦ କରି ଦିଆଯାଇଥିଲା । ଆବଶ୍ୟକୀୟ ଭିତ୍ତିଭୂମି ନ ଯୋଗାଇ ଏବଂ ସଂସ୍କୃତ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତିର ବ୍ୟବସ୍ଥା ନ କରି ଏହାକୁ ବନ୍ଦ କରିବାର ରାସ୍ତା ପରିଷ୍କାର କରା ଯାଇଥିଲା । ଏବେ ମଧ୍ୟ ଅନେକ ସଂସ୍କୃତ ବିଦ୍ୟାଳୟ ବନ୍ଦ ହେବାର ଦ୍ୱାରଦେଶରେ । ୯୦ ଦଶକରେ ଓଡ଼ିଶାରେ ଅନୁଦାନପ୍ରାପ୍ତ ସଂସ୍କୃତ ଟୋଲମାନଙ୍କର ସଂଖ୍ୟା ୫୦୦ରୁ ଅଧିକ ଥିଲା । କିନ୍ତୁ, ସରକାରୀ ନୀତିନିୟମ ଓ ପେଂଚ ଓ କେଂଚର ଗହ୍ୱର ଭିତରେ ଅଣନିଃଶ୍ୱାସୀ ହୋଇ ଆଜି ପର୍ଯ୍ୟନ୍ତ ୩୦୦ରୁ ଉର୍ଦ୍ଧ୍ୱ ସଂସ୍କୃତ ଅନୁଷ୍ଠାନ ବନ୍ଦ ହୋଇଗଲା । କେତେବେଳେ ସରକାର ଅନୁମତି, ସ୍ୱୀକୃତି ବନ୍ଦ କଲେ ଓ କେତେବେଳେ ଅନୁଦାନ ବନ୍ଦ କରି ସଂସ୍କୃତ ଅନୁଷ୍ଠାନମାନଙ୍କୁ ବିନାଶ କରିବାର ରାସ୍ତା ପରିଷ୍କାର କରିଦେଲେ । ୧୯୮୮ରୁ ୧୯୯୪ ମସିହା ମଧ୍ୟରେ ପ୍ରତିଷ୍ଠା ହୋଇଥିବା ୮୦ ଗୋଟି ଅନୁଷ୍ଠାନକୁ ସରକାର ୧୯୮୯ ଶିକ୍ଷା ସଂଶୋଧନ ଆଇନ୍ ଅନୁସାରେ ଅନୁମତି ଓ ସ୍ୱୀକୃତି ପ୍ରଦାନ କରିଥିଲେ ମଧ୍ୟ ସରକାରୀ ଉଦାସୀନତା ପାଇଁ ଏଗୁଡ଼ିକ ଅନେକ ଯନ୍ତ୍ରଣା ଭୋଗୁଛନ୍ତି । ଏଥି ମଧ୍ୟରୁ ମାତ୍ର ୩୯ ଗୋଟି ସଂସ୍କୃତ ବିଦ୍ୟାଳୟକୁ ଦୀର୍ଘ ୩୦ ବର୍ଷ ପରେ ୨୦୧୫ ମସିହାରେ ବ୍ଲକ୍ ଗ୍ରାଣ୍ଟ ଭଳି ଏକ କୁତ୍ସିତ ପ୍ରଥାରେ ଅନ୍ତର୍ଭୁକ୍ତ କଲେ । ବାସ୍ତବରେ ଏଗୁଡ଼ିକର ସମସ୍ତ ଯୋଗ୍ୟତା ଥାଇ ସୁଦ୍ଧା ୧୯୯୪ ଶିକ୍ଷା ଆଇନ୍ ଅନୁଯାୟୀ ଅନୁଦାନ ପରିସରଭୁକ୍ତ ନ କରି ୨୦୦୪ ମସିହାରେ କଳା ଅନୁଦାନ ଆଇନ୍ (ବ୍ଲକ୍ ଗ୍ରାଣ୍ଟ)ର ଅନ୍ତର୍ଭୁକ୍ତ କଲେ । ଯାହା ଦ୍ୱାରା ଅନୁଦାନ ପାଇବାର ଅଳ୍ପ ଦିନ ମଧ୍ୟରେ ଚାକିରି ସର୍ତ୍ତାବଳୀ ଓ ପେନସନ ନ ପାଇ ଅନେକ ଶିକ୍ଷକ ଓ ପଣ୍ଡିତ ଅବସର ନେଇଗଲେ । ଦେବ ଭାଷା ସଂସ୍କୃତର ସେବା କରୁଥିବା ଏହି ପଣ୍ଡିତ ଶିକ୍ଷକମାନେ ସରକାରୀ ଅବହେଳା କାରଣରୁ ଦଣ୍ଡ ପାଉଛନ୍ତି । ଏଠାରେ ପ୍ରକାଶଯୋଗ୍ୟ ଯେ, ଏହି ମସିହା ଅବଧି ମଧ୍ୟରେ ପ୍ରତିଷ୍ଠିତ ହୋଇଥିବା ହାଇସ୍କୁଲଗୁଡ଼ିକ ତତ୍କାଳୀନ ସରକାରରେ ନେତୃତ୍ୱ ନେଇଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ସରକାରୀକରଣ କରିଥିଲେ । ଏଥି ମଧ୍ୟରୁ ତାହା ପୂର୍ବରୁ ପ୍ରତିଷ୍ଠା ହୋଇ ପୂର୍ଣ୍ଣ ଅନୁଦାନ ପାଇଥିଲେ ସୁଦ୍ଧା ସଂସ୍କୃତ ଟୋଲଗୁଡ଼ିକୁ ସେଥିରେ ଅନ୍ତର୍ଭୁକ୍ତ କରାଗଲା ନାହିଁ । ସଂସ୍କୃତ ଶିକ୍ଷା ଏକ ସ୍ୱତନ୍ତ୍ର ଶିକ୍ଷା ହୋଇଥିଲେ ମଧ୍ୟ ରାଜ୍ୟ ସରକାର ତାହାକୁ ପ୍ରତ୍ୟାହାର କରି ମଧ୍ୟମା ସଂସ୍କୃତ ବିଦ୍ୟାଳୟଗୁଡ଼ିକୁ ହାଇସ୍କୁଲ, ପ୍ରଥମା ଟୋଲ୍‌କୁ ମଧ୍ୟ ଇଂରାଜୀ ବିଦ୍ୟାଳୟ ସହ, ଉପଶାସ୍ତ୍ରୀ ଓ ଶାସ୍ତ୍ରୀକୁ ଯଥାକ୍ରମେ ଯୁକ୍ତ ୨ ଓ ଯୁକ୍ତ ୩ର ମାନ୍ୟତା ପ୍ରଦାନ କଲେ । କେବଳ ଏକାଡେମିକ ସ୍ତରକୁ ସମାନ କରିଥିଲେ ସୁଦ୍ଧା ଅନ୍ୟାନ୍ୟ ଭିତ୍ତିଭୂମି ଓ ଶିକ୍ଷକ ସରଣୀକୁ ସଂଶୋଧନ କଲେନାହିଁ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ହାଇସ୍କୁଲରେ ଦୁଇ ବା ତିନୋଟି ଶ୍ରେଣୀ ପାଇଁ ସରକାରୀ ସ୍ତରରେ ଆଠଗୋଟି ଶିକ୍ଷକ ପଦବୀ ଥିଲେ ମଧ୍ୟ ସଂସ୍କୃତ ବିଦ୍ୟାଳୟମାନଙ୍କରେ ୫ଗୋଟି ଶ୍ରେଣୀକୁ ମାତ୍ର ୭ ଜଣ ଶିକ୍ଷକ ନିଯୁକ୍ତିର ବ୍ୟବସ୍ଥା ରହିଛି । ସବୁଠାରୁ ବିଡ଼ମ୍ବନାର ବିଷୟ ଏହିକି, ହାଇସ୍କୁଲର ସଂସ୍କୃତ ଶିକ୍ଷକଟିଏ ଆଚାର୍ଯ୍ୟ (ଟି.ଜି.) ହାରରେ ବେତନ ପାଉଥିଲେ ମଧ୍ୟ ସମାନ ବା ତାହାଠାରୁ ଅଧିକ ଶିକ୍ଷାଦାନ କରୁଥିବା ସଂସ୍କୃତ ଟୋଲ୍‌ର ପଣ୍ଡିତଟିଏ ଶାସ୍ତ୍ରୀ (ଟି. ଆଇ.) ହାରରେ ଦରମା ପାଇଥାନ୍ତି ଏବଂ ବିଜ୍ଞାନ ଶିକ୍ଷକଟିଏ ବି.ଏସସି. ବି.ଇଡି. ପାସ୍ କରିଥିଲେ ମଧ୍ୟ ତାଙ୍କୁ ସେହି ଟି. ଆଇ. ହାରରେ ଦରମା ପ୍ରଦାନ କରା ଯାଇଥାଏ, ଯାହାକି ସଂସ୍କୃତ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ପଣ୍ଡିତମାନଙ୍କ ମଧ୍ୟରେ ଏକ ନୈରାଶ୍ୟ ତଥା ହତାଶା ଭାବ ସୃଷ୍ଟି କରୁଅଛି । ଆହୁରି ମଧ୍ୟ ଅଣ–ଶିକ୍ଷା କର୍ମଚାରୀ ନିଯୁକ୍ତି କ୍ଷେତ୍ରରେ ହାଇସ୍କୁଲ୍ ଓ ସଂସ୍କୃତ ଟୋଲ୍ ମଧ୍ୟରେ ଆକାଶ–ପାତାଳ ପ୍ରଭେଦ ରହିଛି । ହାଇସ୍କୁଲରେ ତିନୋଟି ପିଅନ ଓ ଅଫିସ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଜଣେ କିରାଣିର ବ୍ୟବସ୍ଥା ଥିଲା ବେଳେ ସଂସ୍କୃତ ବିଦ୍ୟାଳୟଗୁଡ଼ିକରେ କେବଳ ଗୋଟିଏ ମାତ୍ର ପିଅନ ପଦବୀ ରହିଛି ଯାହାକି ସଂସ୍କୃତ ଶିକ୍ଷା ଅନୁଷ୍ଠାନଗୁଡ଼ିକ ପ୍ରତି ସରକାରଙ୍କ ହୀନମନ୍ୟତାର ଏକ ବିରଳ ଦୃଷ୍ଟାନ୍ତ ଅଟେ । ଅନ୍ୟ ଏକ ବିଡ଼ମ୍ବନାର ବିଷୟ ଏହିକିଯେ, ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର ଦାୟୀତ୍ୱରେ ଥିବା ଉଚ୍ଚପଦସ୍ଥ ଅଧିକାରୀମାନେ ସଂସ୍କୃତ ଶିକ୍ଷାକୁ ହତ୍ୟା କରିବା ପାଇଁ ଆଉ ଏକ ଷଡ଼ଯନ୍ତ୍ର ରଚିଛନ୍ତ । ହାଇସ୍କୁଲ୍‌ରେ ତୃତୀୟ ଭାଷାର ମାନ୍ୟତା ପାଇଥିବା ସଂସ୍କୃତ ଭାଷାର ବିକଳ୍ପ ଭାବରେ ଧନ୍ଦାମୂଳକ ଶିକ୍ଷା (ଭୋକେସନାଲ ଏଜୁକେସନ୍)କୁ ପ୍ରଚଳନ କରିଛନ୍ତି । ଏଠାରେ କହିବା ବାହୁଲ୍ୟ ଯେ, ଧନ୍ଦାମୂଳକ ଶିକ୍ଷା, ସଂସ୍କୃତ ଭାଷା ଭଳି ଏକ ସମୃଦ୍ଧ ଭାଷାର ବିକଳ୍ପ କିପରି ହୋଇପାରିବ, ଏହା ଏକ ପ୍ରଶ୍ନବାଚୀ । ଏହି ବ୍ୟବସ୍ଥାକୁ ପ୍ରଚଳନ କରିଥିବା ଅଧିକାରୀମାନେ କେଉଁ ଯୁକ୍ତି ଆଧାରରେ ଏହାକୁ ସମାନତା ପ୍ରଦାନ କଲେ, ତାହାର ଉତ୍ତର ଦେବା ମଧ୍ୟ ଆବଶ୍ୟକ । ଧନ୍ଦାମୂଳକ ଶିକ୍ଷାର ଆବଶ୍ୟକତା ଥାଇପାରେ, ମାତ୍ର ସଂସ୍କୃତ ଭାଷାର ତାହା ବିକଳ୍ପ ଭାବେ ଉଭା ହେବ, ଏହା ସମୀଚିନ ନୁହେଁ । ଯଦି ସରକାର ଏହାକୁ ପ୍ରଚଳନ କରିବାକୁ ଚାହୁଁଥାନ୍ତି, ତେବେ ଅତିରିକ୍ତ ବିଷୟ ଭାବରେ ନେଇ ପାରିଥାନ୍ତେ । ତାହା ନ କରି ସଂସ୍କୃତ ଭାଷାକୁ ହାଇସ୍କୁଲ ସ୍ତରରେ ବନ୍ଦ କରିବା ତଥା ସଂସ୍କୃତ ବିଦ୍ୟାଳୟଗୁଡ଼ିକୁ ଆକ୍ରୋଶମୂଳକ ଭାବେ ବନ୍ଦ କରି ପରୋକ୍ଷରେ ଉଚ୍ଚଶିକ୍ଷା କ୍ଷେତ୍ରରେ ସଂସ୍କୃତକୁ ଧ୍ୱଂସ କରିବାର ଷଡ଼ଯନ୍ତ୍ର ରଚନା କରିଛନ୍ତି ।

କିନ୍ତୁ, ସ୍ମରଣ କରିବାକୁ ହେବ ଯେ, ଯଦି ପ୍ରବହମାନ ନଦୀ ସ୍ରୋତର ଉତ୍ସକୁ ବନ୍ଦ କରି ଦିଆଯିବ, ତେବେ ନଦୀଟି ଶୁଖିଯିବା ପରି ସବୁ ଭାଷାର ଉତ୍ସ ଏହି ପବିତ୍ର ସଂସ୍କୃତ ଭାଷାର ପ୍ରଚାର ଓ ପ୍ରସାରକୁ ବନ୍ଦ କରିଦେଲେ ଭବିଷ୍ୟତରେ ସମସ୍ତ ଭାଷାର ବିକାଶର ପଥ ରୁଦ୍ଧ ହୋଇଯିବ । ନିକଟ ଅତୀତରେ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ରାଜ୍ୟ ସରକାରଙ୍କର ଅଯୌକ୍ତିକ ପଦକ୍ଷେପ ଲୋକଲୋଚନକୁ ଆସିଛି । ଷ୍ଟାଫ ସିଲେକ୍ସନ୍ କମିଟି ମାଧ୍ୟମରେ ଚୟନ ପ୍ରକ୍ରିୟାରେ ସମସ୍ତ ବର୍ଗର ଶିକ୍ଷକଙ୍କୁ ନିଯୁକ୍ତି ଦିଆ ଯାଇଥିଲେ ସୁଦ୍ଧ ସଂସ୍କୃତ ଶିକ୍ଷକଙ୍କୁ ସେଥିରୁ ବାଦ କରାଯାଇଛି । ଆଶାୟୀ ଶିକ୍ଷକମାନେ ରାଜ୍ୟ ରାଜଧାନୀର ଗାନ୍ଧୀ ମାର୍ଗରେ ଆନ୍ଦୋଳନ ଓ ଧାରଣା ଦେବା ନଜରକୁ ଆସିଛି, ଏହା ଏକ ବିଡ଼ମ୍ବନାର ବିଷୟ । ଏହି ସମସ୍ୟାର ସମାଧାନ ଦିଗରେ ରାଜ୍ୟ ସରକାର ସାମାନ୍ୟ ଚେଷ୍ଟା ଓ ଆନ୍ତରିକତା ନାହିଁ । ଓଡ଼ିଶାରେ ସଂସ୍କୃତ ଶିକ୍ଷା ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ କରିବା ପାଇଁ ଆଇନର ଜାଲକୁ ବିସ୍ତାରିତ କରିଛନ୍ତ । କେତେବେଳେ ଭିତ୍ତିଭୂମିର ଅଭାବ ଓ ଆଉ କେତେବେଳେ ଛାତ୍ରଛାତ୍ରୀଙ୍କ ଅଭାବ ଦର୍ଶାଯାଇ ବହୁ ପୁରାତନ, ରାଜାରାଜୁଡ଼ାଙ୍କ ଅମଳରୁ ପ୍ରତିଷ୍ଠା ହୋଇଥିବା ଗରିମାମୟ ସଂସ୍କୃତ ଶିକ୍ଷାନୁଷ୍ଠାନଗୁଡ଼ିକୁ ସରକାର ବନ୍ଦ କରିଦେବା ଘୋର ପରିତାପର ବିଷୟ । ସବୁଠାରୁ ଆଶ୍ଚର୍ଯ୍ୟର କଥା ଏହିକି, ଜଣେ ଓଡ଼ିଆ କେନ୍ଦ୍ର ସରକାରଙ୍କର ଶିକ୍ଷା ବିଭାଗର ମନ୍ତ୍ରୀ ଅଛନ୍ତି । ସେ ଆଜକୁ ଚାରିବର୍ଷ ହେବ ଉକ୍ତ ପଦବୀରେ ଅଧିଷ୍ଠିତ ହୋଇଥିଲେ ମଧ୍ୟ ଓଡ଼ିଶାରେ ବିଲୁପ୍ତପ୍ରାୟ ସଂସ୍କୃତ ଭାଷା ଓ ଅନୁଷ୍ଠାନକୁ ରକ୍ଷା କରିବା ପାଇଁ ସାମାନ୍ୟ ପ୍ରଚେଷ୍ଟା କରିନାହାନ୍ତି । ତାଙ୍କର ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଠାରେ ପତିଆରା ଥିଲେ ମଧ୍ୟ ଏସବୁ କ୍ଷେତ୍ରରେ ନୀରବ ରହିବା ସମସ୍ତଙ୍କୁ ଚକିତ କରିଛି । ଏବେ ସଂସ୍କୃତ ଭାଷାକୁ ରକ୍ଷା କରିବା ପାଇଁ କେବଳ ସଂସ୍କୃତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ନିଯୁକ୍ତ ଥିବା ଶିକ୍ଷା କର୍ମଚାରୀଙ୍କ ବ୍ୟତୀତ ସମାଜର ସବୁ ବର୍ଗର ଲୋକେ ଆଗେଇ ଆସିବା ଉଚିତ । ଏହାକୁ ଏକ ସାମାଜିକ ତଥା ଗଣ ଆନ୍ଦୋଳନରେ ପରିଣତ କରାଯିବାର ଆବଶ୍ୟକତା ରହିଛି । ନଚେତ୍, ଏହି ଗରିମାମୟ ସବୁ ଭାଷାର ଜନନୀ ପବିତ୍ର ଦେବଭାଷା ସଂସ୍କୃତ ଅତଳ ଗହ୍ୱରରେ ଲୀନ ହୋଇଯିବ ।

'ଜୟତୁ ମାରତମ୍, ଜୟତୁ ସଂସ୍କୃତମ୍।'


**ସମ୍ପାଦକ, 'ନିତ୍ୟ ନୂତନ'**
**ଭୁବନେଶ୍ୱର**

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର    ୨୫ ନଭେମ୍ବର ୨୦୨୫ ମଙ୍ଗଳବାର    ପୃଷ୍ଠା ୫






# ଚିଲିକାର ମନଲୋଭା ପକ୍ଷୀ

ଆମ ଦେଶର ଅନେକ ରାଜ୍ୟରେ ପକ୍ଷୀ ଅଭୟାରଣ୍ୟ ଅଛି ଏବଂ ସେସବୁରେ ଅନେକ ସୁନ୍ଦର ଏବଂ ଦୁର୍ଲ୍ଲଭ ପ୍ରଜାତିକର ପକ୍ଷୀଙ୍କୁ ଦେଖିବାକୁ ମିଳେ । କିନ୍ତୁ ଏ ମଧ୍ୟରେ ଚିଲିକା ହ୍ରଦ କ୍ଷେତ୍ର ପକ୍ଷୀପ୍ରେମୀମାନଙ୍କ ପାଇଁ ସବୁଠାରୁ ଆନନ୍ଦଦାୟକ । କାରଣ ଏହା ଅନେକ ବିଦେଶାଗତ ପକ୍ଷୀଙ୍କର ଶୀତ ଆବାସ । କେତେକ ବିଦେଶାଗତ ପକ୍ଷୀ ପ୍ରଜାତି ଏଠାରେ ବର୍ଷର ଅଧିକାଂଶ ସମୟରେ ଦେଖିବାକୁ ମିଳନ୍ତି । ଶୀତଦିନେ ବିଦେଶୀ ପକ୍ଷୀଙ୍କ ଆଗମନ ପରେ ଏ କ୍ଷେତ୍ରର ଶୋଭା ଅବର୍ଣ୍ଣନୀୟ ହୋଇଥାଏ । ଚିଲିକା ହ୍ରଦ ଏସିଆ ମହାଦେଶର ସବୁଠାରୁ ବଡ଼ ସାମୁଦ୍ରିକ ହ୍ରଦ । ଏଠାରେ ଶହ ଶହ ପ୍ରଜାତିର ଦେଶୀ ଏବଂ ବିଦେଶୀ ପକ୍ଷୀ ପ୍ରଜାତି ଦେଖିବାକୁ ମିଳନ୍ତି । ଖାସ୍ ଏହି ପକ୍ଷୀମାନଙ୍କୁ ଦେଖିବା ପାଇଁ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ଶୀତ ସମୟରେ ଚିଲିକାକୁ ଆସନ୍ତି । ୧୧୦୦ ବର୍ଗ କିଲୋମିଟରରୁ ଅଧିକ କ୍ଷେତ୍ରଫଳ ବିଶିଷ୍ଟ ଚିଲିକା ହ୍ରଦ ବିଦେଶୀ ପକ୍ଷୀଙ୍କର ସବୁଠାରୁ ବଡ଼ ଆବାସ । ଏଠାକୁ ମେରାଇନ୍ ଇଗଲ, ଗ୍ରେଲେଗ ଗୁଜ୍ ଏବଂ ବାଇଗଣି ମୁରିନ ପରି ଦୁର୍ଲଭ ପ୍ରଜାତିର ପକ୍ଷୀମାନେ ମଧ୍ୟ ଆସନ୍ତି । ଏହି ହ୍ରଦରେ ଅନେକ ଛୋଟ ଦ୍ୱୀପ ରହିଛି । ଅକ୍ଟୋବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଏସବୁ ଦ୍ୱୀପର ମୁଖ୍ୟ ଅତିଥି ସାଜିଥା'ନ୍ତି ଅତ୍ୟନ୍ତ ଥଣ୍ଡା ଅଞ୍ଚଳରୁ ଆସିଥିବା ପକ୍ଷୀମାନେ । ଏଠାରେ ଥିବା ନଳବଣକୁ ଦୁଇଦଶକ ପୂର୍ବେ ପକ୍ଷୀ ଅଭୟାରଣ୍ୟରେ ଘୋଷିତ କରାଯାଇଛି । ଏଠାକୁ ବହୁ ସଂଖ୍ୟାରେ ପକ୍ଷୀ ଆସନ୍ତି । ଅକ୍ଟୋବରରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଏଠାକୁ ବିଦେଶୀ ପକ୍ଷୀମାନେ ଆସନ୍ତି । ଏମାନେ ଇରାକ, ଇରାନ, ସର୍ବିୟା, ହିମାଳୟ ଏପରି କି ସାଇବେରିଆ କ୍ଷେତ୍ରରୁ ମଧ୍ୟ ଏଠାକୁ ଆସିଥାଆନ୍ତି ।







**ଚି**ଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅନୁଯାୟୀ ପ୍ରାୟ ୧୩୫ ପ୍ରଜାତିର ହଜାର ହଜାର ସଂଖ୍ୟକ ପକ୍ଷୀ ଏଠାକୁ ଆସିଥାଆନ୍ତି । ଏଠାରେ ଥିବା ମଙ୍ଗଳାଯୋଡ଼ି ଗ୍ରାମ ପକ୍ଷୀ ଦେଖିବା ପାଇଁ ସବୁଠାରୁ ସୁବିଧାଜନକ ସ୍ଥାନ । ଏଠାରେ ମତ୍ସ୍ୟଜୀବୀ ପରିବାର ବାସ କରନ୍ତି । ଇକୋ ଟୁରିଜିମ୍ ଦୃଷ୍ଟିରୁ ଏହା ଏକ ଭଲ ସ୍ଥାନ । ପକ୍ଷୀ ଦେଖିବା ସହ ଚିଲିକା ମଧ୍ୟକୁ ବୋଟ୍ ଭ୍ରମଣର ସୁବିଧା ମଧ୍ୟ ଏଠାରେ ଉପଲବ୍ଧ । ସାଧାରଣତଃ ପ୍ରତିବର୍ଷ ପକ୍ଷୀମାନେ ଅକ୍ଟୋବର ମାସର ପ୍ରଥମ ସପ୍ତାହରେ ଏଠାରେ ଆସି ପହଞ୍ଚନ୍ତି । କିନ୍ତୁ ଚଳିତ ବର୍ଷ ସେମାନଙ୍କର ଆସିବା ପ୍ରାୟ ଦୁଇ ସପ୍ତାହ ବିଳମ୍ବ ହୋଇଛି । ଚଳିତବର୍ଷ ବର୍ଷା କାରଣରୁ ନଳବଣ ଅଭୟାରଣ୍ୟ ଅଞ୍ଚଳ ଜଳମଗ୍ନ ଥିଲା ଏବଂ ଚିଲିକାର ଜଳସ୍ତର ମଧ୍ୟ ବୃଦ୍ଧି ପାଇଥିଲା । ବିଦେଶରୁ ଆସୁଥିବା ପକ୍ଷୀମାନେ ଏହି କାରଣରୁ ସମସ୍ୟାରେ ପଡ଼ିଥାଇପାରନ୍ତି ବୋଲି ଚିଲିକା ବନ୍ୟଜୀବ ଡିଭିଜନ ସୂତ୍ରରୁ କୁହାଯାଇଛି । ଏହା ବ୍ୟତୀତ ଅଞ୍ଚଳଟି ଜଳମଗ୍ନ ଥିବା କାରଣରୁ ଅନେକ ପକ୍ଷୀ ତଳକୁ ନ ଓହ୍ଲାଇ ଉପରେ ବୁଲୁଥିବା ଦେଖାଯାଇଥିଲା । ପକ୍ଷୀ ଏବଂ ବନ୍ୟଜୀବ ବିଶେଷଜ୍ଞଙ୍କ ମତ ଅନୁଯାୟୀ ଏହା ହୁଏତ ସେମାନଙ୍କ ପାଇଁ ଖାଦ୍ୟର ଅଭାବ କିମ୍ବା ଅନିୟମିତ ବର୍ଷା କାରଣରୁ ହୋଇଥିବ । ଚିଲିକାରେ ଶୀତଦିନ କଟାଇବାକୁ ଆସୁଥିବା ପକ୍ଷୀମାନଙ୍କ ପାଇଁ ଖାଦ୍ୟର ଉପଲବ୍ଧତା ଏବଂ ଅନୁକୂଳ ଜଳବାୟୁ ଏକ ବଡ଼ କାରଣ । ଚଳିତବର୍ଷ ଚିଲିକାରେ ବିଦେଶୀ ପକ୍ଷୀଙ୍କ ଆଗମନ ଆରମ୍ଭ ହେବା ସହ ଚିଲିକାରେ ୧୯ଟି ଅସ୍ଥାୟୀ ଶିବିର ଏବଂ ଦୁଇଟି ଭ୍ରାମ୍ୟମାଣ ଶିବିର ସ୍ଥାପନ କରାଯାଇଛି ଯାହା ପକ୍ଷୀ ଶିକାରୀମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିବ । ଗତବର୍ଷ ପ୍ରାୟ ୧୬୧ଟି ଭିନ୍ନ ଭିନ୍ନ ପ୍ରଜାତିର ୧୦ଲକ୍ଷ ୪୮ହଜାର ପକ୍ଷୀ ଏଠାକୁ ଆସିଥିଲେ । ଚିଲିକାକୁ ଆସୁଥିବା ବିଦେଶୀ ପକ୍ଷୀମାନେ ମୁଖ୍ୟତଃ ଉତ୍ତର ୟୁରେସିଆ, କାସ୍ପିଆନ ଅଞ୍ଚଳ, ସାଇବେରିଆ, ମଙ୍ଗୋଲିଆ, କାଜାକସ୍ଥାନ, ବୈକାଲ ହ୍ରଦ ଏବଂ ରୁଷିଆର ଆଭ୍ୟନ୍ତରୀଣ କ୍ଷେତ୍ର ଏବଂ ଲଦାଖ୍ ଏବଂ ହିମାଳୟ ପାଦଦେଶରୁ ଆସିଥାନ୍ତି ଏବଂ ଗ୍ରୀଷ୍ମଋତୁ ଆରମ୍ଭରେ ସେମାନେ ଏଠାରୁ ଫେରିବା ଆରମ୍ଭ କରନ୍ତି । କେତେକ ପକ୍ଷୀ ପ୍ରାୟ ୧୨୦୦୦ କିମି ଯାତ୍ରା କରି ଏଠାକୁ ଆସିଥାନ୍ତି । ଚିଲିକାର ହ୍ରଦକୁ ଅଧିକ ସଂଖ୍ୟାରେ ପକ୍ଷୀ ଆସିବାର ମୂଳ କାରଣ ଏହାର ପର୍ଯ୍ୟାପ୍ତ ଜୈବ ବିବିଧତା । ଯେଉଁ କାରଣରୁ ଏଠାକୁ ଆସୁଥିବା ପକ୍ଷୀମାନଙ୍କ ପାଇଁ ପ୍ରଚୁର ପରିମାଣରେ ଖାଦ୍ୟ ଉପଲବ୍ଧ ହୁଏ । ଶୀତରେ ଖାଦ୍ୟର ଉପଲବ୍ଧତା ଚିଲିକା ପ୍ରତି ଆକର୍ଷଣର ମୁଖ୍ୟ କାରଣ ବୋଲି ଅନୁମାନ କରାଯାଏ । ଭୁବନେଶ୍ୱରଠାରୁ ୧୦୦ କିଲୋମିଟର ଦୂରରେ ଥିବା ଚିଲିକା ଏହାର ମନଲୋଭା ସୌନ୍ଦର୍ଯ୍ୟ ଏବଂ ଜୈବ ବିବିଧତା ପାଇଁ ବିଖ୍ୟାତ । ତେବେ ଏହାର ଜୈବ ବିବିଧତା ହିଁ ଏଠାକୁ ସର୍ବାଧିକ ସଂଖ୍ୟକ ବିଦେଶୀ ପକ୍ଷୀଙ୍କୁ ଆକର୍ଷିତ କରିଥାଏ । ତେବେ ରାଜସ୍ଥାନର ଭରତପୁରରେ ଥିବା କେବଲଦେବ ଘନା ପକ୍ଷୀ ଅଭୟାରଣ୍ୟର ପ୍ରଜାତି ଦୃଷ୍ଟିରୁ ସବୁଠାରୁ ଅଧିକ ସଂଖ୍ୟକ ପକ୍ଷୀ ଦେଖିବାକୁ ମିଳନ୍ତି । ଏଠାରେ ପ୍ରାୟ ୩୦୦ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳେ । ଚିଲିକାକୁ ଆସୁଥିବା ବିଦେଶୀ ପକ୍ଷୀମାନଙ୍କ ମଧ୍ୟରେ ବତକର ବିଭିନ୍ନ ପ୍ରଜାତିଙ୍କ ସଂଖ୍ୟା ସବୁଠାରୁ ଅଧିକ । ଏହି ପ୍ରଜାତିଗୁଡ଼ିକ ମଧ୍ୟରେ ଅଛନ୍ତି ପିନ୍‌ଟେଲ, ଗଡ଼୍‌ୱାଲ, ସୋଭେଲର, ୱିଗନ, ସାଧାରଣ ପୋଚାର୍ଡ, ଗାର୍ଗାନୀ ଏବଂ ଅନ୍ୟ କେତେପ୍ରକାରର ବତକ । ଏଗୁଡ଼ିକ ମୁଖ୍ୟତଃ ନଳବଣ, ସୋରଣା ଏବଂ ମଙ୍ଗଳାଯୋଡ଼ିରେ ଦେଖାଯାଆନ୍ତି । କେବଳ ସେତିକି ନୁହେଁ ଭାରତରେ ଥିବା ସମୁଦାୟ ୮୪ ପ୍ରକାରର ସାମୁଦ୍ରିକ ପକ୍ଷୀ ମଧ୍ୟରୁ ୪୦ଟି ପ୍ରଜାତି ଏଠାରେ ଦେଖିବାକୁ ମିଳନ୍ତି । ଚିଲିକା ମଧ୍ୟରେ ଥିବା ଛୋଟ ଛୋଟ ଦ୍ୱୀପଗୁଡ଼ିକ ପକ୍ଷୀଙ୍କ ପାଇଁ ସୁବିଧାଜନକ ବାସସ୍ଥାନ ଦେଇଥାଏ । ନଳବଣର ସନ୍ତସନ୍ତିଆ ପରିବେଶ ପ୍ରଚୁର ପରିମାଣରେ ପକ୍ଷୀ ଖାଦ୍ୟ ଉପଲବ୍ଧ ହୁଏ । ଗୁଜୁରାଟର କଚ୍ଛ ମରୁଭୂମିରୁ ମଧ୍ୟ ପକ୍ଷୀମାନେ ଏଠାକୁ ଆସିଥିବା ଲକ୍ଷ୍ୟ କରାଯାଇଛି । ଏହି ସ୍ଥାନ କେବଳ ପକ୍ଷୀମାନଙ୍କର ଶୀତ ପ୍ରବାସ ନୁହେଁ ଏହା ବୃହତ୍ତମ ପକ୍ଷୀ ପ୍ରଜନନ ସ୍ଥଳ ମଧ୍ୟ । ବିଦେଶରୁ ଆସିଥିବା ପକ୍ଷୀମାନେ ଏଠାରେ ଶାବକ ପ୍ରସବ କରି ଶୀତ ଶେଷରେ ନିଜ ସହ ସେମାନଙ୍କୁ ନେଇ ଯାଆନ୍ତି । ଚିଲିକାର ସୌନ୍ଦର୍ଯ୍ୟକୁ ଦେଖି ଉତ୍କଳମଣି ଗୋପବନ୍ଧୁ ଦାଶ ଲେଖିଥିଲେ । ରହରହ କ୍ଷଣେ ବାଷ୍ପୀୟ ଶକଟ ଦେଖିବି ଚିଲିକା ଚାରୁ ଚିତ୍ରପଟ । ଏମିତିରେ ଚିଲିକା ସୌନ୍ଦର୍ଯ୍ୟମୟୀ । ତେବେ ଶୀତ ଆସିଲେ ଏହାର ସୌନ୍ଦର୍ଯ୍ୟ ବହୁଗୁଣିତ ହୋଇଯାଏ ଖାସ୍ ପକ୍ଷୀମାନଙ୍କ ଯୋଗୁଁ । ପକ୍ଷଈଙ୍କ କଳରବ ସମଗ୍ର ଅଞ୍ଚଳଟିକୁ ସଙ୍ଗୀତମୟ କରିଦିଏ, ଏଥିସହ ପକ୍ଷୀମାନଙ୍କ ନିର୍ଭୟ ବିଚରଣ ପକ୍ଷୀପ୍ରେମୀମାନଙ୍କୁ ସ୍ୱର୍ଗର ଅନୁଭବ ଦେଇଥାଏ । ସାତ ସମୁଦ୍ର ପରପାରିର ପକ୍ଷୀ ଏଠାରେ ନିରାପଦ ଶୀତ ଦିନ କାଟିବା ପାଇଁ ଆସନ୍ତି ଏବଂ ଏକ ସଙ୍ଗରେ ଏତେ ସଂଖ୍ୟ ପକ୍ଷୀଙ୍କୁ ଦେଖିବାର ସୁଯୋଗ ପାଇବା ଯେ କୌଣସି ପ୍ରକୃତି ପ୍ରେମୀଙ୍କ ପାଇଁ ଅନନ୍ୟ ଅନୁଭବ ନିଶ୍ଚୟ । କେବଳ ଏତିକି ନୁହେଁ ଏତେ ସଂଖ୍ୟକ ପକ୍ଷୀଙ୍କ ଆଗମନ କାରଣରୁ ଏଠାରେ ଶୀକାରୀ ପକ୍ଷୀଙ୍କ ସଂଖ୍ୟା ମଧ୍ୟ ଅନ୍ୟସ୍ଥାନ ତୁଳନାରେ ଅଧିକ ଥାଏ । ଚିଲିକାରେ ୧୪ ପ୍ରଜାତିର ଶିକାରୀ ପ'ୀ, ୧୫୨ ଟି ବିରଳ ଇରାବତି ଡଲ୍ଫିନ୍, ୩୭ ପ୍ରଜାତିର ସରୀସୃପ ଦେଖିବାକୁ ମିଳନ୍ତି । ଚିଲିକାର ପୂର୍ବ ଭାଗରେ ସାତପଡ଼ା ଏକ ଡଲ୍ଫିନ୍ ପଏଣ୍ଟ । ଏଠାରେ ଇରାବତି ଡଲ୍ଫିନ୍ ସମେତ ସାଧାରଣ ଡଲ୍ଫିନ୍, ବଟଲ୍ ନୋଜ୍ ଡଲ୍ଫିନ୍ ଏବଂ ଧଳା ନାକ ଡଲ୍ଫିନ୍ ଦେଖିବାକୁ ମିଳନ୍ତି ।

ବଙ୍ଗୋପସାଗର ସହ ସଂଲଗ୍ନ ଏହି ହ୍ରଦର ଦୈର୍ଘ୍ୟ ୭୦ କିମି ଏବଂ ପ୍ରସ୍ଥ ୩୦ କିମି । ବାଲୁକାର ପ୍ରାଚୀର ଏହାକୁ ସମୁଦ୍ର ଠାରୁ ଅଲଗା କରିଛି । ଏହି ଗୋଟିଏ ହ୍ରଦ ପ୍ରାୟ ୧୩୨ଟି ଗ୍ରାମର ଦେଢ଼ ଲକ୍ଷ ମତ୍ସ୍ୟଜୀବିଙ୍କୁ ଭରଣପୋଷଣର ମାଧ୍ୟମ ଦେଇଛି । ଚିଲିକାର ଲୁଣି ପାଣି ମାଛ, କଙ୍କଡ଼ା ଏବଂ ଚିଙ୍ଗୁଡ଼ିଙ୍କୁ ଅତ୍ୟନ୍ତ ଉନ୍ନତ ପୋଷଣ ଦେଇଥାଏ । ତେଣୁ ଏଂାରେ ପର୍ଯ୍ୟାପ୍ତ ପରିମାଣରେ ସେଗୁଡ଼ିକ ଉପଲବ୍ଧ ହୁଅନ୍ତି । ତେଣୁ ଏକ୍‌ଦମ୍ ସକାଳୁ ମତ୍ସ୍ୟଜିବୀଙ୍କ ଧାଡ଼ି ଲାଗିଯାଏ ନିଜନିଜର ନୌକା ନେଇ ଚିଲିକା ମଧ୍ୟକୁ ଯିବା ପାଇଁ । ମତ୍ସ୍ୟଜିବୀମାନେ ଚିଲିକାର ଗଭୀର ଜଳରେ ଜାଲ ପକାଇବାର ଦୃଶ୍ୟ ମଧ୍ୟ ଖୁବ୍ ମନମୋହକ । ଚିଲିକା ଭିତରେ ୧୫ ବର୍ଗ କିମି ବ୍ୟାପ୍ତ ନଳବଣ ବିଦେଶୀ ପକ୍ଷୀଙ୍କର ମୁଖ୍ୟ ଆବାସ । ଏହି ଦ୍ୱୀପ ବର୍ଷା ଦିନେ ସମ୍ପୂର୍ଣ୍ଣ ବୁଡ଼ିଯାଏ ଏବଂ ବର୍ଷା ପରେ ପୁଣି ଦେଖାଯାଏ । ଫଟୋଗ୍ରାଫିରେ ସୌକ ରଖୁଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ସବୁଠାରୁ ଆକର୍ଷକ ସ୍ଥାନ ।











# ଆହାରରେ ସଞ୍ଜମତା



**ବା**ର୍ଦ୍ଧକ୍ୟରେ ଖାଦ୍ୟ ପ୍ରତି ଟିକେ ଅଧିକ ଆସକ୍ତି ଆସିଯାଏ । ଯେଉଁ ସବୁ ଖାଦ୍ୟକୁ ଏ ବୟସରେ ବାରଣ କରାଯାଏ ଠିକ୍ ସେଇସବୁ ଖାଦ୍ୟ ଖାଇବାକୁ ମନବଳେ । ତେଣୁ ଜିଭର ଲାଳସାରେ ଟିକେ ଲଗାମ ଲଗାନ୍ତୁ ।

ଏବେ ପ୍ରତ୍ୟେକ ମଣିଷ ଖାଦ୍ୟକୁ ମଧ୍ୟ ଫ୍ୟାସନ୍ ପରିସରଭୁକ୍ତ କରିସାରିଲେଣି । ଖାଦ୍ୟକୁ ମଧ୍ୟ ଆମେ ଅନୁକରଣ କଲେଣି । ପାଶ୍ଚତ୍ୟ ଖାଦ୍ୟ ପ୍ରେମରେ ଏବେ ଆମେ ସମସ୍ତେ ପଡ଼ିଗଲେଣି । ଫାଷ୍ଟଫୁଡ୍, ଡ୍ରାଏଫୁଡ୍ ଓ ପ୍ୟାକେଟ୍‌ଫୁଡ୍ ଖାଇବାରେ ଆମେ ଖୁବ୍ ଅଭ୍ୟସ୍ତ ହୋଇ ପଡ଼ିଲେଣି ଏବେ । ଏହାଛଡ଼ା ଆମେ ସନ୍ତୁଳିତ ଖାଦ୍ୟ ମଧ୍ୟ ଖାଇନଥାଉ । ଯାହା ଖାଉ ତାହା ମଧ୍ୟ ଠିକ୍ ସମୟରେ ଖାଇ ନଥାଉ । ଏଇସବୁ କାରଣରୁ ଶରୀର ବେଳେ ବେଳେ ଅସୁସ୍ଥ ହୋଇପଡ଼େ । ଆମ ଶରୀର ଯାହା ଚାହେଁ, ଶରୀରକୁ ସୁସ୍ଥ ରଖିବାକୁ ଯେଉଁସବୁ ଉପାଦାନ ଆବଶ୍ୟକ କରେ ତାହା ଠିକ୍ ଭାବରେ ଏବଂ ଠିକ୍ ସମୟରେ ପାଇନଥାଏ । ବଦଳରେ ସିଏ ଯାହା ନଚାହେଁ ସେସବୁ ଅଧିକ ମାତ୍ରାରେ ପାଇଥାଏ ଆଉ ଏଥିପାଇଁ ବିଭିନ୍ନ ଶାରୀରିକ ସମସ୍ୟା ସୃଷ୍ଟି ହୋଇଥାଏ ।

ଆମେ ଭାବୁ କେବଳ ଭଲ ଭଲ ପୁଷ୍ଟିକର ଖାଦ୍ୟ ଖାଇଲେ ଶରୀର ସୁସ୍ଥ ରହିବ । ତାହା ସବୁବେଳେ ଠିକ୍ ନୁହେଁ । ପାଖରେ ପଇସା ଅଛି ବୋଲି ମାଛ, ମାଂସ ଆଉ କ୍ଷୀର, ଘିଅରେ ଭାସିଲେ ଯେ ଶରୀରକୁ ଅଧିକ ସୁସ୍ଥ ରଖିହେବ ଏ କଥା ଭୁଲ୍ । ବରଂ ଏହା ଶରୀରକୁ ଅଧିକ ସମସ୍ୟା ପହଞ୍ଚାଇଥାଏ ।

ଅସନ୍ତୁଳିତ ଖାଦ୍ୟ ଖାଇବା ଫଳରେ, ଖାଦ୍ୟ ରୁଚି ବଦଳିଯିବା ଦ୍ୱାରା ଆମେ ଆଜିକାଲି କେଉଁସବୁ ସମସ୍ୟାରେ ପଡୁଛେ ଆସନ୍ତୁ ଦେଖିବା–

ଦିନେ ଭାରତ ଭାରାକ୍ରାନ୍ତ ଥିଲା ବିଭିନ୍ନ ସଂକ୍ରାମକ ରୋଗରେ । ଏବେ କିନ୍ତୁ ଏ ସମସ୍ୟା କମିଲାବେଳକୁ ଅନେକ ବଡ଼ଧରଣର ଶାରୀରିକ ସମସ୍ୟା ଆସି ପହଞ୍ଚିଯାଇଛି ।

ଡାୟାବିଟିସ୍, ଉଚ୍ଚ ରକ୍ତଚାପ ଏବଂ ହୃଦରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ବଢ଼ି ଚାଲିଛି । ଏହାର ଏକମାତ୍ର କାରଣ ହେଲା ଅଧିକ ମୋଟା ହେବା । ଏସବୁ କାରଣରୁ ଭାରତର ଆର୍ଥିକ ମାନଦଣ୍ଡ ପରୋକ୍ଷରେ ନଷ୍ଟ ହେଉଛି । ଲଗାମଛଡ଼ା ଖାଦ୍ୟ ଗ୍ରହଣ ପାଇଁ ଏହା ହୋଇଥାଏ (ଅତ୍ୟଧିକ ମୋଟା ହେବା, ଶରୀରରେ ଚର୍ବି ଜମିବା ।)

- ଶରୀର ଓଜନ ଅତ୍ୟଧିକ ବଢ଼ିଲେ ଏହା ହୃଦରୋଗକୁ ଆମନ୍ତ୍ରଣ କରିଥାଏ ।
- **ରକ୍ତଚାପ :** ବିଶେଷଜ୍ଞମାନେ କହନ୍ତି, ସହରରେ ବାସ କରୁଥିବା ୮୦ ପ୍ରତିଶତ ଲୋକ ଖାଇବା ତେଲ ଅତ୍ୟଧିକ ପରିମାଣରେ ବ୍ୟବହାର କରିଥାନ୍ତି । ରକ୍ତଚାପର ଏହା ମଧ୍ୟ ଏକ ମୁଖ୍ୟ କାରଣ ।
- ଭାରତରେ ୭୦ ପ୍ରତିଶତ ମଧୁମେହ ରୋଗୀ ଅତ୍ୟଧିକ ମୋଟା । ସେମାନଙ୍କ ଓଜନ ୯୦ରୁ ୧୦୦ କିଗ୍ରା ପର୍ଯ୍ୟନ୍ତ ଏବଂ ତା'ଠାରୁ ମଧ୍ୟ ବେଶୀ ହୋଇଥାଏ । ମଧୁମେହ ରୋଗୀମାନେ କେବଳ ୬ ପ୍ରକାର ଖାଦ୍ୟ, ଯେଉଁଟା ସେମାନଙ୍କ ପାଇଁ ନିର୍ଦ୍ଧାରିତ ତାହା ହିଁ ଜୀବନସାରା ଖାଇବା ଉଚିତ୍ ।
- **ଆଥ୍ରାଇଟିସ୍** (ଆଣ୍ଠୁଗଣ୍ଠିବାତ ଏବଂ ଯକୃତ ସମସ୍ୟା)

ଅତ୍ୟଧିକ ମୋଟା ହେବା ଏବଂ ଓଜନ ବଢ଼ିବା ଫଳରେ ଏହିସବୁ ସମସ୍ୟା ଦେଖାଦେଇଥାଏ । ବିଭିନ୍ନ ପ୍ରକାର ଅଖାଦ୍ୟକୁ ହଜମ କରେଇବାକୁ ଯାଇ ଯକୃତ ହାଲିଆ ହୋଇପଡ଼େ ।

ଜୀବନକୁ ଆହୁରି ହାଲ୍‌କା ଏବଂ ସହଜ କରିବାକୁ ଯାଇ ଆମେ ଯେଉଁ ଉପକରଣ ସବୁ ବ୍ୟବହାର କରିଥାଉ ସେଇଥିପାଇଁ ବଢୁଥିବା ଓଜନ ହେଲା ପ୍ରାୟ ୮ କିଲୋ । ଗ୍ରାଇଣ୍ଡର, କୁକିଂରେଞ୍ଜ, ୱାସିଂ ମେସିନ୍, ଭ୍ୟାକୁମ୍ କ୍ଲିନ୍‌ର ବ୍ୟବହାର କରୁଥିବା ମହିଳାମାନେ ଏସବୁଠାରୁ ଦୂରେଇ ରହିଥିବା ମହିଳାମାନଙ୍କ ଠାରୁ ଅଧିକ ପୃଥୁଳ ଏବଂ ମଧୁମେହରେ ଅଧିକ ଆକ୍ରାନ୍ତ ହେଉଥିବାର ଏକ ସର୍ବେକ୍ଷଣରୁ ଜଣାଯାଏ । ଅତ୍ୟଧିକ ଟିଭି ଦେଖିବା, ଏସି କାର୍ ବ୍ୟବହାର କରୁଥିବା ଲୋକମାନଙ୍କ ଓଜନ ଆହୁରି ୪ କିଲୋ ଅଧିକ ହୋଇଥାଏ ।



**ଆପଣ କ'ଣ ଖାଉଛନ୍ତି ଜାଣନ୍ତି ?**

**ରୋଡ଼ାମିନ୍ ବି :**
କେଉଁଥିରୁ ମିଳେ– ଗୋଲାପଜାମ୍, ଜେଲି, ପେଷ୍ଟ୍ରି ।
ଏହାର ଅସଲ ବ୍ୟବହାର– ଅଏଲ୍ ପେଣ୍ଟିଂ ଏବଂ ରଙ୍ଗକାରଖାନାରେ ବ୍ୟବହାର କରାଯାଏ ।
**ପରିଣତି–** ଯକୃତ, କିଡ୍‌ନି ଏବଂ ସ୍ନାୟୁରୋଗ ।

**ନାଇଟ୍ରାଇଟ୍ ଜେଗ୍ :**
କେଉଁଥିରୁ ମିଳେ– କଷା ମାଂସ, ମାଛ, ଚିଙ୍ଗୁଡ଼ି ମାଛ ।
ଏହାର ଅସଲ ବ୍ୟବହାର– ଟେକ୍ସଟାଇଲ୍ ମିଲ୍ ଏବଂ ରଙ୍ଗ କାରଖାନାରେ ଏ ରାସାୟନିକ ବ୍ୟବହୃତ ହୁଏ ।
**ପରିଣତି–** ପାକସ୍ଥଳୀରେ କ୍ୟାନସର ହୋଇପାରେ ।

**ମେଟାନିଲ୍ ୟେଲୋ :**
କେଉଁଥିରୁ ମିଳେ ଆମକୁ– ବିରିୟାନି, ବୁନ୍ଦିଆ, ଫଳରସ ।
ଏହାର ଅସଲ ବ୍ୟବହାର– ଟେକ୍ସଟାଇଲ୍ ଏବଂ ରଙ୍ଗ କାରଖାନାରେ ।
**ପରିଣତି–** ଯକୃତ ଏବଂ କିଡ୍‌ନି କ୍ୟାନସର ।



### ୪ ପ୍ରକାର ଖାଦ୍ୟ

| | |
|---|---|
| **ଫଳ ଓ ପରିବା** | : ପ୍ରତିଦିନ ଯଥେଷ୍ଟ ପରିମାଣର ତଟକା ଫଳ ଏବଂ ପନିପରିବା ଖା'ନ୍ତୁ । (ଖାଦ୍ୟର ଚାରି/ପାଞ୍ଚ ଭାଗ ଏହା ଖାଇବା ଉଚିତ୍) |
| **ଶର୍କରା ଜାତୀୟ ଖାଦ୍ୟ** | : ଭାତ, ରୁଟି, ମିଠା, ଆଳୁ, ପାଉଁରୁଟି (ବେଶୀ ଖା'ନ୍ତୁ) |
| **ଦୁଗ୍ଧଜାତ ଖାଦ୍ୟ** | : ଛେନା, ଦହି (ଏଥିରେ ଅଳ୍ପ ଚର୍ବିଥାଏ କ୍ଷୀର ଅପେକ୍ଷା) । |
| **ଆମୀଷ** | : ସନ୍ତୁଳିତ ପରିମାଣର ଅଣ୍ଡା, ଚିକେନ୍ ମାଂସ, ମଟନ ଏବଂ ମାଛ । (ଅଳ୍ପ ପରିମାଣର ଖାଆନ୍ତୁ) । |

### ବର୍ଜନୀୟ ଖାଦ୍ୟ

- ପୋଡ଼ା ତେଲରେ ଛଣାଯାଇଥିବା ଖାଦ୍ୟ ଖାଇବା ଫଳରେ ଧମନୀର ପଥରୋଧ ହେବାର ସମ୍ଭାବନା ଅଧିକ ହୋଇଥାଏ । ଏଇ ସବୁ ଉଚ୍ଚ କ୍ୟାଲୋରିଯୁକ୍ତ ଖାଦ୍ୟ ବର୍ଜନ କରିବା ଉଚିତ୍ ।
- ଘିଅ ଏବଂ ତେଲରେ ଛଣାଯାଇଥିବା (ଡ୍ରାଏଫୁଡ୍) ଗୁଡ଼ିକରେ କୌଣସି ପୁଷ୍ଟିସାର ନଥାଏ । ୨୦୦ ଗ୍ରାମ ଏହିପରି ଖାଦ୍ୟରେ ୬୦୦ କ୍ୟାଲୋରି ମଧ୍ୟରୁ ୨୮୦ କେବଳ ଚର୍ବି ଜାତୀୟ ଦ୍ରବ୍ୟ ଥାଏ । ଏଗୁଡ଼ିକ ଧମନୀର ପଥକୁ ସଂକୁଚିତ କରିଥାଏ ।
- **ଗୋଲାପଜାମୁ :** ଏହି ମିଠାଟି ଭଲଭାବରେ ଛଣାଯାଇଥାଏ ଏବଂ ଶର୍କରାକୁ ଖୁବ୍ ଭଲ ଭାବରେ ଗ୍ରହଣ କରିଥାଏ । ଏହା ଶରୀର ପାଇଁ ଖୁବ୍ କ୍ଷତିକାରକ ଏହା ଶରୀରକୁ ଅଧିକ ୩୨୦ କ୍ୟାଲୋରି ଯୋଗାଇଥାଏ ।
- **ସିଙ୍ଗଡ଼ା :** ଘିଅ ଏବଂ ତେଲଛଣା ସିଙ୍ଗଡ଼ା ଆହୁରି କ୍ଷତି ପହଞ୍ଚାଇଥାଏ ଶରୀରକୁ । ଏଥିରେ ୪୦୦ କ୍ୟାଲୋରି ଥାଏ ।
- **ବର୍ଗର :** ମଇଦା ପ୍ରସ୍ତୁତ ଏ ଖାଦ୍ୟଟି ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଖୁବ୍ କ୍ଷତିକାରକ ।

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୨୫ ନଭେମ୍ବର ୨୦୨୫ । ମଙ୍ଗଳବାର

## ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏନସିସି ଦିବସ

ଖୋର୍ଦ୍ଧା,୨୪।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ଭାରତବର୍ଷର ଅବସ୍ଥିତି ଓ ସାଂପ୍ରତିକ ପରିସ୍ଥିତି ଦୃଷ୍ଟିରୁ ଏନସିସି ଶିକ୍ଷାର ଗୁରୁତ୍ୱ ବେଶି ବୋଲି ଆଜିର ପାଳିତ ୭୭ତମ ଏନସିସି ଦିବସରେ ମୁଖ୍ୟଅତିଥି ଭାବେ ବସନ୍ତ କୁମାର ନାୟକ ଓଏସିଏସ (ଏସ) କମାଣ୍ଡ ୬୭ ଆଇଆରବି ଖୋର୍ଦ୍ଧା ଯୋଗଦେଇ କହିଥିଲେ। ୧୯୪୮ ମସିହା ପାର୍ଲାମେଣ୍ଟହାରା ଆଇନ କରରେ ଗଠିତ ଏନସିସି ଛାତ୍ର ସମାଜ ମଧ୍ୟରେ ଦେଶପ୍ରେମ ଓ ଆତ୍ମନିର୍ଭରଶୀଳତା ପ୍ରତିଷ୍ଠା କରିବାରେ ସହାୟକ ହେଉଛି। ଏହି ଦର୍ଶାଇବା ସମାବେଶରେ ମୁଖ୍ୟଅତିଥି କମାଣ୍ଡାଟ ଶ୍ରୀ ନାୟକ ଏଥିରେ ଅଂଶଗ୍ରହଣ କରିଥିବା ପ୍ରାଣନାଥ କଲେଜର ଏନସିସି ଛାତ୍ରଛାତ୍ରୀ, ଗାନ୍ଧୀ ଇଂଜିନିୟରି କଲେଜର ଏନସିସି ଛାତ୍ରଛାତ୍ରୀ ଓ ବକ୍ସି ଜଗବନ୍ଧୁ ଉଚ୍ଚବିଦ୍ୟାଳୟର ଏନସିସି ଛାତ୍ରଛାତ୍ରୀମାନଙ୍କ ଠାରୁ ଅଭିବାଦନ ଗ୍ରହଣ କରିଥିଲେ। ଅନ୍ୟତମ ଅତିଥି ଭାବେ କଲେଜ ପରିଚାଳନା ସମିତିର ସଭାପତି ତଥା ପ୍ରାକ୍ତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଯୋଗ ଦେଇଥିଲେ। ପ୍ରାରମ୍ଭରେ ଏନସିସି ଛାତ୍ରଛାତ୍ରୀମାନେ ମୁଖ୍ୟଅତିଥିଙ୍କୁ ପାଇଲଟିଂ କରି ମଞ୍ଚକୁ ପାଛୋଟି ନେଇଥିଲେ। କଲେଜର ଅଧ୍ୟକ୍ଷ ଡକ୍ଟର ବିନ୍ଦୁଶ୍ରୀ ମିଶ୍ର ତାଙ୍କର ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରାଣନାଥ କଲେଜର ଆଲୁମ୍ନି ସଭାପତି ତଥା ପ୍ରାକ୍ତନ ଆରକ୍ଷୀ ଅଧିକ୍ଷକ ଦେବପ୍ରସାଦ ମଜୁମଦାର ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ। ପ୍ରାକ୍ତନ ଏନସିସି ଛାତ୍ର ଡ.ଶାଶ୍ୱତ ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ତାଙ୍କ ସ୍କୁପ୍ରାଙ୍କ ଦ୍ୱାରା ଏକ ଓଡ଼ିଶୀ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ସେହିପରି ପ୍ରାକ୍ତନ ଏନସିସି ଛାତ୍ରୀ ପ୍ରିତୀ ମହାପାତ୍ର ସୁଦୂର ବାଙ୍ଗାଲୋରରୁ ଆସି ରାମାୟଣର ଧାବର ପ୍ରସଙ୍ଗ ଉପରେ ନୃତ୍ୟ ସମସ୍ତଙ୍କୁ ଆମୋଦିତ କରିଥିଲା। ଆଲୁମ୍ନି ଏନସିସି ଛାତ୍ର ପ୍ରଧାନ ଓ ତାଙ୍କ ସାଥୀମାନଙ୍କ ଦ୍ୱାରା ପାଇକ ନୃତ୍ୟ ଓଥା ଖେଳ ସମସ୍ତଙ୍କୁ ବାନ୍ଧି ରଖିଥିଲା। କଲେଜର ଏନସିସି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସମ୍ବଲପୁରୀ, ରାଜସ୍ଥାନୀ ନୃତ୍ୟ ମଧ୍ୟ ମନୋଲୋଭା ହୋଇଥିଲା। ଦିବଂଗତ ଏନସିସିର ଜୁନିୟର ଅଫିସର ସାଗର ପ୍ରସାଦଙ୍କ ନାମରେ ୨୦୦୮ ମସିହାରୁ ଦିଆଯାଉଥିବା ସାଗର ମେମୋରିଆଲ 'ଟ୍ରଫି ଫାଉଣ୍ଡେ ପରିଚାଳନା କରୁଥିବା ଟାଇନ୍ଦଲ ଟେଡିନକ୍କୁ ସାଗର ପ୍ରସାଦଙ୍କ ପିତା ରମାଶଙ୍କର ପ୍ରସାଦ ଓ ମାତା ଗାୟତ୍ରୀ ପ୍ରସାଦ ଓ ମୁଖ୍ୟଅତିଥି ଓ ଅଧ୍ୟକ୍ଷା ଡ. ବିନ୍ଦୁଶ୍ରୀ ମିଶ୍ର ପ୍ରଦାନ କରିଥିଲେ। ବିଶିଷ୍ଟ ପ୍ରାକ୍ତନ ଛାତ୍ର ତଥା ପୋଲିସ ଟ୍ରେନିଂ କଲେଜର ଅଧ୍ୟକ୍ଷ ଅରବିନ୍ଦ ନାଥ ମିତ୍ର, ଆଲୁମ୍ନି ସଭାପତି ପ୍ରାକ୍ତନ ଏସ୍‌ପି ଦେବପ୍ରସାଦ ମଜୁମଦାରଙ୍କୁ ଅଧ୍ୟକ୍ଷ ଅଧ୍ୟକ୍ଷା ପୁଷ୍ପ ଗୁଚ୍ଛ, ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ବିଭାଗରେ ନିଜର ଦକ୍ଷତା ପ୍ରଦର୍ଶିତ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥଲେ।

## ମାଇଁ ଏନସିସି ଆଲୁମନି ଆସୋସିଏସନ୍‌ର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା,୨୪।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ମାଇଁ ଏନସିସି ଆଲୁମନି ଆସୋସିଏସନ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏନସିସି ଦିବସ ଅବସରରେ ପ୍ରତ୍ୟେକ ବର୍ଷ ଏହି ବାର୍ଷିକ ଉତ୍ସବ ପାଳନ କରାଯାଇଥାଏ। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା କଲେଜର ଅଧକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା ଓ ମୁଖ୍ୟବକ୍ତା ଭାବେ ପୂର୍ବତନ ଅଧକ୍ଷ ନେଜର ପାଠବାସ ମହାନ୍ତି ଯୋଗଦେବା ସହ ଅନ୍ୟ ବରେଣ୍ୟ ଅତିଥି ଭାବେ ପୂର୍ବତନ ବାଳିକା ବିଭାଗ ଏନସିସି ପ୍ରଫେସର ଜ୍ୟୋତ୍ସ୍ନାମୟୀ ସାହୁ, ପୂର୍ବତନ ଅଧକ୍ଷ ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ପୂର୍ବତନ ପ୍ରାଧାପିକା ଡ. ଅନ୍ନପୂର୍ଣ୍ଣା ସ୍ୱାଇଁ, ବର୍ତ୍ତମାନର ବାଳିକା ବିଭାଗ ଏନସିସି କ୍ୟାପଟେନ ସାମା ମହାନ୍ତି ଓ ବାଳକ ବିଭାଗ ଏନସିସି ଲେଫ୍ଟନାଣ୍ଟ ଜଗନ୍ନାଥ ତ୍ରିପାଠୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଆଲୁମନି ଆସୋସିଏସନ ସଭାପତି ପ୍ରଭାସିନୀ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ଚିନ୍ମୟ କୁମାର ବିଶ୍ୱାଳ ବିବରଣୀ ପାଠ କରିଥିଲେ। ମାଇଁ ଏନସିସି ଆଲୁମନି ଆସୋସିଏସନର ବହୁ ସଦସ୍ୟ / ସଦସ୍ୟା ଉପସ୍ଥିତ ଥିବା ସ୍ଥଳେ ବର୍ତ୍ତମାନର ବାଳକ ଓ ବାଳିକା ବିଭାଗର ସମସ୍ତ କ୍ୟାଡେଟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହ ସୁଚାରୁରୂପେ ସମ୍ପାଦନ କରିଥିଲେ। ଏହି ବାର୍ଷିକ ଉତ୍ସବରେ କେନ୍ଦ୍ରାପଡ଼ା କଲେଜ ପାଇଁ ଅନବରତ ସେବା ଯୋଗାଇ ଆସୁଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀ କ୍ଷୀରୋଦ କୁମାର ପଣ୍ଡାଙ୍କୁ 'ଆଦର୍ଶ ସେବକ' ଉପାଧିରେ ସମ୍ମାନିତ କରାଯାଇଥିଲା। ପ୍ରତି ବର୍ଷ ପରି କେନ୍ଦ୍ରାପଡ଼ା କଲେଜର ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ନମ୍ବର ରଖି ପାସ କରିଥିବା ପ୍ରତିଭାମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ୨୦୨୫ର ବେଷ୍ଟ ଗ୍ରାଜୁଏଟ କଳା ବିଭାଗ ଛାତ୍ରୀ ଶର୍ମିଷ୍ଠା ରାଉଳ, ବାଣିଜ୍ୟ ବିଭାଗ ଛାତ୍ର ଶୁଭ୍ରଜିତ ସିଂ, ବିଜ୍ଞାନ ବିଭାଗ ଛାତ୍ରୀ ଅଞ୍ଜଳି ବିଶ୍ୱାଳ, ଉଚ୍ଚମାଧ୍ୟମିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ପାସ କରିଥିବା କଳା ବିଭାଗ ଛାତ୍ରୀ ଲିପ୍ସା ମିଶ୍ର, ବାଣିଜ୍ୟ ବିଭାଗ ଛାତ୍ର ନୀଳକମଳ ଦାସ, ବାଣିଜ୍ୟ ବିଭାଗ ଛାତ୍ର ମନୀଷ ଲେଙ୍କାଙ୍କୁ ପୁରସ୍କୃତ କରାଯାଇଥିଲା।

# ଓଡ଼ିଶା ସାମ୍ବାଦିକ ୟୁନିୟନ ରାଜ୍ୟ କାର୍ଯ୍ୟକାରିଣୀ



କଟକ,୨୪।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ସରକାର ତାଙ୍କ ନିଜ କଥାକୁ ରଖନ୍ତୁ ସାମ୍ବାଦିକଙ୍କୁ ପେନ୍‌ସନ୍, ସ୍ୱୀକୃତି ଏବଂ ସୁରକ୍ଷା ଦେବାଲାଗି ସରକାର ବିଭିନ୍ନ ଫୋରମ୍‌ରେ କହି ଆସୁଛନ୍ତି କିନ୍ତୁ ଆଜି ପର୍ଯ୍ୟନ୍ତ ସାମ୍ବାଦିକମାନଙ୍କ ଏହି ସର୍ବନିମ୍ନ ଦାବି ପୂରଣ ହୋଇପାରି ନାହିଁ। ଆଗାମୀ ବିଧାନସଭାରେ ରାଜ୍ୟ ସରକାର ସାମ୍ବାଦିକଙ୍କ ଏହି ଦାବି ପ୍ରତି ଧ୍ୟାନ ଦେବେ ବୋଲି ଓଡ଼ିଶା ରାଜ୍ୟ ସାମ୍ବାଦିକ ସଂଘ ଆଶା ରଖୁଛି ବୋଲି କଟକରେ ଆୟୋଜିତ ରାଜ୍ୟସ୍ତରୀୟ ବୈଠକରେ ୟୁନିୟନ ରାଜ୍ୟ ସଭାପତି ପ୍ରସନ୍ନ କୁମାର ମହାନ୍ତି କହିଛନ୍ତି।

ଓଡ଼ିଶା ସାମ୍ବାଦିକ ୟୁନିୟନର ରାଜ୍ୟ କାର୍ଯ୍ୟକାରିଣି ବୈଠକ ଓ କଟକ ଜିଲ୍ଲା ସାମ୍ବାଦିକ ୟୁନିୟନର ୨୩ତମ ଦ୍ୱିବାର୍ଷିକ ସମ୍ମିଳନୀ ମହାନଦୀ ବିହାର ସ୍ଥିତ ରିଦ୍ଧି ଶିଦ୍ଧି ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ଯୋଗଦେଇ ସାମ୍ବାଦିକମାନଙ୍କର ଯଥାର୍ଥ ଦାବିକୁ ସମର୍ଥନ କରିଥିଲେ। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ସାମ୍ବାଦିକମାନଙ୍କର ଦାବି ପେନ୍‌ସନ, ପ୍ରୋଟେକସନ ଓ ଆକ୍ରିଡେସନକୁ ସମର୍ଥନ ଜଣାଇବା ସହ ଆନ୍‌ଦୋଳନ ଜରିଆରେ ସମ୍ଭବ ହୋଇପାରିବ ବୋଲି କହିଥିଲେ। ସମ୍ମାନୀୟ ଅତିଥି ଭାବେ ବାଙ୍କୀର ପୂର୍ବତନ ବିଧାୟକ ତଥା ବରିଷ୍ଠ ରାଜନେତା ପ୍ରଭାତ କୁମାର ତ୍ରିପାଠୀ ସାମ୍ବାଦିକମାନଙ୍କ ଦାବି ସହ ପୂର୍ଣ୍ଣ ସମର୍ଥନ ରହିଛି ବୋଲି କହିଥିଲେ।

ରାଜ୍ୟ ସଭାପତି ଶ୍ରୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜାତୀୟ କାର୍ଯ୍ୟକାରିଣି ସଦସ୍ୟ ଅକ୍ଷୟ କୁମାର ସାହୁ, ଉପ ସଭାପତି ରାଜୀବ କୁମାର ମହାନ୍ତି ଯୋଗଦେଇ ସରକାର ସାମ୍ବାଦିକମାନଙ୍କ ନ୍ୟାର୍ଯ୍ୟଦାବିକୁ ଅଣଦେଖା କଲେ ୩୦ ଜିଲ୍ଲାରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି କହିଥିଲେ। ଏହି ଅବସରରେ କଟକ ଜିଲ୍ଲା ସାମ୍ବାଦିକ ୟୁନିୟନର ମୁଖପତ୍ର 'ମସୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଓୟୁଜେର ଦ୍ୱିବାର୍ଷିକ ସମ୍ମିଳନୀ ୨୦୨୬ ଜାନୁୟାରୀ ୯ତାରିଖ ଜୟଦେବଭବନରେ ହେବାକୁ ଘୋଷଣା କରାଗଲା ଓ ଆସନ୍ତା ନିର୍ବାଚନ ପାଇଁ ନିର୍ବାଚନ ଅଧିକାରୀ ଭାବେ ଅଜୟ କୁମାର ଦାସଓ ସହ ଅଧିକାରୀ ରୂପେ ସୁଧାଂଶୁ ପରିଡ଼ା ଇଂଚୟନ କରାଗଲା। ଏହି ଅବସରରେ ସମାଜର ବିଶିଷ୍ଟ ବ୍ୟକ୍ତି ସଂଜୟ ଜେନା, କଳ୍ପତରୁ ଖୁଣ୍ଟିଆ, ପ୍ରଫେସର ତ୍ରିଦେବ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ରାଜ୍ୟ କର୍ମକର୍ତ୍ତାଙ୍କ ମଧ୍ୟରେ ପରିକ୍ଷିତ ବିଶ୍ୱାଳ, ପ୍ରସନ୍ନ ପାଇକରାୟ, ଅଭୟ ପତି, କିଶନ ରାଉତଙ୍କ ସମେତ ୩୦ ଜିଲ୍ଲାର ପ୍ରତିନିଧିମାନେ ବକ୍ତବ୍ୟ ରଖିଥିଲେ କଟକ ଜିଲ୍ଲା ସାମ୍ବାଦିକ ୟୁନିୟନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ଅଜୟ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନାର୍ଦ୍ଦନ ଉଚ୍ଚ ନୋଡାଲର ହୀରକ ଜୟନ୍ତୀ ପ୍ରସ୍ତୁତି

ସୋର,୨୪।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ସୋର ଗୋପୀନାଥପୁର ମଙ୍ଗଳପୁର ଭୋଳେଶ୍ୱର ଦନାର୍ଦ୍ଦନ ନୋଡାଲ ହାଇସ୍କୁଲର ୬୨ତମ ବର୍ଷ ପୂର୍ତ୍ତି ଅବସରରେ ହୀରକ ଜୟନ୍ତୀର ପ୍ରସ୍ତୁତି ବୈଠକ ସଭାପତି ଭାସ୍କର ଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ତିନିଦିନିଆ ଏହି କାର୍ଯ୍ୟକ୍ରମରେ ପ୍ରତେକ ଦିନ ଦୁଇ ଦୁଇଟି ଅଧିବେଶନ ପାଇଁ ବହୁ ପ୍ରତିଷ୍ଠିତ ବ୍ୟକ୍ତି, ମୁଖ୍ୟମନ୍ତ୍ରୀ ବା ଅନାନ୍ୟ ରାଜନୈତିକ ଦଳର ବ୍ୟକ୍ତି ବିଶେଷଙ୍କୁ ଅତିଥି ରୂପେ ନିମନ୍ତ୍ରଣ କରାଯିବା ପାଇଁ ଆଲୋଚନା କରାଯାଇଥିଲା। ହୀରକ ଜୟନ୍ତୀ ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯିବାର ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଅନାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଗୁଡିକ ଉପରେ ଉପସ୍ଥିତ ସଭ୍ୟମାନଙ୍କର ସକରାତ୍ମକ ମନ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ସଭ୍ୟ କରୁଣାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର



ପୁରୀ୨୪।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ଭୁବନେଶ୍ୱରରେ ଅବସ୍ଥାନ କରୁଥିବା ପୁରୀ ଜିଲ୍ଲା ବୀରନରସିଂହପୁର ଗ୍ରାମର ଗ୍ରାମବାସୀମାନଙ୍କର ମିଳନୋତ୍ସବ କମିଟି ପକ୍ଷରୁ ଗତ ଜୁଲାଇ ମାସଠାରୁ ଗ୍ରାମରେ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଆସୁଅଛି। ଚଳିତ ମାସରେ ଏହା ରବିବାର ଗ୍ରାମର ଦଣ୍ଡା ମଣ୍ଡପ ଲାଇବ୍ରେରୀ ହଲରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱରରେ ଅବସ୍ଥାନ କରୁଥିବା ଗ୍ରାମର ଦୁଇ ଅଭିଜ୍ଞ ଡାକ୍ତର ଡା ସନ୍ତୋଷ କୁମାର ମିଶ୍ର, ଡା ବିରଜା ଶଙ୍କର ରଥଙ୍କ ସହିତ ଖ୍ୟାତନାମା ଅସ୍ଥି ଶଲ୍ୟ ବିଶେଷଜ୍ଞ ଡା ଲକ୍ଷ୍ମୀଧର ସାହୁ ଓ ଭୁବନେଶ୍ୱର ଏମସର କର୍କଟ ରୋଗ ବିଶେଷଜ୍ଞ ଡା ଅନ୍ତର୍ଯାମୀ ସାହୁ ଯୋଗଦେଇଥିଲେ। ଏହ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ସକାଳ ୯ଟା ଠାରୁ ଦିନ ୨ଟା ପର୍ଯ୍ୟନ୍ତ ଚାଲିଥିଲା। ଏହି ଶିବିରରେ ବୀରନରସିଂହପୁର ତଥା ଆଖପାଖ ଗ୍ରାମମାନଙ୍କରୁ ୧୫୬ ଜଣ ରୋଗୀ ଯୋଗଦେଇଥିଲେ। ଏହି ଶିବିରରେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ରକ୍ତଚାପ, ମଧୁମେହ, ଥାଇରଏଡ ଏବଂ ବୋନ ମିନେରାଲ ଡେନସିଟି ପରୀକ୍ଷଣ ନିଃଶୁଳ୍କ କରାଯାଇ ରୋଗୀମାନଙ୍କୁ ବିନାମୂଲ୍ୟରେ ଔଷଧ ବିତରଣ କରାଯାଇଥିଲା।

ଗ୍ରାମବାସୀଙ୍କ ପକ୍ଷରୁ ମୋ ଗାଁ ବୀରନରସିଂହପୁର କମିଟିର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ଜିଲ୍ଲାପାଳ କୃଷ୍ଣ ଚନ୍ଦ୍ର ମହାପାତ୍ର, ଆଇଏଏସ ଏଥିରେ ଯୋଗଦେଇ ସମସ୍ତଙ୍କୁ ସ୍ୱାଗତ କରିବା ସହ ଅତିଥି ଡାକ୍ତର ଦୁହିଁଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମୋ ଗାଁ ବୀରନରସିଂହପୁର କମିଟିର ସଭାପତି ଗିରିଜା ଶଙ୍କର ମିଶ୍ରଙ୍କ ନେତୃତ୍ୱରେ କମିଟିର ସଦସ୍ୟ ତଥା ଗ୍ରାମର ସ୍ୱେଚ୍ଛାସେବୀମାନଙ୍କର ଅକ୍ଲାନ୍ତ ପରିଶ୍ରମ ଓ ଉତ୍ସର୍ଗୀକୃତ ସେବା ମନୋବୃତ୍ତି ଯୋଗୁ ଶିବିର ସଫଳତାର ସହ ସଂପନ୍ନ ହୋଇଥିଲା। ଏହାର ସଫଳତା ପାଇଁ ଗ୍ରାମର ଜନପ୍ରିୟ ରାଜନେତା ତଥା ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ସମେତ କମିଟିର ମୁଖ୍ୟ ଉପଦେଷ୍ଟା, ଉପଦେଷ୍ଟା ତଥା ସମସ୍ତ ଗ୍ରାମବାସୀମାନେ ଡାକ୍ତରବନ୍ଧୁ, ପାରା ମେଡିକାଲ ଷ୍ଟାଫ ଓ ସ୍ୱେଚ୍ଛାସେବୀମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଛନ୍ତି।

## ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ



ବ୍ରହ୍ମପୁର୨୪।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ଅତ୍ୟାବଶକ ସମୟରେ ଓ ଜାତୀୟ ବିପର୍ଯ୍ୟୟ ସମୟରେ ସୈନ୍ୟ ବାହିନୀକୁ ସହଯୋଗ କରିବା ପାଇଁ ୧୯୪୮ ମସିହାରେ ପ୍ରଚଳିତ ହୋଇ ଆସୁଥିବା ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ସମସ୍ତ ସ୍କୁଲ କଲେଜରେ ଥିବା ଏନସିସି ଶାଖା ଦ୍ୱାରା ନଭେମ୍ବର ମାସର ଚତୁର୍ଥ ରବିବାରକୁ ଏନସିସି ଦିବସ ରୂପେ ପାଳନ କରାଯାଉଛି।

ଏହି ଅବସରରେ ଛତ୍ରପୁର ବ୍ଲକ ଅନ୍ତର୍ଗତ ଟାଙ୍ଗଣାପଲ୍ଲୀ ଶ୍ରୀନୀଳକଣ୍ଠେଶ୍ୱର ନୋଡାଲ ବିଦ୍ୟାପୀଠରେ ଉକ୍ତ ଦିବସ ପାଳନ ହୋଇଯାଇଛି। ବିଦ୍ୟାଳୟର ପ୍ରଥମ ଏନସିସି ଶିକ୍ଷକ ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ କାମରାଜ ମହାରଣା ମୁଖ୍ୟଅତିଥି ରୂପେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏନସିସି କ୍ୟାଡେଟମାନେ ଗାର୍ଡ ଅଫ ଅନର ଦ୍ୱାରା ତାଙ୍କୁ ସଭାସ୍ଥଳକୁ ପାଛୋଟି ନେଇଥିଲେ। ଆୟୋଜିତ ସଭାରେ ପ୍ରତ୍ୟେକ ଏନସିସି ଛାତ୍ର ଶୃଙ୍ଖଳିତ ହୋଇ ଏକତା ରକ୍ଷା କରି ଦେଶ ମାତୃକାର ସେବାରେ ନିଜକୁ ନିୟୋଜିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ଏନସିସି ଶାଖା ଗଠନର ଇତିହାସ ଛାତ୍ରଛାତ୍ରୀଙ୍କୁ ଅବଗତ କରେଇଥିଲେ। ଫାଷ୍ଟ ଅଫିସର ସୁଧାକର ବୋଳି ଉତ୍ସବ ପରିଚାଳନା କରିଥିଲେ ଏବଂ ବିଦ୍ୟାଳୟ ଶାଖାର କାର୍ଯ୍ୟକ୍ରମ ଉପରେ ବିବରଣୀ ରଖିଥିଲେ। ଏନସିସି କ୍ୟାଡେଟ ରାଗିଣୀ ପ୍ରଧାନ, ରାଜେଶ୍ୱରୀ ବିଷୋୟୀ, ପି. ଲଚ୍ଛେୟା ରେଡି, ଅମୃତା ମହାପାତ୍ର, ଆରୟନ ମହାରଣା, ଆଦ୍ୟାଶା ଗୌଡ଼ ନିଜ ନିଜର ବକ୍ତବ୍ୟ ରଖିଥିଲେ।

## ଆଇସିଆଇସିଆଇ ପ୍ରୁଡେନସିଆଲ ଲାଇଫ ଇନସ୍ୟୁରାନ୍ସର ଜୀବନ ବୀମା ଠକେଇ କର୍ମଶାଳା



ଭୁବନେଶ୍ୱର୨୪।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ଆଇସିଆଇସିଆଇ ପ୍ରୁଡେନସିଆଲ ଲାଇଫ ଇନସ୍ୟୁରାନ୍ସ ଓଡ଼ିଶା ସର୍କଲ ତରଫରୁ ଜୀବନ ବୀମାରେ ହେଉଥିବା ଠକେଇ ମକଦ୍ଦମାର ସଠିକ ତଦନ୍ତ ଓ ଏହା ରୋକିବାକୁ କର୍ମଶାଳା ପୁରୀର ଆରକ୍ଷୀ ଅଧକ୍ଷ ପ୍ରତୀକ ସିଂଙ୍କ ନିର୍ଦ୍ଦେଶନା ଓ ଡିଏସପି ସସ୍ମିତା ପଟେଲଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ରିର୍ଜଭ ପୋଲିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଜୀବନ ବୀମା ସଂସ୍ଥାର ଓଡ଼ିଶା ସର୍କଲ ଆସୋସିଏଟ ରିଜିଓନାଲ ମ୍ୟାନେଜର ଦୁର୍ଗା ପ୍ରସାଦ ମିଶ୍ର, ଜୀବନ ବୀମାରେ ହେଉଥିବା ଠକେଇ ତା'ର ଉପଯୁକ୍ତ ତଦନ୍ତ ଓ ନିରାକରଣ ଉପରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ଅଧିକାରୀମାନେ ବିଭିନ୍ନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଡିଏସପି ସସ୍ମିତା ପଟେଲ ଏହି କର୍ମଶାଳା ପାଇଁ ଆଇସିଆଇସିଆଇ ପ୍ରୁଡେନସିଆଲ ଲାଇଫ ଇନସ୍ୟୁରାନ୍ସର କର୍ତ୍ତୃପକ୍ଷ ଓ ତାଙ୍କର ଏରିଆ ମ୍ୟାନେଜର ଦୁର୍ଗା ପ୍ରସାଦ ମିଶ୍ରଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହାର ପରିଚାଳନା ପରିବାରେ ଅବସରପ୍ରାପ୍ତ ଆରକ୍ଷୀ ଅଧକ୍ଷ ନୀଳମୋହନ ତ୍ରିପାଠୀ ସହାୟତା କରିଥିଲେ।

## କେନ୍ଦ୍ରାପଡାରେ ଦୁର୍ବୃତ୍ତଙ୍କ ଗୁଳିକାଣ୍ଡ

କେନ୍ଦ୍ରାପଡା୨୪।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ରାତିରେ ଗରାପୁର ଅଞ୍ଚଳରେ ଦୁର୍ବୃତ୍ତଙ୍କ ଗୁଳି କାଣ୍ଡ। ପାଖ ମଦ ଦୋକାନରୁ ମଦ ପିଇ ଉନ୍ମତ୍ତ ଅବସ୍ଥାରେ ଜଣେ ଯୁବକ ନିଜ ଘର ପାଖରେ କୁକୁର ବୁଲାଉଥିବା ଜଣେ ଯୁବକଙ୍କ ଉପରକୁ ଗୁଳି ମାରିଥିଲା। ହେଲେ ଗୁଳିଟା ଯୁବକଙ୍କ ଦେହରେ ବାଜି ନଥିଲା। ଏହା ପରେ ଯୁବକ ଜଣକ ଦୁର୍ବୃତ୍ତଙ୍କୁ କାବୁ କରି ନେବା ସହିତ ବନ୍ଧୁକ ଛଡାଇ ଆଣିଥିଲେ। ହେଲେ ଦୁର୍ବୃତ୍ତ ଜଣକ ଯୁବକଙ୍କ ଉପରେ ବଳ ପ୍ରୟୋଗ କରି ବନ୍ଧୁକ ଛଡାଇ ନେଇଯିବା ସହିତ ଆହୁରି ଦୁଇ ରାଉଣ୍ଡ ଗୁଳି ମାଡ କରିଥିବା ଅଭିଯୋଗ ହୋଇଛି। ସଦରଥାନା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। କେନ୍ଦ୍ରାପଡା ଜିଲ୍ଲା ବ୍ୟାପୀ ଚୋରା ବନ୍ଧୁକ ଭରି ରହିଥିବାରୁ କଥା କଥାରେ ଗୁଳି ଫୁଟୁଥିବା ନେଇ ଓଡ଼ିଶା ଏକ୍ସପ୍ରେସରେ ଏକ ରିପୋର୍ଟ ପ୍ରକାଶ ପାଇବାର ଦିନେ ଦୁଇ ଦିନ ଭିତରେ ଏହି ଗୁଳିକାଣ୍ଡ ସତ୍ୟତାକୁ ପଦାରେ ପକାଇ ଦେଇଛି। ଘଟଣାଟି ରାତିରେ ଚର୍ଚ୍ଚାର ବିଷୟ ହୋଇଛି।

## କବିତା ପୁସ୍ତକ 'କବିତା ନିର୍ଝର' ଲୋକାର୍ପିତ



ସୋର୨୪।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ଲେଖକର ଭାବ ସହତ ପାଠକର ଆବେଗ ସମ୍ମିଶ୍ରିତ ହେଲେ କବିତା ସଫଳତା ଲାଭ ପୂର୍ବକ କାଳଜୟୀ ହୁଏ। କବିତା ବୁଝିପାରେ ଦୁଃଖର ରଙ୍ଗ, ବେଦନାର ଗନ୍ଧ, କବିତା ବି ବୁଝିପାରେ ଆନନ୍ଦରଉତ୍ସ ବୋଲି ସୋର ସଂସ୍କୃତି ଭବନଠାରେ କବି ରବୀନ୍ଦ୍ର କୁମାର ଦାସଙ୍କ ପ୍ରଥମ କବିତା ପୁସ୍ତକ 'କବିତା ନିର୍ଝର' ଲୋକାର୍ପଣ ଉତ୍ସବରରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଗାଁ ମଜଲିସ୍ ସାହିତ୍ୟ ସଂସଦର ସଭାପତି ଡ. ରମାକାନ୍ତ ବେହେରାଙ୍କ ପୌରୋହିତ୍ୟ ଅନୁଷ୍ଠିତ ଏହି ଲୋକର୍ପଣ ଉତ୍ସବକୁ ବିଶିଷ୍ଟ ଗାଳ୍ପିକ ରଜନୀକାନ୍ତ ମହାନ୍ତି ଉଦ୍‌ଘାଟନ କରି କହିଲେ ଯେ କବିଟିଏ ଚାହେଁ କାବ୍ୟମୟ ହୋଇଯାଉ କବିତା, ସମସ୍ତେ କବିତାର ଶବ୍ଦରେ କଥା ହୁଅନ୍ତୁ, ସମଗ୍ର ଦୁନିଆ ଲାଗୁ କବି କବି। ମୁଖ୍ୟଅତିଥି ଭାବେ ଗାଳ୍ପିକ ପବତ୍ର ପାଣିଗ୍ରାହୀ ଯୋଗଦେଇ କହିଥିଲେ ଯେ ଲେଖକର ଭାବ ସହିତ ପାଠକର ଆବେଗ ମିଶିଗଲେ କବିତା ସଫଳତାଲାଭ କରେ। କବିତାର ଦୁର୍ବୋଧ୍ୟତା ଓ ପାଠକର ଗ୍ରହଣୀୟତା ସଂପର୍କରେ ବିସ୍ତୃତ ଆଲୋଚନା କରି ମୁଖ୍ୟବକ୍ତା ଭାବେ କବି କିଶୋର ପାଣିଗ୍ରାହୀ କହିଲେ ଯେ ଉଚ୍ଚାଙ୍ଗ କବିତାର ସ୍ୱାଦ ଗ୍ରହଣ ପାଇଁ ପାଠକ ପ୍ରସ୍ତୁତି ନେବା ଆବଶ୍ୟକ। ସମୀକ୍ଷକ ଭାବେ ଡ. ରବୀନ୍ଦ୍ର ବିହାରୀ ପୁସ୍ତକର ସନ୍ନିବେଶିତ କବିତାଗୁଡ଼ିକର ଶୈଳୀ, ବିଷୟ ଚର୍ଯ୍ୟା ପାରମ୍ପାରିକ ହୋଇଥିଲେ ସୁଦ୍ଧା ନୂତନତ୍ୱର ବର୍ତ୍ତା ପ୍ରଦାନ କରେ ବୋଲି କହିଥିଲେ। ବରେଣ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରାଧାପକ ପଦ୍ମଲୋଚନ ଦ୍ୱିବେଦୀ, ସମ୍ମାନିତ ଅତିଥି ଭାବେ ଦାମୋଦର ଦାଶ ମହାପାତ୍ର ଏବଂ ଦେବେନ୍ଦ୍ର କୁମାର ପ୍ରଧାନ କବିଙ୍କ ଉନ୍ମୋଚିତ ପୁସ୍ତକର କବିତା ସଂପର୍କରେ ଆଲୋଚନା କରିଥିଲେ। ସଭାପତି ଡ. ବେହେରା କବି ଶ୍ରୀ ଦାସଙ୍କ ସମ୍ଭାବନାମୟ କାବ୍ୟିକ ଜୀବନର ଉତ୍ତରୋତ୍ତର କମନା କରିଥିଲେ। ଉଦ୍ଧବ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଚେମେଇ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହେଶ୍ୱର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଚନ୍ଦ୍ରମୋହନ ମହାପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ। ଦ୍ୱିତିୟ ଅଧିବେଶନ କବିତାପାଠୋତ୍ସବରେ ବିଜୟ କୁମାର ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ସଂଯୋଜନା କରିଥିଲେ ସସ୍ମିତା ରାଉତ ଓ ଡ.ରଶ୍ମିରାଣୀ ଦାସ। କବି ନବକିଶୋର ଦାସ, ସୁରେନ୍ଦ୍ରନାଥ ବାରିକ, ଭରତ ଚନ୍ଦ୍ର ଦାଶ, ଶାନ୍ତିଲତା ସେଠୀ, ଚେମେଇ ଦାସ, ମୁରଲୀଧର ପାଢ଼ୀ, ଲମ୍ବୋଦର ମିଶ୍ର, ଚକ୍ରଧର ପାଢ଼ୀ, ନିତ୍ୟାନନ୍ଦ ପାଣିଗ୍ରାହୀ, ଅଭୟ ପତ୍ରୀ, ପ୍ରତିଭା ମଞ୍ଜରୀ ଜେନା, ମହେଶ୍ୱର ପଣ୍ଡା, ପ୍ରଦୀପ କୁମାର ମହାନ୍ତି, ଭାଗ୍ୟଶ୍ରୀ ଦେ, ମହେନ୍ଦ୍ର ସାହୁ, ସଂଧାରାଣୀ ଦାସ, ଜ୍ୟୋତିରଂଜନ ଜେନା, ରାମଚନ୍ଦ୍ର ପୃଷ୍ଟି, କୃଷ୍ଣା ପ୍ରଧାନ, ବ୍ରଜକିଶୋର ପାଲ, ଅଚ୍ୟୁତ୍ କୁମାର ପଣ୍ଡା, ଉଦ୍ଧବ ଚରଣ ବିଶ୍ୱାଳ, ଓ ଦାଶରଥି ନାୟକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

## 'ନନ୍ହି ଉଡାଣ' କାର୍ଯ୍ୟକ୍ରମ




ବାଲିପାଟଣା୨୪।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ବାଲିପାଟଣା ସ୍ଥିତ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଆଇୱାଇଡବ୍ଲୁଡବ୍ଲୁ ରାଜସ୍ଥାନ ସ୍ଥିତ ଇନ୍ନୋଭେଦିକା ଫାଉଣ୍ଡେସନଙ୍କ ମିଳିତ ସହଯୋଗରେ କିଶୋର ବାଳକ ଓ ବାଳିକାଙ୍କ ବିକାଶ ନିମନ୍ତେ ନନ୍ହି ଉଡାଣ ସିଆରସି କାର୍ଯ୍ୟକ୍ରମ ଅଠାନ୍ତର ଗ୍ରାମରେ ଶୁଭାରମ୍ଭ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଦୈନିକ ପ୍ରଗତିବାଦୀର ବାଲିପାଟଣାର ପ୍ରତିନିଧି ରମେଶ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ତଥା ଶିକ୍ଷାବିତ ଅରୁଣ କୁମାର ଶତପଥୀ, ସିଆରପି ଗୀତାଞ୍ଜଳି ବେହେରା, ବ୍ୟାଙ୍କ ମିତ୍ର ଲିଜାଲିନ ବାରିକ, ୱାର୍ଡ ସଭ୍ୟା ସୁଷମା ନାୟକ ଏବଂ କବିତା ନାୟକ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ କିଶୋର କିଶୋରୀମାନଙ୍କର ମୌଳିକ ଶିକ୍ଷା, ଭୌତିକ ଶିକ୍ଷା ଓ ଭବିଷ୍ୟତ ଗଠନ ପାଇଁ ପରାମର୍ଶ ଦେଇଥିଲେ, ଉକ୍ତ କାର୍ଯ୍ୟକ୍ରମକୁ ପ୍ରକଳ୍ପ ସଂଯୋଜିକା ସାଗରିକ ଚିନରା ଓ ସମ୍ପାଦକ ଶିବପ୍ରସାଦ ପାଟଯୋଶୀ ପରିଚାଳନା କରିଥିଲେ।

## ଏକ ଭାରତ, ଆତ୍ମ ନିର୍ଭର ଭାରତର ବାର୍ତ୍ତା ନେଇ ପଦଯାତ୍ରା



ମାଲକାନଗିରି୨୪।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏକ ଭାରତ ଓ ଶ୍ରେଷ୍ଠ ଭାରତର ପ୍ରତୀକ ଥିଲେ। ରାଷ୍ଟ୍ର ଭକ୍ତ, ଜାତୀୟତାବାଦୀ ଓ ଅଖଣ୍ଡ ଭାରତ ଗଠନରେ ସର୍ଦ୍ଦାରଙ୍କ ଭୂମିକା ତାଙ୍କୁ ଚିର ଅମର କରି ରଖିଥିବ। ମାଲକାନଗିରି ଜିଲ୍ଲା ସଦର ମହକୁମା ଠାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଅନୁଷ୍ଠିତ ଏକତା ପଦଯାତ୍ରାରେ ସାମିଲ ହୋଇ ନବରଙ୍ଗପୁର ଲୋକସଭା ସାଂସଦ ବଳଭଦ୍ର ମାଝୀ ଏହା କହିଛନ୍ତି। କ୍ରୀଡା ବିଭାଗ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଏମଭି-୩ ବିଏସଏଫ୍ ପଡ଼ିଆ ଠାରୁ ଡିଏନକେ ଖେଳ ପଡିଆ ପର୍ଯ୍ୟନ୍ତ ଏକତା ପଦଯାତ୍ରା ଆୟୋଜିତ ହୋଇଥିଲା। ସାଂସଦ ବଳଭଦ୍ର ମାଝୀଙ୍କ ସହ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସପି ବିନୋଦ ପାଟିଲ ଏଚ୍, ବିଏସଏଫ୍ ଡେପୁଟି କମାଣ୍ଡାଣ୍ଟ ରବି ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ଓ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ବିଏସଏଫ୍ ପଡିଆ ଠାରେ ଉଦଘାଟନ କରିବା ସହ ପଦଯାତ୍ରାରେ ସାମିଲ ହୋଇଥିଲେ। ବିଭିନ୍ନ ବିଦ୍ୟାଳୟ, ମହା ବିଦ୍ୟାଳୟ, ଏନସିସି କ୍ୟାଡେଟ୍, ଯୁବ ସଂଗଠନର ସଦସ୍ୟ, ପୋଲିସ୍, ବିଏସଏଫ୍ ଯବାନ ଏହି ଶୋଭାଯାତ୍ରାରେ ସାମିଲ୍ ହୋଇ ବନ୍ଦେ ମାତରମ୍ ସହ ଦେଶାତ୍ମବୋଧକ ନାରା ଦେଇଥିଲେ। ଏହି ଅବସରରେ ସାଂସଦ କହିଥିଲେ ଯେ, ଏକ ସୂତ୍ରରେ ରହିଲେ ଦେଶର ବିକାଶ ଓ ଉନ୍ନତି ସମ୍ଭବ ବୋଲି ଅନୁଭବ କରି ୫୬୦ରୁ ଉର୍ଦ୍ଧ୍ୱ ରାଜରାଜୁଡା ଶାସନତନ୍ତ୍ରକୁ ଲୌହ ମାନବ ଭାରତ ବର୍ଷରେ ସାମିଲ କରିଥିଲେ। ବିଶେଷ କରି ହାଇଦ୍ରାବାଦ, ଜାମ୍ମୁ କାଶ୍ମୀର ଓ ଜୁନାଗଡ ଗଡଜାତକୁ ମିଶ୍ରଣ କରାଇବାରେ ସର୍ଦ୍ଦାର ପ୍ରମୁଖ ଭୂମିକା ନେଇଥିଲେ। ସର୍ଦ୍ଦାରଙ୍କ ବୀରତ୍ୱ, ଦେଶପ୍ରେମ ଓ ସାହସକୁ ସମ୍ମାନ ଜଣାଇ ବଲ୍ଲଭଭାଇଙ୍କୁ ଆଦର୍ଶ ମାନୁଥିବା ପ୍ରଧାନମନ୍ତ୍ରୀ ମୋଦି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଲୌହମୂର୍ତ୍ତି ପ୍ରତିଷ୍ଠା କରିଥିଲେ। ଏଥିପାଇଁ ଦେଶବ୍ୟାପି ପ୍ରତିଟି ଗ୍ରାମରୁ ଲୁହା ସଂଗୃହିତ ହୋଇଥିଲା। ଚଳିତ ବର୍ଷ ମଧ ବନ୍ଦେ ମାତରମ ସଙ୍ଗୀତର ୧୫୦ବର୍ଷ ପୂର୍ତ୍ତିକୁ ସରକାର ପାଳନ କରୁଛନ୍ତି। କାରଣ ଏହି ସଙ୍ଗୀତ ଭାରତର ଏକତା ଓ ସଂହତିର ଉଦାହରଣ। ଲୌହ ମାନବଙ୍କ ଜୀବନ ଆମକୁ ଆଦର୍ଶ, ଉନ୍ନତ ରାଷ୍ଟ୍ର ନିର୍ମାଣର ପ୍ରେରଣା ଦିଏ। ଡିଏନକେ ପଡିଆ ଠାରେ ଶୋଭାଯାତ୍ରାରେ ସମସ୍ତେ ପହଞ୍ଚିବା ପରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

## ଅଲ୍‌ଇଣ୍ଡିଆ କରାଟେ ଚାମ୍ପିଅନସିପ



ଭୁବନେଶ୍ୱର୨୪।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ଚଳିତ ମାସ ୨୨ ଓ ୨୩ ତାରିଖ ଷଷ୍ଠ ଅଲ୍‌ଇଣ୍ଡିଆ କରାଟେ ଚାମ୍ପିଅନସିପ ୨୦୨୫ ଇଣ୍ଟରନ୍ୟାସନାଲ ସିଟୋରିୟୁ କରାଟେ ଅରମା ନାଇଯେଶନ ଇଣ୍ଡିଆ ଦ୍ୱାରା ଉତ୍ତରାଖଣ୍ଡର ହ୍ରିଶିକେଶ ଠାରେ ଆୟୋଜିତ ହୋଇଯାଇଛି। ଏଥିରେ ଓଡ଼ିଶା ଆଇଏସକେଟଆଇ ତରଫରୁ ୬ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ତନ୍ମଧ୍ୟରୁ ଅନୁପ ନାୟକ, କୁମିତେ-ସ୍ୱର୍ଣ୍ଣ, କାଟା-କାଂସ୍ୟ, ବିଶ୍ୱଜୀତ ସାହୁ, କୁମିତେ-ସ୍ୱର୍ଣ୍ଣ, ଆୟୁଶ ମହାନ୍ତି-କୁମିତେ-କାଂସ୍ୟ, ତନ୍ମୟ ପାତ୍ର-କୁମିତେ-କାଂସ୍ୟ, ସାଇ ଅରମାନ୍ କୁମିତେ-କାଂସ୍ୟ, ରୁଦ୍ର ନାରାୟଣ ଭୋଳ- କୁମିତେ-କାଂସ୍ୟ ପଦକ ହାସଲ କରିଛନ୍ତି। ତାଙ୍କସହ କୋଚ୍ ଶୁଭେନ୍ଦୁ ସାମନ୍ତରାୟ, ଟିମ୍ ମ୍ୟାନେଜର ପ୍ରଭାତ ପଟ୍ଟନାୟକ ଯାତ୍ରା କରିଥିଲେ। ସିଟୋରିୟୁ କରାଟେ ଇଣ୍ଡିଆର ସଭାପତି ବିଶ୍ୱନାଥ ରାଜପୁତ୍ ପିଲାମାନଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

## ଦୁଇଦିନ ପରେ ପୁଣି ଫେରିଲା ଶୀତ

ଜି.ଉଦୟଗିରି: ଏକ୍ସପ୍ରେସ୍ ନ୍ୟୁଜ୍

ଦୁଇ ଦିନର ବ୍ୟବଧାନ ପରେ ପୁଣି ଜି.ଉଦୟଗିରିକୁ ଫେରିଛି ଶୀତ। ସୋମବାର ଜି. ଉଦୟଗିରିର ସର୍ବନିମ୍ନ ତାପମାତ୍ରା ୧୧.୩ ଡିଗ୍ରୀ ସେଲସିୟସ ରହିଛି। ଯାହାକି ରାଜ୍ୟର ସବୁଠାରୁ କମ୍ ତାପମାତ୍ରା। ସୋମବାର ଘନ କୁହୁଡ଼ି ଯୋଗୁ ଯାନବାହନ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହେଉଛି। ଏଣେ ଶୀତର ମଜା ନେବାକୁ ଆସିଥିବା ବାହାରର ପର୍ଯ୍ୟଟକମାନେ ଶୀତ କମିଯିବା ଯୋଗୁ ମନ ଦୁଃଖରେ ଥିଲେ। ସୋମବାର ଶୀତ ସାଙ୍ଗକୁ ଘନ କୁହୁଡ଼ି ସେମାନଙ୍କୁ ଅଧିକ ମଜା ଦେଇଛି। ଜି.ଉଦୟଗିରି ଓ ଆଖପାଖ ଅଞ୍ଚଳର ପର୍ଯ୍ୟଟନ ସ୍ଥଳଗୁଡ଼ିକରେ ଭିଡ଼ ଦେଖିବାକୁ ମିଳିଛି। କଳିଗାଡୁ ହିଲଟପ୍ରେ ପର୍ଯ୍ୟଟକମାନେ ସୁନ୍ଦର ପରିବେଶର ମଜା ନେଉଛନ୍ତି। ପର୍ଯ୍ୟଟନସ୍ଥଳ ହିଲଟପ୍ର ଉନ୍ନତିକରଣ ପାଇଁ ଆସିଥିବା ଟଙ୍କାର ସୁବିନିଯୋଗ କରି ଅତିଶୀଘ୍ର ହିଲଟପର ବିକାଶ କରିବା ପାଇଁ ସମାଜସେବୀ ହୃଷୀକେଶ ପ୍ରଧାନ ଦାବି କରିଛନ୍ତି।

**AFFIDAVIT**

By virtue of an Affidavit before the Court of Execitive Margistrate Bolagarh, Odisha.No-3147,dt-21.11.2025. I Chaitan Nayak, S/O-Chakradhar Nayak, At-Fasioda, Po-Tangisahi, Ps-Bolagarh, Dist-Khordha declared that my name is mentioned as Chaitan Nayak in my Aadhaar Card. But in my LIC Policy No-585545106 my name is mention as Chiranjibi Nahak, S/O-Chakradhar Nahak. Chaitan Nayak & Chiranjibi Nahak S/O Chakradhar Nayak/Chakradhar Nahak is one and same person. Hence forth I shall be known as Chaitan Nayak S/O Chakradhar Nayak for all purposes.

S/d-
Chaitan Nayak

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୨୫ ନଭେମ୍ବର ୨୦୨୫ ● ମଙ୍ଗଳବାର


## ପ୍ରଶାସନ ଅଜ୍ଞାତରେ ନିଆଳି ବାଂଲାଦେଶୀ

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ବର୍ଷେ କିମ୍ବା ଦୁଇ ବର୍ଷ ନୁହେଁ ଗୋଟିଏ ଦଶନ୍ଧିଠାରୁ ପାଞ୍ଚ ଦଶନ୍ଧି ଧରି ବାଂଲାଦେଶୀ କଟକ ଜିଲ୍ଲା ନିଆଳି ଅଞ୍ଚଳରେ ବସ୍ତି ବାନ୍ଧି ସାରିଲେଣି । ଏଭଳି ସଙ୍ଗିନ ଅଭିଯୋଗ ଆସିଥିଲେ ସୁଦ୍ଧା କଟକ ଜିଲ୍ଲା ପ୍ରଶାସନ ଓ ନିଆଳି ପ୍ରଶାସନ ପାଖରେ ଖବର ନଥିବା ସୂଚନା ମିଳିଛି । ମିଳିଥିବା ଖବର ମୁତାବକ ବାଂଲାଦେଶୀ ବଂଶଧର ଦୀର୍ଘ ବର୍ଷ ତଳୁ ଅତି ଚତୁରତାର ସହିତ ନିଆଳି ଅଞ୍ଚଳରେ ପ୍ରବେଶ କରିଥିଲେ । ଘର ଭଡା ଓ ସରକାରୀ ଜମିରେ ରହିବା ସହିତ ଫେରି ବାଲା ଓ ପ୍ଲାଷ୍ଟିକ ବ୍ୟବସାୟ ଆରମ୍ଭ କଲେ । ପରବର୍ତ୍ତୀ ସମୟରେ ନିଆଳି ଅଞ୍ଚଳରେ ଝିଅ ଓ ପୁଅ ବିବାହ କରି ନିଜର ପତିଆରା ଜାହିର କରି ସାରିଛନ୍ତି । କିନ୍ତୁ ଏ ସମ୍ପର୍କରେ ନିଆଳି ପ୍ରଶାସନ କିମ୍ବା କଟକ ଜିଲ୍ଲା ପ୍ରଶାସନ ଏବଂ ଗୁଇନ୍ଦା ବିଭାଗ ପାଖରେ ଖବରଟିଏ ନାହିଁ । ଏବେ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେବା ପରଠାରୁ ନିଆଳି ଅଞ୍ଚଳରେ ଥିବା ବାଂଲାଦେଶୀଙ୍କ ମନରେ ଛନକା ପଶିଛି । କିଛି ବାଂଲାଦେଶୀ ଆତ୍ମଗୋପନ କରିଥିବା ବେଳେ ଆଉ କିଛି ଭଡା ଘରେ ରହୁଛନ୍ତି । ଏମିତି କି ଦୀର୍ଘ ବର୍ଷ ତଳୁ ଆଧାର, ଭୋଟ ପରିଚୟପତ୍ର, ରାସନ କାର୍ଡ ବିଶେଷ କରି କିଛି ବାଂଲାଦେଶୀ ଜମି ମଧ୍ୟ କ୍ରୟ କରି ନିଜର ପତିଆରା ଜାହିର ଆରମ୍ଭ କରିଛନ୍ତି । ବାଂଲାଦେଶୀ ବଂଶ ବୃଦ୍ଧି କରିବା ସହିତ ନିଜର ପତିଆରା ଜାହିର କରି ସାରିଛନ୍ତି । କିନ୍ତୁ ପ୍ରଶାସନ ଚୁପ । କେଉଁ ସବୁ ବାଂଲାଦେଶୀ ବଂଶଧର ନିଆଳି ଓ ଆଖପାଖ ଅଞ୍ଚଳରେ ରହି କେଉଁ ସମ୍ପ୍ରଦାୟର ଝିଅକୁ ବୋହୂ କରିଛନ୍ତି, ନିଜ ଝିଅକୁ କେଉଁ ବଂଶଧରକୁ ବିବାହ କରିଛନ୍ତି ଏହାର ହିସାବ କାହା ପାଖରେ ନାହିଁ । ନିଆଳି ପ୍ରଶାସନ କଥା ଛାଡ଼ନ୍ତୁ ରାଜ୍ୟ ଗୁଇନ୍ଦା ବିଭାଗ ପୂର୍ବ ପୁରୁଷ କାଗଜପତ୍ର ଯାଞ୍ଚ ଆରମ୍ଭ ସହିତ କାହା ଘରେ ଭଡ଼ାରେ ରହୁଛନ୍ତି ଓ କେଉ ଯାଗାରେ ଛପିଛନ୍ତି ଏହାର ଖୋଳତାଡ଼ ଆରମ୍ଭ କଲେ ଅନେକ ବାଂଲାଦେଶୀ ଚିହ୍ନଟ ହୋଇ ପାରନ୍ତେ ବୋଲି ସାଧାରଣରେ ଆଲୋଚନା ହେଉଛି ।

## ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ଶତବାର୍ଷିକୀ କମିଟି ତରଫରୁ ଶିକ୍ଷକ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା



**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ଶତବାର୍ଷିକୀ ସମାରୋହ ଅତି ସଫଳତାର ସହ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଓ ସମସ୍ତ କର୍ମଚାରୀମାନଙ୍କ ଅକ୍ଳାନ୍ତ ପରିଶ୍ରମରେ ଶେଷ ହୋଇଛି । ସେଥିପାଇଁ ଶତବାର୍ଷିକୀ ସମାରୋହ କମିଟି ତରଫରୁ ସଭାପତି ଭବାନୀ ପଣ୍ଡିତ, ସଂଯୋଜକ ନୀଳମୋହନ ତ୍ରିପାଠୀ, ଉପସଭାପତି କୃତିବାସ ପଣ୍ଡା, ବରିଷ୍ଠ ସଭ୍ୟ ମାୟାଧର ନନ୍ଦ, ଓ ପଟେଲ୍ ନୀଳମାଧବ ମିଶ୍ର ସ୍କୁଲର ସମସ୍ତ ୩୫ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀମାନଙ୍କୁ ସ୍ମାରକୀ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ଦାସ, ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଓ ସୁବ୍ରତ କୁମାର ଖଟୁଆ, କର୍ମଚାରୀ ମନୋଜ କୁମାର ମହାନ୍ତି ଓ ଅନ୍ୟମାନେ ସ୍କୁଲର ପୂର୍ବତନ ଛାତ୍ରମାନଙ୍କୁ ସେମାନଙ୍କର ଅବଦାନ ପାଇଁ ଧନ୍ୟବାଦ ଦେଇ ସ୍କୁଲର ଉନ୍ନତିରେ ସାହାଯ୍ୟ ଓ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ସଂଯୋଜକ ଶ୍ରୀ ତ୍ରିପାଠୀ ସ୍କୁଲର ଉନ୍ନତି ପାଇଁ ପୂରାତନ ଛାତ୍ରଛାତ୍ରୀମାନେ ସହଯୋଗ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ ।

## ବାଙ୍କୀ କଲେଜରେ ଏନ୍‌ସିସି ଦିବସ



**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ବର୍ଷ ୭୮ତମ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଦିବସ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଉପଖଣ୍ଡସ୍ତରୀୟ ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରୁଷ ଓ ମହିଳା ଏନ୍.ସି.ସି, ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ଆକାଶ ବାହିନୀ ଓ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ମହିଳା ଏନ୍.ସି.ସି କ୍ୟାଡେଟ୍‌ମାନେ ଯୋଗଦାନ କରିଥିଲେ । ଜାତୀୟ ସମରଶିକ୍ଷାର୍ଥୀ ବାହିନୀର ଦିବସକୁ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା ଉଦ୍‌ଘାଟନ କରିବା ସହିତ ପତାକା ଉତ୍ତୋଳନ କରି ଏନ୍.ସି.ସି ଦିବସର ଗୁରୁତ୍ୱ ସଂପର୍କରେ ଆଲୋକପାତ କରିଥିଲେ । ବାଙ୍କୀ କଲେଜ ପୁରୁଷ ଏନ୍.ସି.ସି ଅଧିକାରୀ ଅଧ୍ୟାପକ ନରେଶ ବେହେରା, ମହିଳା ଏନ୍.ସି.ସି ଅଧିକାରିଣୀ ଅଧ୍ୟାପିକା ସାଗରିକା ଦାସ, ଚର୍ଚ୍ଚିକା ବାଳିକା ଉଚ୍ଚବିଦ୍ୟାଳୟର ଏନ୍.ସି.ସି ଅଧିକାରିଣୀ ଜୟନ୍ତୀ ଗୋଚ୍ଛି ଓ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ଆକାଶ ବାହିନୀର ଅଧିକାରୀ ସୁବ୍ରତ ଖଟୁଆ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ପ୍ରାଧ୍ୟାପିକା ଗାୟତ୍ରୀ ନାୟକ, ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ପ୍ରଶାସନିକ ଅଧିକାରୀ ଡକ୍ଟର ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ପୂର୍ବତନ ମହିଳା ଏନ୍.ସି.ସି ଅଧିକାରିଣୀ ମେଜର ଡକ୍ଟର ସନ୍ଧ୍ୟାରାଣୀ ମହାନ୍ତି, ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠର ପୂର୍ବତନ ଏନ୍.ସି.ସି ଅଧିକାରୀ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ଡକ୍ଟର ଶ୍ରୀକାନ୍ତ ଦାସ, ଅଧ୍ୟାପକ ଯୋଗୀନାଥ ମଲ୍ଲିକ ଓ ଅଧ୍ୟାପକ ଯୁଗଳକିଶୋର ମଣ୍ଡଳ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଏନ୍.ସି.ସି. କ୍ୟାଡେଟ୍‌ମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏନ୍.ସି.ସି ପୁରୁଷ ଅଧିକାରୀ ଅଧ୍ୟାପକ ନରେଶ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇଜଣଙ୍କୁ ଆକ୍ରମଣ

**ବ୍ରହ୍ମପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଛତ୍ରପୁର ଥାନା ଅନ୍ତର୍ଗତ ଗୋଲାପଲ୍ଲୀ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ଜଣଙ୍କୁ ଆକ୍ରମଣ ହୋଇଛି । ଆକ୍ରମଣରେ ଆହତ ହୋଇଥିବା ୨ ଜଣ ଗୋଲାପଲ୍ଲୀ ଗ୍ରାମର କେ. ଲାଛିକା ପାତ୍ର ଓ କେ. ରୁରାତ ପାତ୍ର । ଉଭୟ ସଂପର୍କୀୟ ଦାଦା-ପୁତୁରା ବୋଲି ଜଣାପଡିଛି । ଗୁରୁତର ଅବସ୍ଥାରେ ଛତ୍ରପୁର ମେଡିକାଲରେ ସେମାନଙ୍କୁ ଭର୍ତ୍ତି କରାଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି । ଘଟଣା ସ୍ଥଳରେ ଛତ୍ରପୁର ପୁଲିସର ତଦନ୍ତ ଜାରି ରହିଛି । କିଛିଦିନ ହେବ ଦୁଇ ଗୋଷ୍ଠୀ ମଧ୍ୟରେ ବାଦ ବିବାଦ ଲାଗି ରହିଆସୁଥିଲା । ଆଜି ସକାଳୁ ଦାଦା ଓ ପୁତୁରା ଛେଳି ଚରାଇବା ପାଇଁ ପାହାଡ଼କୁ ଯାଇଥିବା ବେଳେ ଅନ୍ୟ ଏକ ଗୋଷ୍ଠୀର କିଛି ଜଣ ଆସି ଗୋଲା କାତି ଓ ହାମାର ଯୋଗେ ଆକ୍ରମଣ କରିଥିଲେ । ଗୁରୁତର ଅବସ୍ଥାରେ ସମ୍ପର୍କୀୟମାନେ ଛତ୍ରପୁର ମେଡିକାଲ ଆଣିଥିଲେ । ଘଟଣାର ଖବର ପାଇ ଛତ୍ରପୁର ଏସଡିପିଓ ଏବଂ ଥାନା ଅଧିକାରୀ ପହଂଚି ତଦନ୍ତ କରୁଥିବା ବେଳେ ଅଭିଯୁକ୍ତମାନେ ଫେରାର ରହିଛନ୍ତି । କିଛି ଦିନ ତଳେ ଉଭୟ ଗୋଷ୍ଠୀ ମଧ୍ୟରେ ମଧ୍ୟ ମାରପିଟ ହୋଇଥିବା ବେଳେ ଛତ୍ରପୁର ଥାନାରେ ମାମଲା ରୁଜୁ ହୋଇଥିଲା । ଆହତମାନଙ୍କୁ ଦେଖିବା ପାଇଁ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଛତ୍ରପୁର ଡାକ୍ତରଖାନାରେ ପହଞ୍ଚିଥିଲେ । ଖବର ଲେଖା ହେଲା ମଧ୍ୟରେ ଥାନାରେ ମାମଲା କିଏ ଦେଇ ନଥିବା ସୂଚନା ମିଳିଛି ।

## ସୋଆରେ ଇନ୍‌ଟରନ୍ୟାସ୍‌ନାଲ ଏକ୍ସଟେନ୍‌ସନ୍ ଏଜୁକେସନ୍ କଂଗ୍ରେସ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଡିଜିଟାଲ୍ ଦୃଶ୍ୟପଟ୍ଟରେ ସାମାଜିକ ପରିବେଶ ପୁନଃଚିନ୍ତନ ବର୍ତ୍ତମାନ ପରିସ୍ଥିତିରେ ମଣିଷ ସମାଜ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇଯାଇଛି । ବୈଷୟିକ ଜ୍ଞାନ କୌଶଳ କିଭଳି ଭାବରେ ଆମ ସମ୍ପର୍କକୁ ପରିବେଶ ସହ ଅଫଲାଇନ୍ ଏବଂ ଅନ୍‌ଲାଇନ୍‌ରେ ଯୋଡ଼ିବାରେ ଲାଗିଛି ସେହି ପ୍ରସଙ୍ଗକୁ ନେଇ ବିଶେଷଜ୍ଞମାନେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି ।

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟ, ସୋସାଇଟି ଅଫ୍ ଏକ୍ସଟେନ୍‌ସନ୍ ଏଜୁକେସନ୍, ଆଗ୍ରା ଏବଂ ସେଂଟ୍ରାଲ୍ ୟୁନିଭର୍ସିଟି ଅଫ୍ ଓଡ଼ିଶା, କୋରାପୁଟର ମିଳିତ ସହଭାଗିତାରେ ଦ୍ୱିତୀୟ ଇନଟରନ୍ୟାସ୍‌ନାଲ ଏକ୍ସଟେନ୍‌ସନ୍ ଏଜୁକେସନ୍ କଂଗ୍ରେସ ୨୦୨୫ର ଶୁଭାରମ୍ଭ ହୋଇଛି । ସୋଆର କ୍ୟାମ୍ପସ – ୪ ସ୍ଥିତ କୃଷି ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି ତିନି ଦିନିଆ କାର୍ଯ୍ୟକ୍ରମର ପ୍ରସଙ୍ଗ ରହିଛି 'ରିଥିଙ୍କିଙ୍ଗ ସୋସିଆଲ୍ ଇକୋଲଜି ଇନ୍ ଏ ଡିଜିଟାଲ୍ ଲ୍ୟାଣ୍ଡସ୍କେପ୍' ଅର୍ଥାତ ଡିଜିଟାଲ୍ ଦୃଶ୍ୟପଟ୍ଟରେ ସାମାଜିକ ପରିବେଶର ପୁନଃଚିନ୍ତନ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏଭଳି କାର୍ଯ୍ୟକ୍ରମ ସୋଆର ଗବେଷକ, ଛାତ୍ରଛାତ୍ରୀ ଏବଂ କୃଷି କ୍ଷେତ୍ରରେ ଗବେଷଣା କରୁଥିବା ବ୍ୟକ୍ତିମାନଙ୍କ ପାଇଁ ସହାୟକ ହେବ ବୋଲି କହିଥିଲେ ।



କାର୍ଯ୍ୟକ୍ରମରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ୍ ସାଇନ୍‌ସେସ୍ (ଆଇଏଏସ୍)ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଇଣ୍ଡିଆନ୍ ରିସର୍ଚ୍ଚ ଜର୍ଣ୍ଣାଲ୍ ଅଫ୍ ଏକ୍ସଟେନ୍‌ସନ୍ ଏଜୁକେସନ୍‌ର (ଆଇଆରଜେଇଇ) ୨୫ ବର୍ଷ ପୂର୍ତ୍ତି ଅବସରରେ ଲୋଗୋ ଉନ୍ମୋଚନ କରାଯାଇଥିଲା ।

ଏହି ଅବସରରେ ସୋସାଇଟି ଅଫ୍ ଏକ୍ସଟେନ୍‌ସନ୍ ଏଜୁକେସନ୍, ଆଗ୍ରାର ସାଧାରଣ ସମ୍ପାଦକ ପ୍ରଫେସର ଜୀତେନ୍ଦ୍ର କୁମାର ଚୌହ୍ୱାନ୍, ଏସ୍‌ଇଇଏ ଏବଂ ଆଇଆର୍‌ଜେଇଇର ସଫଳତା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗସ୍ଥିତ ଉତ୍ତର ବଂଗ କୃଷି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦେବବ୍ରତ ବସୁ, ଜିବି ପନ୍ତ ୟୁନିଭର୍ସିଟି ଅଫ୍ ଏଗ୍ରିକଲଚର ଆଣ୍ଡ ଟେକ୍ନୋଲଜିର କୁଳପତି ପ୍ରଫେସର ଏମ୍. ଏସ୍ ଚୌହ୍ୱାନ୍, କୋରାପୁଟ ସ୍ଥିତ ସେଂଟ୍ରାଲ୍ ୟୁନିଭର୍ସିଟି ଅଫ ଓଡ଼ିଶାର କୁଳପତି ପ୍ରଫେସର ଏନ୍.ସି ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଜଳବାୟୁ ପରିବର୍ତ୍ତନ, ମଣିଷ ଓ କୃଷି ଉପରେ ଏହାର ପ୍ରଭାବ ଏବଂ ଅତ୍ୟାଧୁନିକ ଜ୍ଞାନ କୌଶଳର ଯୁଗରେ ସାମାଜିକ ଗଣମାଧ୍ୟମ ସହ ଖାପ ଖୁଆଇ ମଣିଷ କିଭଳି ଗତି କରୁଛି ସେ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ ।

ସୋସାଇଟି ଅଫ୍ ଏକ୍ସଟେନସନ୍ ଏଜୁକେସନ୍‌ର ସଭାପତି ତଥା ସେଂଟ୍ରାଲ୍ ଏଗ୍ରିକଲଚରାଲ ୟୁନିଭର୍ସିଟି (ସିଏୟୁ), ଇମ୍ଫାଲ୍‌ର ପୂର୍ବତନ କୁଳପତି ପ୍ରଫେସର ଏମ୍. ପ୍ରେମଜିତ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଏୟୁର କୁଳପତି ପ୍ରଫେସର ଅନୁପମ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ବିଷୟବସ୍ତୁକୁ ନେଇ ସୃଷ୍ଟି ହୋଇଥିବା ଆହ୍ୱାନ୍ ଓ ସୁଯୋଗ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଅନ୍‌ଲାଇନ୍‌ରେ ଯୋଡ଼ି ହୋଇଥିବା ମଣିଷ କିଭଳି ଅଫ୍‌ଲାଇନ୍‌ରେ ଉପୁଜୁଥିବା ପରିବେଶ ଜନିତ ସମସ୍ୟାର ସମାଧାନ କରିପାରିବ ସେ ନେଇ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଆଇଇଇସି ୨୦୨୫ର ଅର୍ଗାନାଇଜିଂ ସେକ୍ରେଟାରୀ କୌଶିକ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ୩- ଦିନିଆ କାର୍ଯ୍ୟକ୍ରମର କାର୍ଯ୍ୟକାରୀ କମିଟିର ଅଧ୍ୟକ୍ଷ ସୋଆ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଥିବା ବେଳେ ସହ ଅଧ୍ୟକ୍ଷ ଭାବେ ପ୍ରଫେସର ବିବୁଧ ପରାଶର ଏବଂ ଅର୍ଗାନାଇଜିଂ ସେକ୍ରେଟାରୀ ଭାବେ ଆସୋସିଏଟ୍ ପ୍ରଫେସର ଡକ୍ଟର ଅଂଶୁମାନ ଜେନା ଦାୟିତ୍ୱ ନିର୍ବାହ କରୁଛନ୍ତି ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅବସରରେ ସୋଆ କୁଳପତି ପ୍ରଦୀପ୍ତ କୁମାର ନନ୍ଦ, ସେଂଟ୍ରାଲ୍ ୟୁନିଭର୍ସିଟି ଅଫ୍ ଓଡ଼ିଶା, କୋରାପୁଟର କୁଳପତି ପ୍ରଫେସର ଏନ୍.ସି. ପଣ୍ଡା, ଜିବି ପନ୍ତ ୟୁନିଭର୍ସିଟି ଅଫ୍ ଏଗ୍ରିକଲଚର ଆଣ୍ଡ ଟେକ୍ନୋଲଜିର କୁଳପତି ପ୍ରଫେସର ଏମ୍. ଏସ୍. ଚୌହ୍ୱାନ୍, ସିଏୟୁ ଇମ୍ଫାଲ୍‌ର କୁଳପତି ପ୍ରଫେସର ଅନୁପମ ମିଶ୍ର, ଉତ୍ତର ପ୍ରଦେଶ ମଥୁରା ସ୍ଥିତ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ଏମ୍.ବି ଛେତ୍ରି, କର୍ଣ୍ଣାଟକ ସ୍ଥିତ ରାୟଚୁର ସ୍ଥିତ ୟୁଏଏସ୍ ର ପୂର୍ବତନ କୁଳପତି ପ୍ରଫେସର ଏସ୍.କେ. ମେଟି, କେରଳ ସ୍ଥିତ କାୟାମକୁଲମର କ୍ରିଷ୍ଣାପୁରମ୍ ସ୍ଥିତ ଆଇସିଏଆର୍ ସିପିସିଆରଆଇ ରିଜିଓନାଲ ଷ୍ଟେସନ୍‌ର ପ୍ରିନ୍ସିପାଲ୍ ସାଇନ୍‌ଟିଷ୍ଟ ଡକ୍ଟର ଅନୀଥାକୁମାରୀ ପି. ଙ୍କୁ ଲାଇଫ୍ ଟାଇମ୍ ଆଚିଭମେଂଟ ଆୱାର୍ଡରେ ସମ୍ମାନିତ କରାଯାଇଥିବା ବେଳେ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତଙ୍କୁ ଏସଇଇ ଫେଲୋ ଆୱାର୍ଡରେ ସମ୍ମାନିତ କରାଯାଇଛି ।

## ଅସାଧାରଣ ସତର୍କତା ଓ ଅବଦାନ ପାଇଁ ୪ ରେଳ କର୍ମଚାରୀ ସମ୍ମାନିତ



**ଖୋର୍ଦ୍ଧା ରୋଡ୍:ଏକ୍ସପ୍ରେସ୍ ନ୍ୟୁଜ୍**

ପରିଚାଳନାଗତ ଉତ୍କର୍ଷତାକୁ ସ୍ୱୀକୃତି ଦେବା ପାଇଁ ଏକ ପ୍ରଶଂସନୀୟ ପଦକ୍ଷେପ ସ୍ୱରୂପ, ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ଡିଭିଜନର ରେଳମଣ୍ଡଳର ଅତିରିକ୍ତ ଡିଭିଜନାଲ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି.କେ. ବେହେରା ଏବଂ ଅତିରିକ୍ତ ଡିଭିଜନାଲ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ସୁଭ୍ରଜ୍ୟୋତି ମଣ୍ଡଳ ଚାରି ଜଣ ରେଳ କର୍ମଚାରୀ- ବ୍ରହ୍ମପୁରର ଟ୍ରାକ୍ ରକ୍ଷଣାବେକ୍ଷଣକାରୀ/୩ ଏସ. ଶିବା ଏବଂ ବିନୋଦ ଘଡେଇ; ନୀଳକଣ୍ଠେଶ୍ୱର ଷ୍ଟେସନର ଟ୍ରେନ ପଏଣ୍ଟସମ୍ୟାନ୍ ଲକ୍ଷ୍ମୀକାନ୍ତ ବେହେରା ଏବଂ ମେମୁ ସେଡ୍ / ଖୋର୍ଦ୍ଧା ରୋଡ୍‌ର ଟେକ୍ନିସିଆନ୍-୧ ହିରେନ କୁମାର ସିଂଙ୍କୁ ସେମାନଙ୍କର ଅସାଧାରଣ ସତର୍କତା ଏବଂ ସମୟୋଚିତ କାର୍ଯ୍ୟ ଦକ୍ଷତା ପାଇଁ ସମ୍ମାନିତ କରିଛନ୍ତି ଯାହା ସୁରକ୍ଷିତ ଏବଂ ଦକ୍ଷ ଟ୍ରେନ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଉଭୟ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ବେହେରା ଏବଂ ଶ୍ରୀ ମଣ୍ଡଳ ରେଳ ସୁରକ୍ଷା ସୁନିଶ୍ଚିତ କରିବାରେ ଟ୍ରାକ୍ ରକ୍ଷଣାବେକ୍ଷଣକାରୀ, ଲୋକୋ ପାଇଲଟ୍, ଟେକ୍ନିସିଆନ୍ ଏବଂ ଷ୍ଟେସନ ଅପରେଟରଙ୍କ ସମେତ ଫ୍ରଣ୍ଟଲାଇନ୍ କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିବା ସହିତ ସେମାନଙ୍କର ପ୍ରତିବଦ୍ଧତାର ପ୍ରଶଂସା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିବା ବେଳେ ବରିଷ୍ଠ ମଣ୍ଡଳ ସୁରକ୍ଷା ଅଧିକାରୀ ନମୋନାରାୟଣ ମୀନା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ନୂଆପଡା ବିଜୟ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା



**କେନ୍ଦୁଝର:ଏକ୍ସପ୍ରେସ୍ ନ୍ୟୁଜ୍**

ମୁଖ୍ୟମନ୍ତ୍ରୀ ରବିବାର ଦିନିକିଆ କେନ୍ଦୁଝର ଗସ୍ତରେ ଆସିଥିବା ବେଳେ କେନ୍ଦୁଝରବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଜିଲ୍ଲାର ବିଭିନ୍ନ ସାମାଜିକ ସଙ୍ଗଠନର ପ୍ରତିନିଧି, ଦଳୀୟ ନେତା ଓ କାର୍ଯ୍ୟକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡା. ଫକୀରମୋହନ ନାଏକ, କେନ୍ଦୁଝରଗଡ଼ ପୌରପାଳିକା ଅଧକ୍ଷା ନିକୁ ସାହୁଙ୍କ ସମେତ ଅନ୍ୟ ନେତୃତ୍ୱମାନେ ମଞ୍ଚରେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସଂଯୋଜନା ପୂର୍ବତନ ନଗର ମଣ୍ଡଳ ସଭାପତି ବିଶ୍ୱଜିତ ତ୍ରିପାଠୀ କରିଥିବା ବେଳେ ବିଜେପି ପ୍ରବକ୍ତା ବିରଜା ମିଶ୍ର ମଞ୍ଚ ପରିଚାଳନା କରିଥିଲେ ।

## ବିଦେଶରେ ଇସ୍କନ ତରଫରୁ ଅଦିନିଆ ରଥଯାତ୍ରା ଶ୍ରୀଜଗନ୍ନାଥ ସଂସ୍କୃତିର ଅବମାନନା

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ବିଭିନ୍ନ ଦେଶରେ ଇସ୍କନ ତରଫରୁ ଅଦିନିଆ ରଥଯାତ୍ରା କରାଯାଉଥିବାରୁ ବିଶ୍ୱର ଅଗଣିତ ଜଗନ୍ନାଥପ୍ରେମୀ ମର୍ମାହତ ହେଉଛନ୍ତି । ନିକଟରେ ନାଇଜେରିଆର ୱାରୀ ସହରରେ ନଭେମ୍ବର ୨୨ ତାରିଖ ଦିନ ରଥଯାତ୍ରା ପାଳନ କରାଯାଇଛି । ଏହି ରଥଯାତ୍ରା ସଂପର୍କରେ ସେଠାରେ ପୂର୍ବରୁ ଇସ୍କନ ତରଫରୁ ବହୁଳ ଭାବରେ ପ୍ରଚାର କରାଯାଇଥିଲା । ଏହାର ପ୍ରତିବାଦ କରି ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲ୍ଡୱାଇଡ୍ ଅନୁଷ୍ଠାନ ତରଫରୁ ନାଇଜେରିଆର ଲାଗୋସ ସହରରେ ଗତ ୧୬ ତାରିଖ ଦିନ ଇସ୍କନର ପଶ୍ଚିମ ଆଫ୍ରିକା ମୁଖ୍ୟ ପ୍ରଭୁ ମହାରାଜଙ୍କୁ ଏକ ଅନୁରୋଧ ପତ୍ର ପ୍ରଦାନ କରାଯାଇଥିଲା । ତାହା ସହିତ ଗଜପତି ମହାରାଜାଙ୍କ ପ୍ରେରିତ ପୁଷ୍ପ ପୁରାଣର ଉଦାହରଣଯୁକ୍ତ ପତ୍ରର କପି, ପୁରୀ ଶ୍ରୀମନ୍ଦିର ପଣ୍ଡିତଙ୍କ ପ୍ରମାଣ ଓ ଯୁକ୍ତି ମଧ୍ୟ ପ୍ରଦାନ କରାଯାଇଥିଲା । ନଭେମ୍ବର ୨୨ର ରଥଯାତ୍ରାକୁ ବନ୍ଦ କରିବା ପାଇଁ ତାଙ୍କୁ ବିଶେଷ ଅନୁରୋଧ କରାଯାଇଥିଲା । ଏ ସଂପର୍କରେ 'ଇସ୍କନ ଗଭର୍ଣ୍ଣ ବଡି କମିସନ' ମାୟାପୁର ସହିତ କଥାହେବା ପାଇଁ ଇସ୍କନ ପଶ୍ଚିମ ଆଫ୍ରିକାର ମୁଖ୍ୟ ପ୍ରତିଶୃତି ଦେଇଥିଲେ । କିନ୍ତୁ ସେମାନେ ପୂର୍ବ ପ୍ରଚାରିତ ୨୨ ତାରିଖ ଦିନ ରଥଯାତ୍ରା କରିଥିଲେ ।

ଗତ ଅକ୍ଟୋବର ମାସରେ ଶ୍ରୀମନ୍ଦିର ପ୍ରଶାସନର ଚିଠିର ଉତ୍ତରରେ ମାୟାପୁର ସ୍ଥିତ ଇସ୍କନର ମୁଖ୍ୟ କାର୍ଯ୍ୟାଳୟ କହିଥିଲେ ଯେ ଭାରତ ଭିତରେ ତିଥି ଅନୁସାରେ ସ୍ନାନଯାତ୍ରା ଓ ରଥଯାତ୍ରା କରାଯିବ । ବିଦେଶରେ କେବଳ ସ୍ନାନଯାତ୍ରା ତିଥି ଅନୁସାରେ କରାଯିବ ମାତ୍ର ରଥଯାତ୍ରାକୁ ତିଥି ଅନୁସାରେ କରିବା ଆଦୌ ସମ୍ଭବ ନୁହେଁ ବୋଲି ସେମାନେ ଜଣାଇ ଦେଇଥିଲେ । ଶାସ୍ତ୍ର ଅନୁଯାୟୀ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ରଥଯାତ୍ରା କରାଯିବା ବିଧି ସମ୍ମତ । କିନ୍ତୁ ବିଦେଶରେ ଇସ୍କନ ଏହାକୁ ମାନିବାକୁ ପ୍ରସ୍ତୁତ ନୁହେଁ । ଯାହାଦ୍ୱାରା ଶ୍ରୀଜଗନ୍ନାଥ ସଂସ୍କୃତିର ଅବମାନନା ହେଉଛି ବୋଲି ଧରାଯିବ ।

ଆହୁରି ମଧ୍ୟ ଖବର ମିଳିଛି ଯେ ତାଇୱାନ ଦେଶର ରାଜଧାନୀ ତାଇପେଇ ସହରରେ ନଭେମ୍ବର ୨୩ ତାରିଖରେ ରଥଯାତ୍ରା କରାଯାଇଛି । ରଥଯାତ୍ରା ଏକ ମନୋରଞ୍ଜନ କାର୍ଯ୍ୟକ୍ରମ ନୁହେଁ । ଏଣୁ ଇସ୍କନର ଏହି ମନମୁଖୀ କାର୍ଯ୍ୟକଳାପ ସଂପର୍କରେ ସାରା ବିଶ୍ୱରେ ଥିବା ଜଗନ୍ନାଥ ପ୍ରେମୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହିତ ପ୍ରତିବାଦର ସ୍ୱର ଉଠାଇବାର ସମୟ ଆସିଛି । ଦେଶବିଦେଶରେ ଥିବା ସବୁ ଆଧ୍ୟାତ୍ମିକ ଅନୁଷ୍ଠାନ ତରଫରୁ ଇସ୍କନର ମୁଖ୍ୟ କାର୍ଯ୍ୟାଳୟକୁ ପ୍ରତିବାଦ ପତ୍ର ପଠାଇବା ନିହାତି ଜରୁରୀ । ଏ ସଂପର୍କରେ ବିଭିନ୍ନ ସ୍ତରରେ ଆଲୋଚନା ହେଉଥିଲେ ମଧ୍ୟ ସଂଗଠିତ ରୂପେ ଏହାର ବିରୋଧ କଲେ ହିଁ ଇସ୍କନର ଏହି ଅଦିନିଆ ରଥଯାତ୍ରାକୁ ବନ୍ଦ କରାଯାଇପାରିବ ବୋଲି ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲ୍ଡୱାଇଡ୍ ଅନୁଷ୍ଠାନ ତରଫରୁ କୁହାଯାଇଛି ।

## ବଲାଙ୍ଗିର ଲୋକ ଉତ୍ସବ ବିଳମ୍ବ ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**ବଲାଙ୍ଗିର:ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗିର କଳା ସଂସ୍କୃତିର କେନ୍ଦ୍ର ସ୍ଥଳି ବେଶ୍ ପରିଚିତ । ଏହି ସହରରୁ ଏବଂ ଗ୍ରାମରୁ କେତେ ଯେ କଳାକାର ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ନାମ କମାଇଥିବା ବେଳେ ବିଭିନ୍ନ ଜିଲ୍ଲା ଏବେ ଧୁମଧାମରେ ଉତ୍ସବ ପାଳନ ହେଉଥିବା ବେଳେ ରାଜ୍ୟ ସରକାର ଏବଂ ଓଡିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ୨୦୨୫-୨୬ ବର୍ଷ ବିଭିନ୍ନ ଜିଲ୍ଲା ଉତ୍ସବ ପାଇଁ ଅନୁଦାନ ଆସିଥିବା ବେଳେ ଆଖପାଖ ପଡୋଶି ଜିଲ୍ଲା ଉତ୍ସବ ଆୟୋଜିତ ହେଉଥିବା ବେଳେ କାହିଁକି ଏ ବର୍ଷ ବଲାଙ୍ଗିର ଲୋକମହୋତ୍ସବ ବିଳମ୍ବ ହେଲା କଳାକାର ଓ ବୁଦ୍ଧିଜିବି ବଲାଙ୍ଗିର ରେ ବେଶ୍ ଆଲୋଚନା ହେଉଛି । ପ୍ରତି ବର୍ଷ ଜିଲ୍ଲା ପ୍ରଶାସନ ପ୍ରଥମ କରି ୧୯୯୯ ମସିହାରୁ ନଭେମ୍ବର ପହେଲା ସପ୍ତାହରୁ ମହୋତ୍ସବ ଆୟୋଜିତ ହେଉଥିଲା ଐତିହାସିକ କଳା ମଣ୍ଡପ ପଡିଆରେ । ଏହି ଉତ୍ସବ ପାଇଁ ଗ୍ରାମ କଳାକାର, ବ୍ୟବସାୟି ଲୋକେ ରହିଁ ବସିଥାନ୍ତି । କିଛି ବର୍ଷ ହେବ ଜାନୁୟାରୀ ମାସରେ ଆୟୋଜନ ହେଉଛି । ଏ ବର୍ଷ ବିଳମ୍ବ ହେବା ସମ୍ଭାବନା ଥିବା ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ମୁଖ୍ୟମନ୍ତ୍ରୀ ଓ ସାଂସ୍କୃତିକ ମନ୍ତ୍ରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରାଙ୍କ ଜରିଆରେ ଏକ ତିନି ଜଣିଆ କମିଟିର ସଦସ୍ୟ ଯାଇ ମହୋତ୍ସବ ଆୟୋଜନ ପାଇଁ ଦାବି ପତ୍ର ଦେଇଛନ୍ତି । ଆଗକୁ ବିଭିନ୍ନ କଲେଜ ଏବଂ ସ୍କୁଲର ପରୀକ୍ଷା ହେଉଥିବାରୁ ଉତ୍ସବଟି ବାଧା ସୃଷ୍ଟି ହେବ ତେଣୁ ମହୋତ୍ସବ ଶିଘ୍ର ଆୟୋଜନ ପାଇଁ ଦାବି ଜଣାଇଛନ୍ତି । ଦେବାଳୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଶମ୍ଭୁ ପ୍ରସାଦ ଶତପଥି, ପ୍ରଶାନ୍ତ ମହାକୁର ଓ କମିଟିର ସଦସ୍ୟ ଦାବିପତ୍ର ଜଣାଇଛନ୍ତି ।



## ଉଜ୍ଜୟିନୀ ଓ ଓଁକାରେଶ୍ୱର ଦର୍ଶନରେ ଗଲେ ୧୯୭ ତୀର୍ଥଯାତ୍ରୀ



**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ବରିଷ୍ଠ ନାଗରିକମାନଙ୍କୁ ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭୂତି ଦେବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ଲାଗୁ କରାଯାଇଥିବା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ଆଜି କଟକ ଜିଲ୍ଲାର ବିଭିନ୍ନ ବ୍ଲକର ୧୯୭ଜଣ ବରିଷ୍ଠ ନାଗରିକ ଉଜ୍ଜୟିନୀ ଓ ଓଁକାରେଶ୍ୱର ଦର୍ଶନରେ ଯିବା ପାଇଁ ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୁଜାତା ପଟ୍ଟନାୟକ ପ୍ରମୁଖ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ପତାକା ଦେଖାଇ ଏହି ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ । ତୀର୍ଥଯାତ୍ରୀମାନେ ୫ଟି ବସ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି । ଆଜି ସକାଳ ୯ଟାରୁ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହଠାରେ ତୀର୍ଥଯାତ୍ରୀମାନଙ୍କର ପଞ୍ଜୀକରଣ ଆରମ୍ଭ ହୋଇଥିଲା । ସେଠାରେ ସେମାନଙ୍କର ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଦିନ ୩ଟା ୩୦ମିନିଟ ସମୟରେ ତୀର୍ଥଯାତ୍ରୀମାନେ ଯାତ୍ରା ଆରମ୍ଭ କରିଥିଲେ । ପ୍ରକାଶ ଥାଉକି, ଏହି ତୀର୍ଥଯାତ୍ରୀମାନେ ଆସନ୍ତାକାଲି ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ଉଜ୍ଜୟିନୀ ଓ ଓଁକାରେଶ୍ୱର ଅଭିମୁଖେ ଯାତ୍ରା କରିବେ । କଟକ ଜିଲ୍ଲାର ତୀର୍ଥ ଯାତ୍ରୀଙ୍କ ସହ ୬ଜଣ ଏସକଟ ଅଫିସର ଯାତ୍ରା କରୁଛନ୍ତି ।

## ଯୁବରେଡ଼କ୍ରସ୍ ଅଧିକାରୀ ସମ୍ମାନିତ

**ଚାରିଛକ:ଏକ୍ସପ୍ରେସ୍ ନ୍ୟୁଜ୍**

ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଯୁବରେଡ୍‌କ୍ରସ୍ କାଉନସିଲର ଡ଼ଃ ଶ୍ରୀଲେଖା ନାୟକଙ୍କୁ ପୁରୀ ଜିଲ୍ଲା ଯୁବରେଡ୍‌କ୍ରସ ୟୁନିଟ ତରଫରୁ ଖେଲାର ସ୍ଥିତ ବାଣିଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ତ୍ରୀ- ଦିବାସୀୟ ପ୍ରଶିକ୍ଷଣ ଶିବିରରେ ଶ୍ରେଷ୍ଠ କାଉନସିଲର ଭାବେ ସମ୍ମାନୀତ କରାଯାଇଛି । ଏହି ପ୍ରଶିକ୍ଷଣ ଶିବିରରେ ବିଭିନ୍ନ ମହାବିଦ୍ୟାଳୟମାନଙ୍କରୁ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପ୍ରଶିକ୍ଷଣ ଶେଷରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ସାମୂହିକ ନୃତ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ର ଯୁବରେଡ଼କ୍ରସ୍ ଅଧିକାରୀ ଏବଂ ସଫଳତା ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ସାଧୁବାଦ ଜ୍ଞାପନ କରିଛନ୍ତି ।

## ଜଳ ସଂଚୟ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କଟକ ଜିଲ୍ଲା ପୁରସ୍କୃତ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଜଳ ସଂଚୟ ଜନଭାଗିଦାରୀ ଅଧୀନରେ ଜଳ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କଟକ ଜିଲ୍ଲା ବର୍ଗ ୩ରେ ଜଳ ସଂଚୟ ଜନଭାଗିଦାରୀ ୧.୦ ବିଜେତା ହେବା ସହ ୨୫ଲକ୍ଷ ଟଙ୍କାର ନଗଦ ପ୍ରୋତ୍ସାହନ ରାଶି ହାସଲ କରିଛି । ଜଳ ସୁରକ୍ଷିତ ଭବିଷ୍ୟତ କ୍ଷେତ୍ରରେ ଜିଲ୍ଲାର ନେତୃତ୍ୱ ଓ ଦୃଷ୍ଟିକୋଣ କେବଳ ଜଳ ସଂରକ୍ଷଣ କ୍ଷେତ୍ରରେ ନୁହେଁ, ବରଂ ଲୋକଙ୍କ ଆଚରଣରେ ମଧ୍ୟ ପରିବର୍ତ୍ତନ ଆଣିପାରିଛି । ଏହି ଅବସରରେ ଜାତୀୟ ଜଳ ମିଶନର ଅତିରିକ୍ତ ସଚିବ ଏବଂ ମିଶନର ନିର୍ଦ୍ଦେଶିକା ଅର୍ଚ୍ଚନା ବର୍ମା ଜିଲ୍ଲାପାଳଙ୍କୁ ସାଧୁବାଦ ଜଣାଇବା ସହ ଜଳ ସଂଚୟ ଜନଭାଗିଦାରୀ ୨.୦ ଅଧୀନରେ ଦଶ ନିୟୁତ କୃତିମ ଜଳ ସଂରକ୍ଷଣ ଢ଼ାଞ୍ଚା ସୃଷ୍ଟି କ୍ଷେତ୍ରରେ ଥିବା ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ପୂରଣ ଦିଗରେ ଜିଲ୍ଲାର ସହଯୋଗ କାମନା କରିଛନ୍ତି ।

## ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ

**କୁଚିଣ୍ଡା:ଏକ୍ସପ୍ରେସ୍ ନ୍ୟୁଜ୍**

ଆଦିବାସୀ ସାମାଜିକ ଓ ସାଂସ୍କୃତିକ ପରିଷଦ ଓ ବାଳମତି ଦେହୁରୀ ନରସିଂ କଲେଜ୍‌ର ମିଳିତ ସହଯୋଗରେ ଆଦିବାସୀ ଭବନ ସଭା ଗୃହରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୧୨୪ ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଶିଷ୍ଟ ସମାଜସେବୀ ଓ ସାହିତ୍ୟିକ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଏବଂ ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ନବବାବୁଙ୍କ ସାଧୁତା ଓ ଦେଶ ପ୍ରତି ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଉଭୟ ନବବାବୁଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଅଣାଯାଇଥିବା ଓଡ଼ିଆ ଭାଷା ମାଧ୍ୟମରେ ରାଜ୍ୟ ଶାସନ, ବ୍ୟାପକ ନିଶା ନିବାରଣ ଓ ଭୂସଂସ୍କାର କାର୍ଯ୍ୟକ୍ରମକୁ ନିଷ୍ଠାପର ଭାବରେ ପାଳନ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଲେଜ୍‌ର ଅଧ୍ୟାପକ ଓ କର୍ମଚାରୀ ଅଧ୍ୟାପିକା ସଲିନ ପଟେଲ, ତନୁଶ୍ରୀ ଶେଠ୍, ପଲ୍ଲବୀ ତଣ୍ଡିଆ, ଉମାକାନ୍ତ ଛତ୍ରିଆ, ସୁଜିତ୍ ବେହେରା ଓ ସିପ୍ରା କଉଡ଼ି ପ୍ରମୁଖ ଭାଷଣ ଦେଇ ନବବାବୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ କଲେଜ୍‌ର ପୁରାତନ ଛାତ୍ରୀମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏଥିରେ ପରିଷଦର ଉପସଭାପତି ରମେଶ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ସୁଶ୍ରୀ ଆରତୀ ବାଦି ସଂଯୋଜନା କରିଥିଲେ । ଶେଷରେ ଡିଲେଶ୍ୱରି ମହାନନ୍ଦିଆ ଧନ୍ୟବାଦ୍ ଅର୍ପଣ କରିଥିଲେ । ଶେଷରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ ।

## ଆତ୍ମନିର୍ଭରଶୀଳ କାର୍ଯ୍ୟକ୍ରମରେ ବିଜେପିର ବହୁ ନେତା ଅନୁପସ୍ଥିତ

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ନିର୍ବାଚନ ମଣ୍ଡଳୀରେ ଦିନକୁ ଦିନ ତୀବ୍ର ହେଉଛି ବିଜେପିର ଗୋଷ୍ଠୀ କନ୍ଦଳ । ସରକାରୀ କାର୍ଯ୍ୟକ୍ରମ ହେଉ କି ହେଉ ଦଳୀୟ କାର୍ଯ୍ୟକ୍ରମ ନିଜ ଦଳର ପଂଚାୟତ ସ୍ତରୀୟ ନେତାଠୁ ଆରମ୍ଭ କରି ବ୍ଲକସ୍ତରୀୟ ନେତା ଅନୁପସ୍ଥିତ ରହୁଛନ୍ତି । ଯାହାର ଜ୍ୱଳନ୍ତ ଉଦାହରଣ କିଛି ଦିନ ହେଲା ଦେଖିବାକୁ ମିଳିଥିବା ବେଳେ ସ୍ଥାନୀୟ ବିଧାୟକ ଛବି ମଲିକଙ୍କୁ ବିରୋଧ କରୁଥିବା ନେତାମାନେ ଏବେ ବିଧାୟକଙ୍କ ପାଖେ ଯୋଡି ହୋଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ବେଳେ ବିଜେପିର ଆଗ ଧାଡ଼ିର ନେତା ଅନୁପସ୍ଥିତ ରହୁଛନ୍ତି । ଏହି ଘଟଣା ନିଆଳି ନିର୍ବାଚନ ମଣ୍ଡଳୀରେ ବିସ୍ଫୋରଣର ରୂପ ନେଇଛି । କଣ୍ଟାପଡା ବ୍ଲକ ବ୍ରାହ୍ମଣ ସାଇଲୋ ପଂଚାୟତ ସାଧୁ ଛକ କନ୍ଦଳ ନଦୀପଠାରେ ନିଆଳି ନିର୍ବାଚନ ମଣ୍ଡଳସ୍ତରୀୟ ଆତ୍ମନିର୍ଭରଶୀଳ କାର୍ଯ୍ୟକ୍ରମରେ ଖୋଲାଖୋଲି ବିଦ୍ରୋହର ସ୍ୱର ଉଠିଥିଲା । ଏହି କାର୍ଯ୍ୟକ୍ରମରେ ବାରଙ୍ଗ, କଣ୍ଟାପଡା ନିଆଳି ବ୍ଲକର ବିଜେପିର ଆଗ ଧାଡ଼ିର ନେତା ଓ କର୍ମୀ ଅନୁପସ୍ଥିତ ରହିଥିଲେ । ଯେଉଁ ଜାଗାରେ ଉକ୍ତ କାର୍ଯ୍ୟକ୍ରମ କରାଯାଉଥିଲା ସେହି ଜାଗା ପାଖରେ ଥିବା ସ୍ଥାନୀୟ ସରପଞ୍ଚ ନିଜ ଦଳର ସମର୍ଥିତ ସରପଞ୍ଚ ସଂଜୟ ରାଉତରାୟ ଓ ସମିତି ସଭ୍ୟ ବୁଧନାଥ ବେହେରାଙ୍କ ଅନୁପସ୍ଥିତି ବିଦ୍ରୋହର ମୂଳଦୁଆ ପଡିଥିଲା । ଏହି କାର୍ଯ୍ୟକ୍ରମରେ କଣ୍ଟାପଡା ବ୍ଲକ ଅଧ୍ୟକ୍ଷ ସୁଶ୍ରୀ ଜୀନା ଭୋଇ, ଉପାଧ୍ୟକ୍ଷ ଯଚିନ୍ଦ୍ର ବରାଳ, ସରପଞ୍ଚ ଅଭିଷେକ ମହାପାତ୍ର, ଇତିଶ୍ରୀ ବେହେରା, କୁନି ଭୋଇ, କେଦାର ରାୟ, ବରିଷ୍ଠ ବିଜେପି ନେତା ଦ୍ୱାରିକା ନାଥ ଦାସ, ଦିଲ୍ଲିପ କୁମାର ବେହେରା, ଉତାରଣ ସରପଞ୍ଚ, ନାହାଳପୁର ପଂଚାୟତର ସମିତି ସଭ୍ୟ ପ୍ରିୟବ୍ରତ ବେଉରା, ନିଆଳି ବ୍ଲକର ମଣ୍ଡଳ ସଭାପତି ବୃଷକେତୁ ସାମଲଙ୍କ ସହ ଅନ୍ୟ ତିନିଜଣ ମଣ୍ଡଳ ସଭାପତି ଅନୁପସ୍ଥିତ ରହିଥିଲେ । ନିଆଳି ଓ ବାରଙ୍ଗ ବ୍ଲକରୁ ଅନେକ ଆଗ ଧାଡ଼ିର ନେତା ଓ କର୍ମୀ ଯୋଗଦେଇ ନଥିଲେ । ଯାହା ଏବେ ସାରା ନିଆଳି ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚା ବିଷୟ ପାଲଟିଛି ।



ଏଠାରେ ସୂଚନା ଥାଉ କି କଣ୍ଟାପଡା ବ୍ଲକ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ବ୍ଲକ ଅଧ୍ୟକ୍ଷ ଉପାଧ୍ୟକ୍ଷଙ୍କୁ ଡକା ନଯିବା, ନିଆଳି ବ୍ଲକ କୁଣ୍ଡିମୁହଁ ସେତୁ ସଂଯୋଗୀ କରଣ ରାସ୍ତାର ଉଦଘାଟନି ଉତ୍ସବରେ ସ୍ଥାନୀୟ ବିଜେପି କର୍ମୀ ଅନୁପସ୍ଥିତ ରହିବା ଓ ରାତି ଅଧରେ ବିଧାୟକଙ୍କ ଫଳକ ଭାଙ୍ଗିବା କେଉଁଠି ନା କେଉଁଠି ବିଜେପିର ଗୋଷ୍ଠୀ କନ୍ଦଳର ପ୍ରତିଫଳନ ବୋଲି ଆଲୋଚନା ହେଉଛି । ଏମିତିକି ବିଜେପିର ଦଳୀୟ କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତିଙ୍କୁ ଡକା ନଯିବା ଓ ଦୀର୍ଘ ବର୍ଷ ହେଲା ବିଜେପିରେ କାମ କରୁଥିବା କର୍ମୀମାନଙ୍କୁ ଅଣଦେଖା କରିବା, ଅନ୍ୟ ଦଳରୁ ଆମଦାନୀ ହେଉଥିବା ନେତାଙ୍କୁ ବିଧାୟକ ଗୁରୁତ୍ୱ ଦେଇ ନିଜ ଦଳର ନେତାଙ୍କୁ ଅଣଦେଖା କରିବା ବିଜେପି ଗୋଷ୍ଠୀ କନ୍ଦଳର କାରଣ ପାଲଟିଛି । ଆଗକୁ ପଂଚାୟତ ନିର୍ବାଚନ ଆସୁଥିବା ବେଳେ ଦଳର ଗୋଷ୍ଠୀ କନ୍ଦଳ ବିଧାୟକଙ୍କ ପାଇଁ ସାମ୍ନାନର ପ୍ରଶ୍ନ ହେବ ।

## ଚନ୍ଦ୍ରପୁର ବ୍ଲକ ସଦର ମହକୁମାଠାରେ ଯୁଗ୍ମ ଅଭିଯୋଗ ଶୁଣାଣି

**ରାୟଗଡ/ଚନ୍ଦ୍ରପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ଚନ୍ଦ୍ରପୁର ବ୍ଲକସଦର ମହକୁମାସ୍ଥିତ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି । ରାୟଗଡା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲ୍ଲାପାଳ, ଦୁଧାଳ ଅଭିଷେକ ଦିଲ୍ଲିପ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସରୋଜିନୀ ଦେବୀ, ଚନ୍ଦ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ କାନ୍ତ ବଙ୍ଗାଳ, ତହସିଲଦାର ସୁନୀଲ, କୁମାର ପ୍ରଧାନ ସମିତି ଅଧ୍ୟକ୍ଷ କୋୟାନ କିମ୍ବାକା ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ ।

ଆଜି ମୋଟ ୪୫ଟି ଅଭିଯୋଗ ଅତିରିକ୍ତ ଜିଲ୍ଲାପାଳ ଗ୍ରହଣ କରିଥିଲେ । ସେଥିମଧ୍ୟରୁ ୨୬ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୧୯ଟି ଗ୍ରାମବାସୀଙ୍କ ସାମୂହିକ ଅଭିଯୋଗ ଥିଲା । ଏହି ଅଭିଯୋଗ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଆଜିର ଅଭିଯୋଗଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।

